[illegible]

[illegible]

[illegible]

Digitized by srujanika@gmail.com

ପ୍ରଥମ ପ୍ରକାଶ—
୧୯୭୧

ପ୍ରଚ୍ଛଦ ଶିଳ୍ପୀ—
ଶ୍ରୀ ଅସୀମ୍ ବସୁ

ଅଂଗସଜ୍ଜା—
ଶ୍ରୀ ଅସୀତ୍ ମୁଖାର୍ଜି

ପ୍ରକାଶକ—
ଇଉନାଇଟେଡ୍ ବୁକ୍ ହାଉସ୍,
ବାଲୁବଜାର, କଟକ-୨

ମୁଦ୍ରାକର—
ଶ୍ରୀ ବ୍ରଜମୋହନ ଦାସ,
ଉଗର ପ୍ରେସ୍, କଟକ-୧

ମୂଲ୍ୟ—
ବଂଧେଇ—ପାଞ୍ଚଟଙ୍କା
ଅବନ୍ଧା—ଚାରିଟଙ୍କା

Digitized by srujanika@gmail.com

ମୋ ଜୀବନ-ଯୁଦ୍ଧକ୍ଷେତ୍ରର ସୈନିକା-ସାଥୀ, ଆଦରଣୀୟା
ସହଧର୍ମିଣୀ 'ବକୁଳ୍' ହାତରେ........

ତମେ ଯେ ଆସିଲ ମନ୍ଦାକିନୀ ଗୋ,
ଧୂର୍ଜଟି-ଜଟା-ଆୟତନ !
ବିଦ୍ରୋହୀ ଗଳେ ତମେ ଯିଏ ଦେଲ
ବିଜୟ-ବହ୍ନି-କୁସୁମର ହାର
ପ୍ରୀତି-ଛଳ ଛଳ-ନୟନେ ।

ହସିଦେଲ ଯିଏ ମସୀ-ରେଖା ତଳେ
ମରୁ-ଜୀବନକୁ ଯିଏ ଭରିଦେଲ
ଜଳ ଫୁଲ-ଫଳେ
ତମେ ଯେ ଆସିଲ ପ୍ରାଣ-ଉପବନେ
ନବ-ବକୁଳର ଗନ୍ଧ;
ତମେ ଯେ ଜାଗିଲ ନବ-ସୃଷ୍ଟିର ଛଂଦ ।

ସଂତ୍ରାସୀ-ଅସି-ଧାର ତଳୁଆରେ
ବିଦ୍ରୋହୀ-କବି-କଲମର ଗାରେ
ତମେ ଯେ ଆସିଲ କୋଟି କ୍ଷୁରଧାର ଝଲକ;
କରି ଝକମକ ଲକ୍ଷ ଚକମକ
ମୁଖରିତ କରି ମରୁର ଧୂସର-ମୁଲକ ।

ଶାନ୍ତ-ଝଡ଼ର ପ୍ରାଣେ ହୁଂକାର, ଭଗ୍ନ-ବୀଣାର ତାରେ ଝଂକାର
ଜୀର୍ଣ୍ଣ-ଧନୁରେ ରଣ-ଟଂକାର
ତମପାଇଁ ସିନା ଜାଗିଛି;
କାପାଳିକ କରେ ଶାଣିତ କୃପାଣ, କାଳି ରଣଝଣ
ଚଣ୍ଡୀ ତା ପାଇଁ ସଦ୍ୟ-ଶୋଣିତ ମାଗିଛି ।

Digitized by srujanika@gmail.com

ମେଘ-ଆ-କୀର୍ଣ୍ଣ ଅଂବର ତଳେ
ଏଇ ସୃଷ୍ଟିର ଶେଷ-ଆଶା ଦୋଳେ
ପ୍ରଳୟର ଧ୍ୱଂସ-ଜ୍ୱାଳା ପର ବେଳେ
କ୍ଷୁବ୍ଧ ମୋ' ପ୍ରାଣ ଦଗ୍ଧ-ତଡ଼ିତୁ
ଏତେବେଳେ ଡାକେ ସଖୀ ରେ !
ଉଠ ସହଚରୀ ! ଡାକେ ମୋର ବେଣୁ
କାଳବଇଶାଖୀ ଚରଣର ରେଣୁ
ନିଜ ଭାଲପଟେ ମାଗି ରେ !!

ଏ ନୁହେଁଟରେ ସଖୀ, ପ୍ରୀତି-କବିତାର କୁସୁମ-ଗୁଚ୍ଛ
ଖାଲି ଧୂମକେତୁ-ଧୂମ୍ର-ପୁଚ୍ଛ
କାଳ-କଳମର ତପ୍ତ-ବେଦନା, ଲଭୁ ରେ·· ···
ଛିନ୍ନ-ହୃଦୟ-ଜବା ରେ !

ସେହି ଜବା-ଦଳ
ମଣ୍ଡନ କରୁ ତମ ଗଣ୍ଡତଳ
ଫିଟିଯାଉ ସଖୀ ସୂର୍ଯ୍ୟୋଦୟର ସରଣୀ,
ଫୁଟି ଉଠ ତମେ ଉଷାର ମୁକୁଳ,
ଭରିଦିଅ ତମ ଗନ୍ଧ, ବକୁଳ !
ଉଡ଼ାଇ ରକ୍ତ ଦୁକୂଳ ନବୀନ ରଂଗେ,
ମୋ' ଜୀବନାକାଶେ ସୁମଧୁର ହାସେ
ଆସ, ଉଠି ଆସ ଅରୁଣୀ,
ସୃଷ୍ଟି-ସୁଖର ନବ-ଉଲ୍ଲାସ ସଂଗେ !!

ତା ୨୯।୭।୬୧
ଭୋର୍

କବି ରବୀନ୍ଦ୍ରନାଥ ସିଂହ (୧୯୩୬—   )

Digitized by srujanika@gmail.com

ରବିବାସରୀୟ ସାହିତ୍ୟ ସଂସଦର ସାଧାରଣ ସଂପାଦକ ଥିବାବେଳେ ଦିନେ ସଂସଦର ଏକ ବୈଠକରେ କବି ଶ୍ରୀ ସିଂହଙ୍କ ସହିତ ପରିଚିତ ହେବା ଦିନଠାରୁ ତାଙ୍କର ସ୍ୱାମ୍ୟ ପ୍ରକୃତି କବିତା ପାଠ କରିବାର ସୌଭାଗ୍ୟ ମୁଁ ଲାଭ କରି ଆସିଛି । 'କବିତାଗୁଡ଼ିକୁ ଗ୍ରନ୍ଥାକାରରେ ପ୍ରକାଶ କଲେ ଭଲ ହୁଅନ୍ତା' ବୋଲି ଦିନେ କଥା ପ୍ରସଂଗରେ କହିପକାଇ ଥିଲି । ସେଥିପାଇଁ କବି କବିତାଗୁଡ଼ିକୁ ସଜାଇ ସଂପାଦନା କରିବାର ଦାୟିତ୍ୱ ମୋ ହାତରେ ନ୍ୟସ୍ତ କଲେ । 'ସେ ଯୋଗ୍ୟତା ମୋର ନାହିଁ' ବୋଲି ବାରଂବାର କହିଲେ ସୁଦ୍ଧା କବି 'ସେ ସବୁ ବାଜେ କଥା' ବୋଲି କହି ଉଡ଼ାଇ ଦେଲେ ।

ସେ ଯାହାହେଉ, ବର୍ତ୍ତମାନ ଏ ସଂପର୍କରେ ମୋର ବକ୍ତବ୍ୟ ହେଉଛି, କବିଙ୍କ ଜୀବନଧାରା ମୁଁ ଯେପରି ଭିତରେ ନିଜେ ଦେଖିଛି, ତାଙ୍କ କବିତା ତା'ଠୁଁ ଅଭିନ୍ନ । ସ୍ରୋତସ୍ୱିନୀର ଗତିପଥରେ ଜଳସ୍ରୋତ ଯେପରି ତା'ର ସ୍ୱାଭାବିକ ଛଂଦରେ ଗତିକରିଥାଏ, କବିଙ୍କ ଜୀବନରେ ତାଙ୍କ କବିତାସୃଷ୍ଟି ସେହିପରି ଏକ ଅତି ସ୍ୱାଭାବିକ ଓ ସ୍ୱଚ୍ଛନ୍ଦ-ସ୍ରୋତ । ତାଙ୍କ ଜୀବନର ଅହରହ ଦୁଃଖ-ଦୁର୍ଦ୍ଦଶାର ସଂଗ୍ରାମ ଭିତରେ ଏକମାତ୍ର କବିତା ସୃଷ୍ଟିହିଁ ତାଙ୍କୁ ପରମ ଆନନ୍ଦ ଓ ତୃପ୍ତି ଦେଇଥାଏ । ତାଙ୍କ କବିତାରେ ଆଧୁନିକତାର ଛଳନା ନାହିଁ । ସେ ଯାହା ନୁହଁନ୍ତି ତାହା ତାଙ୍କ କବିତାରେ ସ୍ଥାନ ପାଇନାହିଁ । ଜୀବନର ବାସ୍ତବତା ଓ ହୃଦୟର ଆବେଗକୁ ହିଁ ନିଷ୍ଠାର ସହିତ କବିତାରେ ଫୁଟାଇଛନ୍ତି ସେ । ତେଣୁ ତାଙ୍କର ସୃଷ୍ଟି ଭିତରେ ପ୍ରାଣର ପ୍ରାଚୁର୍ଯ୍ୟ ପରିଦୃଷ୍ଟ ।

ଜୀବନର ନିତିଦିନିଆ ସଂଘର୍ଷ ଭିତରେ ବ୍ୟକ୍ତି ଓ ସମାଜ-ଜୀବନରେ ଯେତେ ସବୁ ଅନ୍ୟାୟ-ଅନାଚାର କବି ଅଂଗେ ନିଭାଇଛନ୍ତି ତାହା ତାଙ୍କ

Digitized by srujanika@gmail.com

ଚିତ୍ତରେ ଯେଉଁ ବିଦ୍ରୋହ ସୃଷ୍ଟି କରିଛି, ତା'ର ଉପରେ ଭିତ୍ତି କରି କବି-କଂଠରୁ ଯେଉଁ ଜ୍ୱାଳାମୟୀ ଆଗ୍ନେୟ କବିତା ସବୁ ଝରିପଡ଼ିଛି ତନ୍ମଧ୍ୟରୁ କେତୋଟି ବାଛି ପ୍ରଥମ ବିଭାଗରେ ଦିଆଯାଇଛି । ଦ୍ୱିତୀୟ ବିଭାଗଟି କବିଙ୍କର କେତୋଟି ପ୍ରେମ-କବିତାର ସମାହାର । ସେହି ଦୃଷ୍ଟିରୁ ପ୍ରଥମ ବିଭାଗଟିକୁ 'ତାଣ୍ଡବ' ଓ ଦ୍ୱିତୀୟ ବିଭାଗଟିକୁ 'ଲାସ୍ୟ' ନାମରେ ନାମିତ କରାଯାଇଛି । ଏ ଦୁଇଟି ବିଭାଗ କବିଙ୍କ ଜୀବନର ଦୁଇଟି ପର୍ଯ୍ୟାୟର ସୂଚନା ଦିଏ । ଜୀବନ ଅନୁଭୂତିର ପରିବର୍ତ୍ତନ ସହିତ 'ତାଣ୍ଡବ' ପରେ ପରେ 'ଲାସ୍ୟ'ର ସଂଯୋଜନା ଓ ସୃଷ୍ଟି ସ୍ୱାଭାବିକ ଏବଂ ସୁନ୍ଦର ମଧ୍ୟ ।

'ତାଣ୍ଡବ' ଓ 'ଲାସ୍ୟ'ର ଛଂଦରେ ଛଂଦାୟିତ ଏ ସମସ୍ତ କବିତାରେ କବି ଯେଉଁ ସତ୍ୟ-ଶିବ ଓ ସୁନ୍ଦରର ଦ୍ୟୋତନା ଦେଇଛନ୍ତି ଏବଂ ସାଧନାର ଯେଉଁ ଆଦର୍ଶ ଥୋଇଛନ୍ତି, ସେ ଦ୍ୟୋତନାରେ ଜନ-ଚିତ୍ତ ସଂସ୍ପୃକ୍ତ ହେଉ, ସେ ସାଧନା ଜନ-ଜୀବନକୁ ଶୁଦ୍ଧ ଓ ସମୃଦ୍ଧ କରୁ, ଏହାହିଁ କାମନା ।

'ସ୍ୱପ୍ନେନ୍ଦୁ ଗୁପ୍ତ'

'ସ୍ୱପ୍ନଶ୍ରୀ'
ତିନକୋଣିଆ ବଗିଚା, କଟକ—୧
ତା ୩୦, ମେଁ, ୧୯୬୧

Digitized by srujanika@gmail.com

Allahabad
May 1, 1961.

These few faltering lines should not be mistaken for a cross-section of my 'critique' of the poetical works of Sri Rabindranath Singh. I have perhaps never been at a safe enough distance from the poet to be a critic of his worth the name. I write these lines in honour of one whom I have come to look upon as the Mayakovsky of my people.

Singh, the man is so very unassuming that it is not difficult to be duped into an oversight of the intrinsic and indwelling spirit of which his poetry is a direct, sincere and moving reflection. "Every poet would like, I fancy, to be able to think that he had some direct social utility", said Eliot while concluding his lectures on "The use of poetry and the use of criticism" in 1932-33 at the Harvard University. And almost simultaneously an echo of this thought was unconsciously struck by Mayakovsky— "What, then, are the necessary conditions for getting one's poetic work started ? 1. The existence of a social task that can be accomplished only throgh poetic work. There must be a social 'command'. Sri Rabindranath Singh composes poetry under the compelling urge of a social "command".

Digitized by srujanika@gmail.com

The social fabric of today is weak to the very foundations. It is tottering under our noses, and the prediction of its total ruination is a matter of mere commonsense. And yet, the conservation of values, and the eternal verities of life like "Truth, Beauty and Goodness" is imperative,—not just a cant of clap-trap got handy from the older folks. The poet in Singh challenges the existing 'world scheme', the cosmic principle, with the terms of an 'ultimatum' (Charam Patra). What right, asks he, has such a stagnating, moribund principle to survive in the face of the griping injustice and megalomania of a misspelt social order ? The poet is too impetuous and honest to rest content with a blast or two against the local high-priests of corruption. He directly attacks the demoniacal in the spiritual substratum of human existence, Between the covers of this book, therefore, poetry attains the high water-mark of a social mission. Here is poetry which will never outgrow its utility. Here is poetry which exists by virtue of the social function it fulfills. In the poet's own words, "My writings are not meant to rouse anyone's discontent nor are they dictated by the desire to appease anybody. My purpose consists in the declaration of a revolt against the orgy of all the immorality, corruption, bestiality, exploitation and oppression inherent in the present social mechanism."

But where is the 'society' that will applaud and take into its heart our Mayakovsky ? As

Digitized by srujanika@gmail.com

expected, the degraded and decrepit bourgeoisie is mad in disgust at his works, and the honest, truth-loving masses are yet not literate enough. The poet has, therefore, also to play the role of an active revolutionary. And in this, I have indeed been anticipated by the poet himself.

My salutations to the revolutionary poetry of this self-schooled genius of Utkal, for great and immortal is the poetry that rests firmly on a life lived in exotic fullness.

(Tribikram Pati)

B.A. (Hons), M.A., D. Phil., D.Sc.,

University of Allahabad.

Digitized by srujanika@gmail.com

ଅଲ୍ଲାହାବାଦ
୧ ମେଁ, ୧୯୭୧

ଏଇ କତିପୟ ବ୍ୟତିକ୍ରମକୁଳିତ ପଙ୍‌କ୍ତି ଗୁଡ଼ିକୁ ଶ୍ରୀ ରବୀନ୍ଦ୍ରନାଥ ସିଂହଙ୍କର କବିତାବଳି ଉପରେ ମୋର ବିଶ୍ଳେଷଣାତ୍ମକ ମନ୍ତବ୍ୟର ଏକ ବିକ୍ଷିପ୍ତ ଫଳକ ବୋଲି ମନେ କରିବା ଭ୍ରମାତ୍ମକ ହେବ । ମୁଁ ବୋଧହୁଏ ଯଥାର୍ଥ 'ସମାଲୋଚନା'ର ସ୍ରଷ୍ଟା ହେବା ନିମନ୍ତେ କବିଙ୍କଠାରୁ ଯେଉଁ ନିରପେକ୍ଷ ଦୂରତ୍ୱ ରକ୍ଷା କରିବା ଉଚିତ, ତାହା କେବେହେଁ ରକ୍ଷା କରି ପାରିନାହିଁ । ମୁଁ ଏଇ ଧୃଷ୍ଟପଦ ସେଇ ମହାଶୟଙ୍କ ସମ୍ମାନରେ ଲେଖୁଛି, ଯାହାଙ୍କୁ ମୁଁ ମୋ' ଜାତିର ମାୟାକୋଭସ୍କି ରୂପରେ ଦେଖେ ।

ସିଂହ ମହାଶୟ ମଣିଷ ହିସାବରେ ଏତେ ସରଳ ଓ ନିରାଡ଼ମ୍ବର ଯେ, ତାଙ୍କ ସହିତ ସାକ୍ଷାତ କରି ସୁଦ୍ଧା, ତାଙ୍କର କବିତା ଯେଉଁ ସୂକ୍ଷ୍ମ ତଥା ପ୍ରଚ୍ଛନ୍ନ ଆତ୍ମଶକ୍ତିର ଏକ ସୃଷ୍ଟି, ବିଶୁଦ୍ଧ ଏବଂ ପ୍ରାଣସ୍ପର୍ଶୀ ପ୍ରତିଛବି, ତାହାର ଅସ୍ତିତ୍ୱ ସମ୍ବନ୍ଧରେ ଅଜ୍ଞ ରହିବା ଅସମ୍ଭବ ନୁହେଁ । 'ମୁଁ କଳ୍ପନା କରୁଛି, ପ୍ରତ୍ୟେକ କବି ନିଶ୍ଚୟ ଏ କଥା ଭାବିବାକୁ ସମର୍ଥ ହେବା ଲାଗି ଉତ୍ସୁକ ହେଉଥିବେ ଯେ, ତାଙ୍କର କିଛି ନା କିଛି ପ୍ରତ୍ୟକ୍ଷ ସାମାଜିକ ଉପକାରିତା ରହିଛି,' ୧୯୩୨—୩୩ ମସିହାରେ ହାର୍ଭର୍ଡ୍ ବିଶ୍ୱବିଦ୍ୟାଳୟରେ ଏ କଥା କହିଥିଲେ କବି ଇଲିୟଟ୍ ତାଙ୍କ ଦ୍ୱାରା ପ୍ରଦତ୍ତ ଭାଷଣ 'କବିତାର ଆବଶ୍ୟକତା ଏବଂ ସମାଲୋଚନାର ପ୍ରୟୋଜନ' ଶୀର୍ଷକ ଉପସଂହାରର ମର୍ମରେ । ପ୍ରାୟ ଠିକ୍ ସେହି ସମୟରେ ଏଇ ଚିନ୍ତାଧାରାର ଏକ ପ୍ରତିଧ୍ୱନି ଅଜ୍ଞାତରେ ନିଜ ଲେଖାରେ ସନ୍ନିବେଶିତ କରିଛନ୍ତି ମାୟାକୋଭସ୍କି—"ତେବେ ନିଜ କବି ପ୍ରେରଣାର ଅଭିବ୍ୟକ୍ତିର ପ୍ରାରମ୍ଭ ନିମନ୍ତେ କବିଙ୍କ ଜୀବନରେ କି କି ଅନୁକୂଳ ପରିସ୍ଥିତିର ଆବଶ୍ୟକତା ରହିଛି ? ୧—ଏପରି ଏକ ସାମାଜିକ କର୍ତ୍ତବ୍ୟର ଅସ୍ତିତ୍ୱ ଯାହାର ସିଦ୍ଧି କେବଳ କବିତାର୍ ନିର୍ମିତିରେ ହୋଇପାରେ । ଏକ ସାମାଜିକ 'ଆଦେଶ' ଥିବା' ଗୃହ ।" ଶ୍ରୀ ରବୀନ୍ଦ୍ରନାଥ ସିଂହ ଏକ ସାମାଜିକ "ଆଦେଶ"ର ଅନିବାର୍ଯ୍ୟ-ଚେତନାର ବଶୀଭୂତ ହୋଇ ରଚନା କରିଛନ୍ତି—କବିତା ।

Digitized by srujanika@gmail.com

ଆଜିର ସମାଜ-ସୌଧର ମୂଳଦୁଆ ପର୍ଯ୍ୟନ୍ତ ଦୋହଲି ଯାଇଛି । ଆମ ଆଖିଆଗରେ ଏହା ପତନୋନ୍ମୁଖ, ଏବଂ ଯେ କୌଣସି ସାଧାରଣଜ୍ଞାନ ସଂପନ୍ନ ବ୍ୟକ୍ତି କର୍ଣ୍ଣକୁହରରେ ଏ ଭବିଷ୍ୟତ ବାଣୀ ଶୁଣାଇ ପାରନ୍ତି ଯେ, ଏହାର ପୂର୍ଣ୍ଣ ନିଃଶେଷ ଅବଶ୍ୟମ୍ଭାବୀ । କିନ୍ତୁ ତଥାପି 'ସତ୍ୟ-ଶିବ ଓ ସୁନ୍ଦର', ମାନବ ଜୀବନର ଯାହାକି ନିତ୍ୟ-ସନାତନମାନ, ତାର ସଂରକ୍ଷଣ ଏକ ଅଲଂଘନୀୟ କର୍ତ୍ତବ୍ୟ,—ଏହା କେବଳ କେତେକ ବୟୋବୃଦ୍ଧଙ୍କ ଠାରୁ ଶୁଷ୍କ ଆକାରରେ ପ୍ରାପ୍ତ ବାକ୍ୟ-ଗୁରୁତ୍ୱ ନୁହେଁ । ସିଂହ ମହାଶୟଙ୍କର କବି-ହୃଦୟ ବର୍ତ୍ତମାନର ଜାଗତିକ-ନିର୍ମମତା, ବିଶ୍ୱ-ଗ୍ଲାନି, ଏବଂ 'ଚରମ ପତ୍ର'ର ସହିତରେ ମୁକାବିଲା କରିବାକୁ ଯାଇଛନ୍ତି, ତାଙ୍କର ପ୍ରଶ୍ନ—'ଏକ ବର୍ଣ୍ଣାଶ୍ରିତ ଦୁଷ୍ଟ ସମାଜର ନିଷ୍ପେଷଣକାରୀ ବ୍ୟଭିଚାରର ସାମ୍ନାରେ ଏଭଳି ଏକ ବଦ୍ଧ-ଜଳାଶୟବତ୍ ପୂତିଗନ୍ଧମୟ ନିର୍ଜୀବ-ଜୀବନର ବଂଚି ରହିବାର କି ଅଧିକାର ଅଛି ?' କବିଙ୍କର ସାଧୁତା ଓ ଉଦ୍‌ବିଗ୍ନତା ଏତେ ପ୍ରବଳ ଯେ, ବ୍ୟଭିଚାରର ସ୍ଥାନୀୟ ପୃଷ୍ଠପୋଷକମାନଙ୍କ ବିରୁଦ୍ଧରେ ଥରେ ଅଧେ ଆକ୍ରମଣ କରିଦେଇ ସନ୍ତୁଷ୍ଟ ରହିବା ତାଙ୍କ ପକ୍ଷରେ ଅସମ୍ଭବ । ମାନବୀୟ ଅସ୍ତିତ୍ୱର ଆଧ୍ୟାତ୍ମିକ ଅନ୍ତଃସ୍ତରରେ ଯେଉଁ ଦାନବୀଶକ୍ତି ଲୁଚି ରହିଛି, ସେ ତାହାରି ବିରୁଦ୍ଧରେ ଏକ ମୁହାଁ-ମୁହିଁ ସଂଗ୍ରାମର ଡାକରା ଦେଇଛନ୍ତି । ଏହି ପୁସ୍ତକର ଛନ୍ଦୋବଦ୍ଧ ମଧ୍ୟରେ, ତେଣୁ, କବିତା ସାମାଜିକ ଅଭିଯାନର ବୈଶିଷ୍ଟ୍ୟରେ ସବଳୀକୃତ ହୋଇଅଛି । ଏ କବିତାର ପ୍ରେରଣା ଜନଗଣତାର ଅନ୍ତର୍ନାଦ । ଏ କବିତାର ଅସ୍ତିତ୍ୱ ଏହାର ସାମାଜିକ-କାର୍ଯ୍ୟକାରିତା ବଳରେ । କବିଙ୍କ ନିଜ ଭାଷାରେ—"ମୋର ଏ ଲେଖା କାହାକୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ନୁହେଁ କି କାହାକୁ ଅସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ନୁହେଁ । ଏହାର ଉଦ୍ଦେଶ୍ୟ, ଆଜିର ଦୁନିଆରେ ଚାଲିଥିବା ଶୋଷଣ, ଉତ୍ପୀଡ଼ନ, ବ୍ୟଭିଚାର, ପଶୁତା ଆଦି ବିରୁଦ୍ଧରେ ବିଦ୍ରୋହ ଘୋଷଣା ।"

କିନ୍ତୁ ସେପରି ସମାଜ କାହିଁ, ଯାହା ଆମର ମାୟୋକୋଭସ୍କିଙ୍କୁ ଅଭିନନ୍ଦନ ସହ ଆନ୍ତରିକ ସ୍ୱାଗତ ଜଣାଇବ ? ସେପରି ଆଶଙ୍କା କରିବା ସ୍ୱାଭାବିକ, ଭ୍ରଷ୍ଟାଚାରୀ ମୃତପ୍ରାୟ 'ବୁର୍ଜୁଆ' ଙ୍କ ଲେଖନୀ ବିରୁଦ୍ଧରେ ପାଗଳ ପରି ବିରକ୍ତ ଏବଂ ଅପରପକ୍ଷରେ ସତ୍ୟପ୍ରିୟ, ନିଷ୍ପେଷିତ ଜନସାଧାରଣ ଅଦ୍ୟାବଧି ଯଥେଷ୍ଟ ସାକ୍ଷର ନୁହନ୍ତି । ସେଥିଲାଗି କବିଙ୍କୁ ଜଣେ ସକ୍ରିୟ ବିପ୍ଳବୀ ହେବାକୁ ପଡ଼ିବ । ଏ କଥା ଲେଖିଲି ବେଳେ ମନେ ପଡ଼ୁଛି, କବି ଠିକ୍ ଏହିପରି ବିଚାର ଦ୍ୱାରା ଚାଳିତ ହୋଇ ଜଣେ ସକ୍ରିୟ ବିପ୍ଳବୀ ହୋଇ ସାରିଛନ୍ତି ।

Digitized by srujanika@gmail.com

ଉତ୍କଳର ଏଇ ଆତ୍ମ-ବିସ୍ମୃତ ପ୍ରତିଭାଙ୍କର ବୈପ୍ଳବିକ କବିତାବଳୀକୁ ମୁଁ ସ୍ୱାଗତର ଅର୍ଘ୍ୟ ଦେଇ ଅଭିନନ୍ଦନ କରୁଛି, କାରଣ, ଯେଉଁ କବିତା ସାଧନାମୟ ଜୀବନର ପୂର୍ଣ୍ଣତା ଉପରେ ସୁଦୃଢ଼ ଭାବରେ ପ୍ରତିଷ୍ଠିତ, ତାହା ମହତ୍ତ ଓ ଶାଶ୍ୱତ ମଧ୍ୟ ।



ବି.ଏ. (ଅନର୍ସ) ଏମ୍.ଏ., ଡି.ଫିଲ୍, ଡି.ଏସ୍-ସି.,
ବିଶ୍ୱବିଦ୍ୟାଳୟ, ଆଲ୍ଲାହାବାଦ ।

Digitized by srujanika@gmail.com

ଝାଞ୍ଜିରିମଙ୍ଗଳା, କଟକ-୧
୧୫ ଅଗଷ୍ଟ, ୧୯୭୨

"ବନ୍ଧୁ ହେ, ଆଉ କହିବ ପାରୁନ, ବଡ଼ ବିଷ-ଜ୍ୱାଳା ଏଇବୁକେ,
ଦେଖି ଶୁଣି ଆଜ ଉତ୍‌କ୍ଷିପ୍ତ ମୁଁ, ସେଥିଁ ଯା ଆସେ କହେ ମୁଖେ,
ରକ୍ତ ଝରାଇ ପାରୁନାହିଁ ଏକା,
ସେଥିଁ ଲେଖେ ଏ ରକ୍ତର ଲେଖା,
ବଡ଼ କଥା ବଡ଼ ଭାବ ଆସେନାହିଁ ମଥାରେ ବନ୍ଧୁ, ବଡ଼ ଦୁଖେ !
ଅମର କାବ୍ୟ ଲେଖିଯାଅ ତମେ, ବନ୍ଧୁ, ଯେମାନେ ଅଛ ସୁଖେ !"

—କାଜି ନଜରୁଲ୍ ଇସ୍‌ଲାମ୍

ଦୀର୍ଘ ଦିନର ଗର୍ଭ-ବେଦନା ଉପଶମର ସ୍ୱର୍ଣ୍ଣଦିନ ଆଜି ।

ଆଜି 'ଚରମ ପତ୍ର'ର ପାଣ୍ଡୁଲିପି ମୁଦ୍ରିତ-ଗ୍ରନ୍ଥରୂପରେ ମୋର ଅସଂଖ୍ୟ କାବ୍ୟ-ରସ-ପିପାସୁ ପାଠକ-ପାଠିକାଙ୍କ ସମ୍ମୁଖରେ ଉପସ୍ଥାପିତ ହେବାକୁ ଯାଉଛି । ଏହି ଅବକାଶରେ କବିତାଗୁଡ଼ିକର ସ୍ରଷ୍ଟା ହିସାବରେ ମୋର ପଦେ-ଅଧେ କିଛି କହିବାର କଥା । କିନ୍ତୁ କ'ଣ ଯେ କହିବି, ଠିକ୍ ସ୍ଥିର କରିପାରୁ ନାହିଁ । କାରଣ, ମୋ ଅନ୍ତର୍ଦ୍ୱନ୍ଦ୍ୱର ବାହକ ମୋର କବିତା-ଗୁଡ଼ିକ । ସେହିମାନେ ହିଁ ମୋ' ସଂଗ୍ରାମର ତରବାରି, ତୃଷାର ପାନୀୟ, ଦୀର୍ଘପଥ ଅତିକ୍ରାନ୍ତ ପରେ ବିଶ୍ରାମର ସୁଶୀତଳ ଘନ-ଛାୟା ।

ଜୀବନ, ସମାଜ, ସୃଷ୍ଟି, ସ୍ରଷ୍ଟା ପ୍ରଭୃତିଙ୍କ ବିରୁଦ୍ଧରେ ମୋର ଅଭିଯୋଗ ନିହିତ ଅଛି । ଦୀନତା, ଷଣ୍ଢତା, ଅମାନବିକତାପୂର୍ଣ୍ଣ ଦୁନିଆକୁ ଭେଦ୍ କରି ଆ-ଜନ୍ମରୁ ମୁଁ ଘୂରିବୁଲୁଛି ଏକ ଉପଗ୍ରହ ଆକାରରେ । ସେହି ଘୂର୍ଣ୍ଣନର ଭୌଁ ଭୌଁ ଶବ୍ଦ ହେଉଛି ମୋ' କବିତାଗୁଡ଼ିକର ଆତ୍ମା । ସୁଦୁର୍ଗମ କକ୍ଷ ପଥରେ ଶବ୍ଦର ଗତିକୁ ପଛରେ ପକାଇ ଗତିକଲାବେଳେ ନିଜ ଘୂର୍ଣ୍ଣନର ଶବ୍ଦ ନିଜେ ଶୁଣିବାକାଳରେ ଶତ ଅନିଶ୍ଚିତତା ସତ୍ତ୍ୱେ ମନରେ ଏକ ଅଜଣା ଇସ୍ପାତ୍-ଦାମ୍ଭିକତା ଆସେ—ଆତ୍ମପକ୍ଷ ସମର୍ଥନ କରିବାର ଅମିତ ଶକ୍ତି ଏବେ ବି ମୋ'ଠାରେ ବିଦ୍ୟମାନ !

ଯାହାର ଜୀବନ ଏକ ମୁସାଫିର୍‌ର ଜୀବନ, ସୁଖ-ଦୁଃଖର ଦୁଇକୂଳ ମଧ୍ୟରେ ଯିଏ ଏକ ପ୍ରବଳ ସ୍ରୋତର ବାଉ, ନିଜର ବେଗରେ ଜନ୍ମ-ଶିଖର

Digitized by srujanika@gmail.com

ଠିକ୍ ଯାହାର ଅନୁକ୍ରମ ଯାହା, ଜନ୍ମର ଠିକ ପରେ ପରେ ନିଜର ବାସ ଘାଟର ଚିର-ପ୍ରବାସ, ଶିଶୁ-ଜନନୀର କୋଳରେ ଯେଉଁ ପଳାତକ ଶିଶୁର ଜନ୍ମ, ମଧୁର ବଂଶୀ-ସ୍ୱନରେ ନିଜର ଜନନୀକୁ ଭୁଲି ମୃଗଶିଶୁ ଯେପରି ପଥହରା ହୁଏ, ଝରଣାର କୁଳୁ କୁଳୁ ଶବ୍ଦ ଶୁଣି ଯେଉଁ ପଥରେ ଧାବିତ ହୁଏ ଶଶକଦଳ, କେଉଁ ଅଜଣା-ଗ୍ରହରୁ ଛିଡ଼ି ଆସି ପିଏ ଉଲ୍କାବିନ୍ଦୁ ଅତିକ୍ରମ କରି ଗ୍ରହନକ୍ଷତ୍ର ସୌରଲୋକର ସୋପାନ ପରେ ସୋପାନ; ତା'ର ଜୀବନର ଅମ୍ଳଲିପି ସ୍ୱରୂପ ଯେପରି ଏ କବିତାଗୁଡ଼ିକୁ ଧରି ନିଆଯାଏ, ତାହେଲେ କିଛି ଭୁଲ୍ ହେବ ନାହିଁ । ତେଣୁ ମୋର ଏ ଲେଖା କାହାକୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ନୁହେଁ କି କାହାକୁ ଅସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ନୁହେଁ । ଏହାର ଉଦ୍ଦେଶ୍ୟ, ଆଜିର ଦୁନିଆରେ ଚାଲିଥିବା ଶୋଷଣ, ଉତ୍ପୀଡ଼ନ, ବ୍ୟଭିଚାର, ପଶୁତା ଆଦି ବିରୁଦ୍ଧରେ ବିଦ୍ରୋହ ଘୋଷଣା ।

କବିତାଗୁଡ଼ିକ ପୂର୍ବରୁ 'ନବଜୀବନ', 'ଝଙ୍କାର', 'ଆସନ୍ତାକାଲି', 'ସମାଜ', 'ଗଣତନ୍ତ୍ର', 'ମାତୃଭୂମି', 'ସମାବେଶ' ପ୍ରଭୃତି ପତ୍ର-ପତ୍ରିକାରେ ପ୍ରକାଶ ପାଇ ସାରିଛି । ବିପର୍ଯ୍ୟସ୍ତ କବିତାଗୁଡ଼ିକୁ ସଜାଇ ସଂପାଦନା କରିଛନ୍ତି ମୋର ସାହିତ୍ୟିକ ବନ୍ଧୁ 'ସ୍ୱପ୍ନେନ୍ଦୁ ଗୁପ୍ତ' । ପ୍ରଚ୍ଛଦ ଅଙ୍କନ କରିଛନ୍ତି ମୋର ଦରଦୀ ବନ୍ଧୁ ବିଖ୍ୟାତ କଳାକାର ଶ୍ରୀ ଅସୀମ ବସୁ । କବିତା ଗୁଡ଼ିକ ଉପରେ ନିଜର ସୁଚିନ୍ତିତ ମନ୍ତବ୍ୟ ଲିଖିତ ଆକାରରେ ଦେଇଥିବାରୁ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଶିକ୍ଷାବିତ୍ ବନ୍ଧୁ ଡଃ. ତ୍ରିବିକ୍ରମ ପତିଙ୍କୁ ଅଭିନନ୍ଦନ ଜଣାଉଛି । ମୁଦ୍ରଣର ଦୁଃସାହସିକ ଭାର ବହନ କରି ପ୍ରକାଶକ ବନ୍ଧୁ ଯଥେଷ୍ଟ ଉଦାରତାର ପରିଚୟ ଦେଇଥିବାରୁ ତାଙ୍କୁ ମଧ୍ୟ ଅନ୍ତରର କୃତଜ୍ଞତା ଜ୍ଞାପନ କରୁଛି ।

Digitized by srujanika@gmail.com

ତାଣ୍ଡବ

ଚରମ ପତ୍ର

ଶୋଭାଯାତ୍ରା

ମୃତ-ସୂର୍ଯ୍ୟର କବିତା

କୈଫିୟତ୍

ଏଇ ଧରଣୀର ଲଲାଟେ

ବହିଷ୍କାରଣ

ଫେରାଇ ଦିଅରେ, ଦିଅ

ଆମେ ଦୁହେଁ

ଆଗମନୀ

ସ୍ୱପ୍ନ ଓ ସ୍ୱାଧୀନତା

ପରୀକ୍ଷା

ସ୍ୱପ୍ନ ଓ ମୃତ୍ୟୁ

ଅଭିମନ୍ୟୁ

ତମପାଇଁ

ନବୀନ-ଆଶାର ବନ୍ୟା

ପ୍ରଣାମ କରେ କବି

ଅସଂଲଗ୍ନ

ପାର୍ଥକ୍ୟ

ନଭେମ୍ବର ସାତ

ମହା-ଜାତକ

ନବ-ସୃଷ୍ଟିର ପଥେ

ପିପାସା

ଗୀତାବଳୀ

ସ୍ୱାଗତିକା

Digitized by srujanika@gmail.com

ମୃତ୍ୟୁର ସପକ୍ଷେ
ସ୍ୱପ୍ନ
ପରିଚୟ
ମୃତ-ଘୂର୍ଣ୍ଣିର ଅନୁଲିପି
ଆବର୍ତ୍ତନ
ଇସ୍ତାହାର
ଆବିଷ୍କାର
ଗୋଟିଏ ରାତ୍ରି
କଥନ
ନଷ୍ଟ-ସୃଷ୍ଟିର କବିତା

।
ଲୀ
ଳୟ
।

ଅଂକୁରୋଦ୍‌ଗମ
ଅଚନ୍ତୁଗାମୃ
ଅସ୍ୱୀକାର
ଅବ୍ୟକ୍ତ
ଅନୁଭବ
ବ୍ୟତିକ୍ରମ
ପ୍ରତୀକ୍ଷା

Digitized by srujanika@gmail.com

ଅର୍ଜୁନ

Digitized by srujanika@gmail.com

॥ ଚରମ ପତ୍ର ॥

ଚରମ ପତ୍ର ଦେଲି ଭଗବାନ, ଚରମ ପତ୍ର ଘେନ !
ଆଗାମୀ ଚବିଶଘଂଟା ଭିତରେ
ଆଗାମୀ କାଲିର ଏଇ ପ୍ରଭାତରେ
ଖାଲିକର ତମେ ଗୋଲୋକ-ସିଂହାସନ···
ଘେନ ଭଗବାନ, ଚରମ ପତ୍ର ଘେନ !!

ଛାଡ଼ିଦିଅ ତମ ହାତରୁ ବିଶ୍ୱ-ଶାସନ-ଦଂଡ଼, ଡୋର !
ନହେଲେ କରିବ ଅତି ନିର୍ମମେ ତମରି ଆୟୁଷ ଶେର ।
ତମରି ଛିନ୍ନ 'ଅନଂତ' ଶିର ଅଂତ କରିବ ସିନା,
ତମ ମନ୍ଦିର ଚୂଡ଼ାରେ ଉଡ଼ିବ ମହା-ଧ୍ୱଂସର ବାନା ।
ବେଳ ଥାଉଁ ଥାଉଁ ଖାଲି କରିଦିଅ ଗୋଲୋକ-ସିଂହାସନ,
ଘେନ ଭଗବାନ, ଚରମ ପତ୍ର ଘେନ !!

ଉଦୟ-ଶୈଳ୍ୟ କପରି ପଶିଲା ଅସୁର ସମ୍ରାଟ୍ ?
କହ ଭଗବାନ, ସୃଷ୍ଟି ହୋଇଲା ଆଜ ଏ କି ବିଭ୍ରାଟ !
ଜୀବନ ଉପରେ ମରଣଠା କଲା କିଆଁ ପରବାନା ଜାରି ?
ଶାନ୍ତିର ନୀଡ଼େ ଉଠିଲା କାହିଁକି ଯୁଦ୍ଧର ତରବାରି ?
ଜାନୁଆର୍ ଆଜ ଦଖଲ କରିଲା କିଆଁ ମଣିଷର ଥାନ ?
ସୃଷ୍ଟି ଭିତରେ ଧ୍ୱନିତ କିଂପା ଧ୍ୱଂସର ମହା-ଗାନ ?
କହହେ ସ୍ରଷ୍ଟା, କହ !
ଜୀବନର ଘର ଆଜ, କିଆଁ ଦୁର୍ବହ ?

ଅତି ଗତିଶୀଳ ଏଇ ପବିତ୍ର ମାନବର ମହା-ଧାରା,
ମରେ ତଳ ତଳ—ସମ୍ମୁଖେ ଦେଖି ବିଶାଳ ମରୁର କାରା ।

Digitized by srujanika@gmail.com

ମାନବିକତାହା ଗଲା କେଉଁ ପଥେ ? କହ କହ ଭଗବାନ !
ଶୁଣିଛ କି ତମେ ତା'ର ମହାପ୍ରୟାଣ-ଆତ୍ମାର କ୍ରନ୍ଦନ ?
ନାହିଁ ନାହିଁ, ତମେ ମାନବିକତାରେ ଦେଖିପାରିନାହିଁ, ଅନ୍ଧ !
କ୍ଷମତାର ମଦେ-ମତ୍ତ, ତମର ଚକ୍ଷୁ-ଯୁଗଳ ବନ୍ଧ ।
ତମେ ଜଡ଼, ତମେ ସ୍ଥାଣୁ, ଅଥବା, କ୍ଷୟଶୀଳ ଏକ ଦୀପ,
କାହିଁକି କରିବ ଏ ମହା-ମାନବ ତମ ଆରାଧନା,
କାହିଁକି ବା ଦେବ ଭକ୍ତି-ସନ୍ଧ୍ୟାରେ ତମରି ନାମରେ ଧୂପ ?

ଶୁଣ ଭଗବାନ, ମାନବିକତାହା ପଳାଇ ଯାଇନି କାହିଁ !
ତମ ସୃଷ୍ଟିର ଧ୍ୱାନ୍ତ-ପଥରେ ଆପଣାର ରଥ-ବାହି !—
ଗତକାଲବେଳେ, ଅସୀମ-ବେଦନା, ଦଂଶନ ବୁକେ ଧରି,
ତମରି ସୃଷ୍ଟି ସୀମାରେ ଭେଟିଲା ପୁନର୍ବାର ସେ
ରକ୍ତ-ଲୋଲୁପୀ ପଶୁତାର ମହାମାରୀ ।
'ଝୁଲିବ କାହିଁକି ଅରି-ଖଞ୍ଜରେ † ଜୀବନ-ଜବାର ଦଳ ?
ଆତ୍ମ-ମରଣ କରିବା ବରଣ ତା' ଠାରୁ ନୁହେଁକି ଭଲ ?'
ଏଇ ଦର୍ଶନ-ଇଙ୍ଗିତେ ରଥୀ ଆପଣାର ଚଉଧାରେ,
ଜଳାଇଲା ମହା-ନିର୍ବାଣ-ନିଆଁ ବିଜୟ-ଉଲ୍ଲାସରେ ।

ଏଇଯେ ଗଡୁଛି ଦଗ୍ଧ-ଶବ ତା', ସୃଷ୍ଟି-ସୀମାରେ ତବ !
ତମରି ଅଚଳ-ଚକ୍ର ତଳାଡୁ
ଶୁଭେ ଘନ ଘନ ସ୍ୱେଚ୍ଛାଚାରର ଅଙ୍କୁଶହୀନ
ଶାସନର କଳରବ ।

ଯଦି ଭଗବତ-ସତ୍ତା ସରିନି ତମଠାରୁ ଭଗବାନ,
ପ୍ରତିଟି ମାନବ ଅନ୍ତରେ ପୁଣି ଦେଇପାରିବ କି
ମାନବିକତାରେ ନୂତନ-ଜୀବନ-ଦାନ ?

---

†ଖଞ୍ଜର—ଅସ୍ତ୍ର ।

Digitized by srujanika@gmail.com

ଯେଉଁମାନେ କଲେ 'ଭଗବାନ' ରୂପେ ତମକୁ ନିର୍ବାଚିତ,
ସେହିମାନେ ଏବେ ଘୃଣ୍ୟ, ଅଧମ, ସେମାନେ ନିର୍ଯାତିତ !
ଶସ୍ତାରେ ଆଉ କହ କେତେ ଦିନ
ବୋଲାଇବ ଏଇ ମହା-ବିଶ୍ୱର 'ପିତା' ?
ଜନ୍ମୁଥିବା ବେଳେ ଅକାତରେ କେତେ
ଅକାଳରେ କେତେ
କେତେ ମରଣର ଚିତା !

ତମ ସୃଷ୍ଟିର ଆଇନ୍-କାନୁନ୍ ଫେଲ୍ ମାରନ୍ତି ସବୁ ?
ତା' ନହେଲେ ଦଳେ 'ଶଳା-ଶାଳୀ' ହେଲେ
ଦଳେ ହୁଅଂତେ 'ବାବୁଆଣୀ' ଆଉ 'ବାବୁ ?'

ଭଗବାନ, କେବେଁ କରିଛ କଳନା,
ଜନନୀ, ଭଗିନୀ,କନ୍ୟା, ଲଳନା
ତମ ସୃଷ୍ଟିର ବଜାରେ ପଣ୍ୟ ରୂପେ ବିକ୍ରୟ ହେବା ?
ଜଠରେ ଜଳେ ବା କ୍ଷୁଧାର ଅନଳ
ନିଜ ମାଂସ କେ ବିକେ ପଳ ପଳ
କିଏ ଗଡ଼େ, କିଏ ସଡ଼େ ଢଳ ଢଳ !
ଚୁଲିପରେ କା'ର ଯାଏନି ଆଠିକା,
କିଏ ଖୋଜି ବୁଲେ ହଜମୀ-ବଟିକା
ତନୁରେ ତନୁରେ ଶୋଷଣ-ସାଞ୍ଜୁ-ଝୁଲେ···
ମୃତ୍ୟୁର ପଦେ ଜୀବନର ତାଜ୍ ଢଳେ !!

ଅପର ଶ୍ରମର ଲୁଂଠନ ଯେବେ ସୃଷ୍ଟି-ନିୟମ କର,
କୋଟିଏ କୁଟୀର ଧୂଳିସାତ୍ କର
ଗୋଟିଏ ସଉଧ ଊର୍ଦ୍ଧ୍ୱେ ଟେକିବା ଶିର,
କୋଟିଏ ଶିଶୁର ଦଂଗେଟି ଲୁଟିବା
ଜୀବନର ନବ ପହିଲି ସକାଳୁ
ମରଣର ନୀଳ-ଦେହଳି ଭେଟିବା

Digitized by srujanika@gmail.com

ସୃଷ୍ଟିରେ ତବ ଯେବେ ସମ୍ଭବପର,
'ଭଗବାନ' ରୂପୀ ହେ ପିଶାଚ, ବର୍ବର !

ଶାସକ-ଶାସିତ, ଶୋଷକ-ଶୋଷିତ ତମର କୀର୍ତ୍ତି ସିନା,
ତମ ବାଂଧବୀ ଅଛେ ଚଂଚଳା, ଆନ ବାଂଧବୀ ଦୀନା !
କହିବକି ଥରେ, କହିବକି ଭଗବାନ !!
ଏଇ କ୍ଷେତ୍ରରେ କିଏ ଦେବ କହ ତୁମକୁ ହେ ସମ୍ମାନ ?
କି କଥା ବା ଅଛି, କଅଣ କହିବ ?
ତମେ ଥିବାଯାଏ ଦୁଃଖ ନ ଯିବ
ଦୀନ-ଦୁନିଆର ପୁଣି ଏକ ନୂଆ-ଦୀନ-ବାଂଧବ ଲୋଡ଼ା,
ଯୁଗ୍ମ-ଲୋଚନ ଦେଖ ଥରେ ଫେଇ,
ସେଥିପାଇଁ ତମ ସମ୍ମୁଖେ ମୁହିଁ
ନର୍ତ୍ତନ-ପ୍ରିୟ କୋଶ-ମୁକ୍ତ ମୋ ତରବାରୀ ନେଇ
ଦର୍ପେ ହୋଇଛି ଛିଡ଼ା !

ମୁଁ ଜଗଣବର
ତମରି କବର
ତମରି ହାତର 'ସୁ-ଦର୍ଶନ' ମୁଁ, ମାତାଲ୍ ହୋଇଛି ଆଜି;
ତମରି ଶଂଖ
ଆଜି ମୁଁ ଉଠିଛି
ତମ ସୃଷ୍ଟିର ଅବସାନ-ସୁରେ ବାଜି ।

ତମରି ହାତର ଗଦା-ପଙ୍କଜ, ଶଂକା ମୁଁ ତମ ମନେ,
ଚରମ ପନ୍ଥେ ସ୍ୱାକ୍ଷର ଦିଏ ବ୍ୟଥିତ, କ୍ଷୁବ୍ଧ-ମନେ ।
ଅମରାବତୀର ବ୍ୟସନ-ବିଳାସ
କରିଦେଇ ଶେଷ
ସବୁ ନିଃଶେଷ
ଗିଳିଲି ମରଣ
ରଚିବି ମୋ' ଗ୍ରାସ

Digitized by srujanika@gmail.com

'ଭଗବାନହୀନସୃଷ୍ଟି' କରିବ ସିନା,
ଅନ୍ୟପନ୍ଥା ନାହିଁ ଭଗବାନ, ପଦତ୍ୟାଗର ବିନା !

ଚରମ ପତ୍ର ଦେଲି ଭଗବାନ, ଚରମ ପତ୍ର ଘେନ !
ଆଗାମୀ ଚବିଶଘଂଟା ଭିତରେ
ଆଗାମୀ କାଲିର ଏହି ପ୍ରଭାତରେ
ଯେବେ ନଛାଡ଼ିବ ଗୋଲୋକ-ସିଂହାସନ, —
ଶିରୁ ଅବୟବ ଛିନ୍ନ କରିବ, କରିବ ମୋ ତରବାରି,
ତମରି ଅଂକ-ଶାୟିନୀ ଦଳର କର-କଂକଣ
ପଦାଘାତେ ଦେବି ଚୁରି ।

ମହା-ମୁକ୍ତିର ଆଜି ତ ସ୍ୱର୍ଣ୍ଣ-ଦିନ,
ତେଣୁ ଭଗବାନ, ଖାଲି କରିଦିଅ ଗୋଲୋକ-ସିଂହାସନ !!

କଟକ
୨ ନଭେମ୍ବର, ୧୯୫୯

Digitized by srujanika@gmail.com

॥ ଶୋଭାଯାତ୍ରା ॥

ଭୂଲୋକରେ ମାନବିକତାର ଅକାଳ ମୃତ୍ୟୁ ? !

ସେଥିପାଇଁ
ମୁଁ ନିଜେ ଗୋଟାଏ ରୁଦ୍ଧ-ବେଦନାର ନୀରବ-ଶୋଭାଯାତ୍ରା,
ଅତିକ୍ରମ୍ କରେ ବ୍ରହ୍ମାଣ୍ଡର ମୋଡ଼ ।
ସ୍କନ୍ଧେ ମୋର ଶବାଚ୍ଛାଦନ-ଆବୃତ୍ତ ଶବବାହୀ ଶବାଧାର୍....
ମାନବିକତାର ।

ଅଗ୍ରସର ହୁଏ ମୁହିଁ ଅତିକ୍ରମ କରି ଆକାଶର ସର୍ପିଳ-ରାସ୍ତାକୁ,
ତାରା-ପଲ୍ଲୀ, ଚନ୍ଦ୍ରର ପ୍ରାନ୍ତର ଡେଇଁ
ସୂର୍ଯ୍ୟ-ବସ୍ତିର ଖଲ୍ପାକୁ ମୁକାବିଲା କରି ।
ନୟନେ, ଲୋମକୂପ, ଶରୀରର ପ୍ରତିଟି ଅଂଶରେ
ମୋର
ଅସନ୍ତୋଷ-ଚିତାଗ୍ନିର ଶିଖା,
ଅଗ୍ରସର ହୁଏ ମୁହିଁ କରିବାକୁ ଶବଦାହ ମାନବିକତାର,
ଈଶ୍ୱରର ହୃଦ-ତଟ-ଶମଶାନ ବାଗେ !

ନୀରବ-କ୍ରନ୍ଦନର କ୍ଷୁବ୍ଧ-ଶୋଭାଯାତ୍ରା—
ମୁଁ । ଅତିକ୍ରମ୍ କରେ ପଥ ପରେ ପଥ,
ଗ୍ରହପରେ ଉପଗ୍ରହ, ସ୍ତରପରେ ସ୍ତର୍......ସବୁକିଛି !
ଆଖିରେ ମୋ’ ଲାଭାଧର୍ମୀ ଅଶ୍ରୁ ଟଳମଳ,
ଅନ୍ତରରେ ସ୍ତିତ-କ୍ରନ୍ଦନର ଉତ୍ତାଳ-ତରଙ୍ଗ ।
ହାତମୋର ମୁଷ୍ଟିବଦ୍ଧ,

Digitized by srujanika@gmail.com

କଂଠରେ ମୋ ନୀରବ-ସ୍ଲୋଗାନ୍‌ର ବିଷାକ୍ତ-ଫୁତ୍କାର,
ଲଲାଟରେ ଦୁର୍ଦ୍ଦମନୀୟ ବିପ୍ଳବର ଲୋହିତ ନିଶାଣ—
ଉଡ଼େ, ଢେଉଡୋଳି ଫର୍ନାସ ଏବଂ ବିଦ୍ରୋହବହ୍ନି ।

ମାନବିକତାର ଯେବେ ମୃତ୍ୟୁ ହୋଇପାରେ,
ତାହେଲେ, ଏ ସୃଷ୍ଟି କେଉଁ ପଶୁ-ସ୍ରଷ୍ଟାର ?
(ସେ ମଧ୍ୟ ମୃତ୍ୟୁ-ବରଣ କରୁ !)

କଟକ
ତା। ୨୪ । ୫ । ୬୯

॥ ମୃତ-ସୂର୍ଯ୍ୟର କବିତା ॥

ଝଂଝା ଝଡ଼େ, ସୂର୍ଯ୍ୟ ବୁଡ଼େ, ଲାଲ୍ ଲାଲେ ଲାଲ୍
ପଶ୍ଚିମର ଆସମାନ୍, *
ଦିଗନ୍ତର ସିନ୍ଧୁ-ତୀରେ ରକ୍ତ-ରବି-ହତ୍ୟା-ଶବ ଭାସମାନ,
କିଏରେ କିଏ ହତ୍ୟାକାରୀ, ଧ୍ୱାନ୍ତ-ପ୍ରେମୀ-ଦୁସ୍‌ମନ ?
ଏଇରେ ଏଇ ସୂର୍ଯ୍ୟ-ଶବ ଭାସମାନ,
ଲାଲ୍ ଲାଲେ ଲାଲ୍ ପଶ୍ଚିମର ଆସମାନ !

ଅନ୍ଧକାର ଗନ୍ଧ ଆସେ କୃଷ୍ଣ-ଗ୍ରାସେ କିଏରେ କାଶେ, ଭୟ ?
ବୁଦ୍ଧ ନୁହେଁ, ଯୁଦ୍ଧ ହସେ ଚତୁର୍ଦ୍ଦିଗେ କୃତାନ୍ତର ଜୟ !
ଜାଗେରେ ଜାଗେ ହତ୍ୟା, ମାରୀଭୟ;
ଜାଗେରେ ନର-ଦୁସ୍‌ମନ୍,
ଲାଲ୍ ଲାଲେ ଲାଲ୍ ପଶ୍ଚିମର ଆସ୍‌ମାନ୍ !

ରାସ୍ତା କାହିଁ ? ରାସ୍ତା କହ, କାହିଁରେ କାହିଁ ପଥ ?
ଲଂଘିଲକେ ଲଂଘିଲରେ
ରକ୍ତ-ମଖା-ଅସ୍ତାଚଳ,
ଭାଂଗିଲକେ ଭାଂଗିଲରେ
ବିଶ୍ୱପା ର ରଥ ??

ଏଇରେ ଆସେ ଦସ୍ୟୁରାଜା, ବଜାଇ ବାଜା, ଘଣ୍ଟ୍ !
ପଶ୍ଚାତେ ତା' ଦଳକୁ ଦଳ
ହଳକୁ ହଳ
ଚଳନ ଶୀଳ '
ସୈନିକର ପ୍ୟାଣ୍ଟ୍ ।

---

* ଆସମାନ—ଆକାଶ

Digitized by srujanika@gmail.com

କଂଠ-ତଟେ ଜୀବନ-ଲୁଣ୍ଠା-ଗାନ୍,
ହାସ୍ୟବେଳେ ଦସ୍ୟୁଗୃଳେ ନଗ୍ର-ଗ୍ରାମ ପଲ୍ଲୀ-ପୁର କରି ଶମଶାନ୍,
କଂଠ-ତଟେ ଜୀବନ-ଲୁଣ୍ଠା-ଗାନ୍ ।

ଗୃଳିବ ପୁଣି ଗୃଳିବ କେବେ ନବାଂଶୁର ଚର୍ଚ୍ଚାରେ ?—,
ହୋଇବ କେବେ ଫର୍ଚ୍ଚାରେ ? —,
ବିଦ୍ରୋହର ଲଗିବ କେବେ ଧୁମ୍ ?—
'ଗୁଡ଼ୁମ୍ ! ଗୁଡ଼ୁମ୍ !! ଗୁଡ଼ୁମ୍ !!!'—
ଇସ୍‌ପାତ୍ ଗୁଳି ଛୁଟିବ କା'ର
ସନନ୍ ସନ୍,
'ଖଟ୍ ଖଟ୍ ଖଟ୍' ଗୃଳିବ କା'ର
ମେସିନ୍‌ଗନ୍,
ଅଂଧକାର-ଅନ୍ଧକୂପେ ଗର୍ଜିବ କା' ବର୍ଚ୍ଛାରେ ?—
ହୋଇବ କେବେ ଫର୍ଚ୍ଚାରେ ???

ବିଶ୍ୱ ଆଜି ଅଂଧକାର କେଉଁଠି ତମେ, ଈଶ୍ୱର ହେ ଈଶ୍ୱର ?
ଚକ୍ଷୁ ତମ ନେଲକି କାଢ଼ି ତୀକ୍ଷ୍ଣ- ଅସି ଦସ୍ୟୁର ?
ଅକ୍ଷୟପାଟମହିଷୀ-ଧବ,
କାହାର ଗଦା ବନ୍ଧକରେ ଚକ୍ର ତବ ?
ଜାଲିମ୍ ନିଆ ଜାଲିମ୍* ଖୋଜେ ଅନ୍ତ-ନାଡ଼ୀ ନିସ୍ୱର···
କେଉଁଠି ତମେ ଈଶ୍ୱର ହେ ଈଶ୍ୱର ?

କେଉଁଠି ତମେ ? କେଉଁଠି ତମ ସତ୍ତା ?
ଭଣ୍ଡାମିର ଘଣ୍ଟେ କିହେ ଲୁପ୍ତ ତମ ସତ୍ତା ?
ତାହେଲେ ଆଜି ଫାଟୁରେ ଫାଟୁ,
ଲୋଟୁରେ ଲୋଟୁ
ଭଣ୍ଡାମିର ଭାଣ୍ଡରେ···
ଏଇ ଦୁନିଆର ଦାଣ୍ଡରେ,

---

* ଜାଲିମ୍—ଉତ୍ପୀଡ଼କ

,

Digitized by srujanika@gmail.com

ସନ୍ତୁ-ଜନ ପରିତ୍ରାଣେ,
ମାନବ-ବାଦ ସଂସ୍ଥାପନେ
ପୁନର୍ବାର ଜଗତ୍‌ପିତା-ସତ୍ତା ଠେକୁ ମୁଣ୍ଡରେ

ମାରୁରେ ମାରୁ
ମାରୁ ଚା' ଖୁର
ଯୌବନର ରକ୍ତ-ଘୋଡ଼ା
ପୂର୍ବାଶାର କଂକରେ···
ଝରୁରେ ଝରୁ ନବୀନ-ଆଶା
ଭରୁରେ ଭରୁ ନବୀନ-ଭାଷା
ସୂର୍ଯ୍ୟ-ଶିଶୁ ଓଁକାରେ,
ମରୁରେ ମରୁ ଦୁଶ୍‌ମନ୍‌,
ହେଉରେ ହେଉ
ଲାଲ୍ ଲାଲେ ଲାଲ୍ ପୂର୍ବାଶାର ଆସ୍‌ମାନ୍ !

କଟକ
ତା ୧୦ । ୫ । ୭୧

Digitized by srujanika@gmail.com

॥ କୈଫିୟତ୍ ॥

ତମେ ସିଏ କହ,
ମୋ' କବିତାମାନ କବିତା ନୁହଇ
ଖାଲି ତ "ଗୋଟାଏ ନିପଟ ଆସ୍ଫାଳନ,
ପାଗଳ-ପ୍ରଳାପ ଅଟେ ସିଏ ସିନା,
ତା' ଭିତରେ ନାହିଁ ନୂତନ-ଚେତନା,
ନୂତନ-ଉନ୍ମାଦନା !"

ମାନି ମୁଁ ନେଉଛି ବନ୍ଧୁ ହେ ତାହା !
'ପାଗଳାମି' ବିନା ନାହିଁ ମୋର ରାହା
ମୁଁ ଉତ୍କ୍ଷିପ୍ତ, ଗୋଟାଏ ଅନଳ-କଣା;
ମୋର ଅଧିକାରୁ ମୁହିଁ ବଂଚିତ
ତୁଟିଛି ସପନ ଯେତେ ସଂଚିତ
ବିଗିଡ଼ି ଯାଇଛି ମନ-ଇଂଜିନ
ହଜି ଯାଇଛି ମୋ' ନବୀନା-ବଧୂର ପଦ-ଶିଂଜିନୀ
ମିଳିବ କି ନାହିଁ ପଡ଼ିନି ଏ ଯାଏଁ ଜଣା···
ମୁଁ ଉତ୍କ୍ଷିପ୍ତ, ଗୋଟାଏ ଅନଳ-କଣା !!

ତମେ ଯା'କୁ କହ
'ନୂତନ-ଚେତନା',
'ନୂତନ-ଭାବନା',
'ପ୍ରାଣର ଉନ୍ମାଦନା';
ମୁ-ଇଁ କହେ ତାକୁ ଧପ୍‌ପାବାଜି ଓ ଚରମ-ପ୍ରବଂଚନା ।

ମାନବ-ଜୀବନ-ବିଶ୍ଳେଷଣରେ ତମେ ତ ଅଂଧ
ମୂର୍ଖ ଯେତେକ ଅଧ୍ୟୟନର ବିନା,
କହ, କେତେଦିନ ଉଡ଼ାଇବ ଆଉ 'ଅଧ୍ୟାପନା'ର ବାନା ?

Digitized by srujanika@gmail.com

ବାଣୀ-ଆରାଧନା ମାଧ୍ୟମେ ପୁଣି
ସାରସ୍ୱତର ପୂଜାରୀ ବୋଲାଅ ତମେ !
ତମେ ତ ଜାଣିନା ସାହିତ୍ୟ 'ସ-ଅ' ଲିପି !
ପରାଧୀନତାର ଅଂଧାର-ଘରେ
ସ୍ୱାଧୀନତା ତମ ଆପଣା ହାତରେ ମରିଛି ତଂଟି ଚିପି ।
ଲାଜ-ସରମକୁ ପୋଛି, ପେଣ୍ଡାଲେ ବାଡ଼ ବକ୍ତୃତା ମାନ,
ସେ'ଟା ନୁହେଁ କହେ। 'ନାପଟ-ଆସ୍ଫାଳନ ?'

ତମେ ପୁଣି କହ —
''ସାହିତ୍ୟିକର ଦେବାଟା ଉଚିତ ସୃଷ୍ଟିର ଇଙ୍ଗିତ !
ଏଇ ସମାଜକୁ ସୁହାଇଲା ପରି
କବି, ଲେଖକର, ଗଳ୍ପକାରର
ଲେଖିବା ଉଚିତ ଗଳ୍ପ, କବିତା, ଗୀତ !''

କହିବି ବନ୍ଧୁ ? ଆଜ ମୁଁ ପଥରେ
ଦିନେ ଯେତେବେଳେ
କେତେ ରାତି ତଳେ
କେତେ ଖରାବେଳେ
ସାହା-ସାଥି-ହୀନ-ଯୁଗଲ ଚରଣ-ଗୁଳି,
ଗୁଳି ଗୁଳି ଏକା ଯାଇଥିଲି ଥକି
ମନ ଖୋଜୁଥିଲା ଟିକେ ବିଶ୍ରାମ, ଥଳି ।
ଏଇ ସମାଜର ରାଜ-ରାସ୍ତାର—
ବଟ-ତରୁ ତଳେ ହୋଇଯାଇଥିଲି ଠିଆ,
ଛିନ୍ନ-ବାସ ଓ ଶୀର୍ଣ୍ଣ-ତନୁରେ
ଅନୁଭବୁଥିଲି ଅବସନ୍ନତା
କାରଣ, ଥିଲି ମୁଁ ବହୁଦିନୁଁ ଉପାସିଆ !
ହଠାତ୍ ଆସି ମୋ' ପଛରୁ ବସିଲା
ସମାଜ-ପତିର ଭୀମ-ପଦାଘାତ ଏକ,

Digitized by srujanika@gmail.com

ଆହତ-ପରାଣ, ଦଗ୍‌ଧ-ହୃଦୟେ
ସେତିକିବେଳେ ମୁଁ ମୋଡ଼ି ଦେଇଥିଲି ବେକ ।
କିଛି ବେଳପରେ ଉଠି ଠିଆହେଲି
ଆଗକୁ ଗଲି
ଭୀଷଣ-ଶୋଷରେ ତଣ୍ଟି ଆସିଲା ଶୁଖି,
କେହି ନାହିଁ, କାହିଁ
କାହାକୁ ମାଗିବି ପାଣିଠୋପେ ଯାଇ ?
ଧୀରେ ଧୀରେ ଗଲି ନର୍ଦ୍ଦମା ପାଖେ
ଦେଖିଲି, ସିଏବି ମୋ' ପାଇଁ ଯାଇଛି ଶୁଖି !

ମୁଁ ଅଟଇ ଏକ ଅବର୍ଣ୍ଣନୀୟ
ଅଦ୍ଭୁତ ଘଟଣା ଘଟିଛି ଜୀବନେ ମୋର,
ଅନ୍ତରେ ମମ ସୃଷ୍ଟି କରିଛି ଯେ ସମାଜ ହାହାକାର
କୁକୁର ପଲରେ ଥାନଦେଇ ସିଏ
ମୋ' ଥାନ କରିଛି ଲୁଟି,
ନିଜର ଆମୋଦ ପାଇଁକି ବାଦ୍ୟ-
କରିଛି ଯେ ମୋର ପିଠି,
ତାକୁ ସୁହାଇଲା ପରି ମୁଁ କାହିଁକି –
ଲେଖିବି କବିତା ? ଶୁଣ !
ଏ ନାରୀ-ସ୍ୱଭାବ-ସୁଲଭ-ଭାବନା
ଲେଖନୀ-ମୂନ ମୋ' ଛୁଇଁନାହିଁ କେବେଁ
ଛୁଇଁବନି କେବେଁ
ଜୀବଦ୍ଦଶାରେ, ଜାଣ !
ଛୁଇଁବ ଯେ ଦିନ
ଜାଣିଥା, ସେ ଦିନ
ନିଜ ହାତେ ନିଜେ ଭାଂଗି କଲମ-ମୂନ,
ଆତ୍ମ-ମରଣ କରିବି ବରଣ, କରିବି ନିମନ୍ତ୍ରଣ ।

ମୋର ବାଂଧବୀ, ମୋର ପ୍ରେମିକାକୁ
ମୋର କନ୍ୟା ଓ ମୋର ଭଗିନୀକୁ

Digitized by srujanika@gmail.com

ଯେ ମନେ କରିଛି ନିଜର ପ୍ରେମିକା ବୋଲି;
ତା'ର ବାଂଧବୀ, ତା'ର ପ୍ରେମିକାଙ୍କୁ
ତା'ର କନ୍ୟା ଓ ତା'ର ଭଗିନୀଙ୍କୁ
ମୁଁ କାହିଁକି ଦେବ ସମ୍ମାନ ଆଜି ? ଶୁଣେ !
କିଆଁ ନ କରିବ ସେମାନଙ୍କୁ ମୁଁ ମନେ ?—
ନିଜ ବାଂଧବୀ, ନିଜର ପ୍ରେମିକା, ଅଂକଶାୟିନୀ ବୋଲି ??
କହିପାର ତମେ,
ତମେ କହିପାର 'ସନ୍ନ୍ୟାସୀ' ମତେ,
ଅରାଜକତାର ବୀଜ ମୁଁ ବୁଣୁଚି ଖାଲି;
କହିବା ଆଗରୁ ଦେଖିଛକି ତମେ ?
ଦେଖିଛକି ଥରେ,
ଏଇ ମୋ' ଯୁଗଳ-ଲୋଚନ-ଡୋଳାରେ
ବିଦ୍ରୋହ-ନିଆଁ ଶିଖାୟିତ ହୋଇ
ଲେଲିହାନେ କିଆଁ ଜଳେ ?
କହି ପାରିବ କି ଭାଇ ?
ସେଥିପାଇଁ କ'ଣ ଏ ସମାଜ ନୁହେଁ ଦାୟୀ ?
ଯେବେ ଦାୟୀ ସିଏ, ଜଳି-ପୋଡ଼ି ଯାଉ
ମୁଁ ଆଜି ସାଜିବ ତା'ଗଗନେ ରାହୁ
ମୁଁ ଆଜି ଫୁଟିବ ଜୀବନ-ବିମାନ-ଧ୍ୱଂସୀ-କମାଣ
ମୁଁ ଆଜି ଉଠିବ ବାରୁଦ-ଗୋଳାର ଶକ୍ତ-ତୋଫାନ
ବାଗ୍‌ଦେବୀ ମୋର ହୋଇଛି ଉନ୍ମାଦିନୀ,
କରେ ତା' ଅଗ୍ନି, ସେ ଆଜି ଯୋଗିନୀ
ସେ ଆଜି ଚଂଡ଼ି, ସେ ଗୁହେଁ ପାମର ଦଳର ଗଂଡି
ସେ ଗୁହେଁ ମୁଣ୍ଡମାଳ,
ସେ ପାଇଁ ସେ ମତେ ଦେଇଛି ଦତ୍ତ
ପ୍ରଳୟ-ମନ୍ତ୍ର
ଲେଖନୀ ରୂପକ ଏ ଶାଣିତ-କରବାଳ ।

Digitized by srujanika@gmail.com

ଏଇ ସମାଜର ରଥ-ଚକ-ତଳେ
ଅକାଳେ ମରି ରେ,
ପୁନର୍ଜନ୍ମ ନେଇଛି ମୁଁ ଆଜି ନେଇଛି ବରିବରେ,
ମତେ ଜାଳଦେଇ ଖସିଯିବା ନୁହେଁ କେଭେଁ ସମ୍ଭବପର !
ମୁଁ ଯଦି ଜଳିବି
ସବୁକୁ ଜାଳିବି,
ମୁଁ ଯଦି ଢଳିବି
ସବୁକୁ ଢାଳିବି,
ମୁଁ ଯଦି ମରିବି, ସବୁକୁ ମାରିବି
ମୁଁ ଯଦି ସରିବି, ସବୁକୁ ସାରିବି
ମୁଁ ଗୋଟାଏ ଖାଲି ଶାଣିତ-ଖଡ୍ଗ-ଧାର,
ଖସିଯିବା ନୁହେଁ କେଭେଁ ସମ୍ଭବପର !!

ଜନ୍ମିଲି ମୁହିଁ ଜନ୍ମେଜୟ ରେ !
ନାହିଁ ମୋ ଭ୍ରାନ୍ତି, ନାହିଁ ମୋ ଭୟରେ !
ଶପଥ ମୋ ଆଜି ବହ୍ନି ମୟରେ !
ମୁହିଁ ମୋ' ନିଜର କାବ୍ୟ-କବିତା, ଯମକ, ଉପଧା, ଛନ୍ଦ,
ମୁହିଁ ମୋ ନିଜର ଦୀକ୍ଷା-ଗୁରୁ ରେ,
ମୁହିଁ ଦେଖେ ମତେ ନିଜକୁ ଦୂରୁରେ,
ଭାଗ୍ୟଦେବୀର ମଥାଦହି ତଳେ,
ଗହଳ-ଭୂରୁ ରେ —
ମୁଁ ଗୋଟାଏ ଖାଲି ଅତୀବ-ଭୀଷଣ-ଦ୍ୱନ୍ଦ୍ୱ ।

ମୋହର ରଥର ମୁଁ ଅଟେ ବାହକ
ମୋହର ଗୀତର ମୁଁ ଅଟେ ଗାୟକ
ମୁହିଁ ମୋ' ବିଧାତା, ମୁହିଁ ମୋ ପାଞ୍ଜି
ଛାତିଲି ଉହଁକ, ମୁଁ ଖାଲି ଝାଂଜ
ପ୍ରାସାଦେ ପ୍ରାସାଦେ, ନଗରେ ନଗରେ ମୁହିଁ କ୍ରନ୍ଦନ
ସମାଜ-ଶୋଣିତ-ଶତା-ଚନ୍ଦନ —

Digitized by srujanika@gmail.com

ଏଇ ମୁଁ ଉଠିଲି ଶକ୍ତ ଲଲାଟେ ମାରି !
ଦୁଃସହ ମତେ, ଅତି ଦୁଃସହ
"ସତୀ" ନାମଧାରୀ ଗଣିକା-ଦଳର ମତ୍ତ-ବାରଣ-ଶୃଙ୍ଖଳ ।

ଝଡ଼ର କର୍ମଶାଳା ମୋ' କବିତା, ନୁହେଁ "ଆହ୍ୱାନ-ଧର୍ମୀ !"
ନିଅ, ପାଠକର, ସେଇ କବିତାର ଲେଲିହାନ-ଲିପି,
ସୁବିଧାବାଦର ଯେତେ ସଚ୍ଚୋଟ କର୍ମୀ !!

ନୁହେଁ ଖାଲି 'କବି',
ମୁଁ ନିଜେ ନିପଟ ଧ୍ୱଂସର ଛବି,
ତମ ଉପକୂଳେ ରଣ-ତରୀ ଭାସମାନ;
ମୋ ନିଜ ରଚିତ କବିତା-ବହ୍ନି-ଛନ୍ଦ, ଯମକେ
ତମ ଶାସନର ଧମନୀ ଚମକେ
ଥରଉଠେ ଆସ୍‌ମାନ୍ ।

ଛୁଟିଲି ରେ ପାଜି
ଏଇ ମୁଁ ଛୁଟିଲି,
ଦୂର ହୁଅ ଆଜି,
ଏଇ ମୁଁ ଫୁଟିଲି
ଝଞ୍ଜି-କମାଣ୍ଡୁ ଧ୍ୱଂସ-ପାଗଳ-ଗୋଳା;
ଏଇ ମୁଁ ଖସିଲି,
ସୁବିଧାବାଦର ଦୁର୍ଗ-କବାଟରୁ ଶିଳା,
ଏଇ ମୁଁ ଜଳିଲି ଆପଣା ତେଜରେ
ଅନ୍ଧାର ତଳେ
କୋଟିଏ ବାହୁର ବଜ୍ର-ମୁଠାରେ
ଅଲିଭା-ଅନଳ-ହୁଳା !!!

ଭଦ୍ରକ
ତା ୨୨ । ୧୦ । ୫୯

Digitized by srujanika@gmail.com

॥ ଏଇ ଧରଣୀର ଲଲାଟେ ॥

ମୁହିଁ ଦେଖାଦିଏ ପ୍ରତି ପ୍ରଭାତେ, ଏଇ ଧରଣୀର ଲଲାଟେ,
ନିତି ନବ-ରୂପେ ଜୀବନ-ଗ୍ରନ୍ଥ-ମଲାଟେ ।
ମୁହିଁ ସାଗରର ଭୀମ-ତରଙ୍ଗ-ଭଂଗ,
କୋଟି କୋଟି ନାବ ଡୁବାଏ ଖିଆଲେ
          କେତେବେଳେ ଧରେ ମଂଗ !
କେତେବେଳେ ମୁହିଁ ମୃତ୍ୟୁ-ମାତାଲ୍, ହତ୍ୟା,
ପ୍ରଳୟ-ପାଗଳ, କେବେ ବେଗାନଳ, ବାତ୍ୟା !

ଏଇ ଧରଣୀର ଆବର୍ତ୍ତନ ମୁଁ,
     ଗତିଶୀଳ ମହା-ଯାନୀ,
କୋଟିଏ ଯୁଗର ତୃଷିତ-କଣ୍ଠ
ପାନକରେ ସଦା ସଦ୍ୟ-ରୁଧିର-ପାନୀ ।

ମୁଁ ରଖେନା କେବେଁ ଗଚ୍ଛିତ-ଧନ,
               ଲୁଟ କରେ ନିତି ବ୍ୟାଙ୍କ୍,
ବାର ବାର ବାର କରେ ମୁଁ ସ୍ତବ୍ଧ
ଚିଂତାରହିତ ପ୍ରାଣ-ସଂପଦ
ସମରାଙ୍ଗଣେ—
ମୁହିଁ ନିତି ଗୋଲା ଫାଟିବା ଶବ୍ଦ
ମୁହିଁ ବର୍ବର
ଖାଲି ଘର୍ଘର
ଅତି ଦୁର୍ବାର-ଟ୍ୟାଙ୍କ୍ ।

Digitized by srujanika@gmail.com

ଓ୍ୱାସିଂଟନ୍‌ର ସମର-ଶକୁନି,
ବ୍ୟର୍ଥ କରେ ମୁଁ ରଣ-ମଂତ୍ରଣା।
'ହ୍ୱାଇଟ୍‌ହାଉସ୍‌' ତଳେ,
ଭଲ୍‌ଗା-ତଟର ରକ୍ତ-ନିଶାଣ
ମହା-ଗ୍ରହନାର ଯୋଦ୍ଧୃ-କଣାନ
ମହା-ଧ୍ୱଂସର ଭୀମ-ତାଣ୍ଡବ—
ମୁହିଁ, ନାଗାସାକୀ ଦଗ୍‌ଧ-ଜଠର ତଳେ।

ଜାପାନୀ-ନାବିକ ତନୁରେ ତନୁରେ
ମୁହିଁ ପରମାଣୁ
ଟେଜ୍‌ସ୍ମାନ୍‌ ରେଣୁ।
ଫ୍ରାନ୍ସର ମୁହିଁ ଅଗ୍ର-ପଥିକ
ବ୍ରେକେନ୍‌ବର୍ଦ୍ଧେଂପତ-ବେଣୁ
ରାଜ୍ୟ-ଲେଲ୍ହାର 'ଗ୍ୟାସ୍‌ଚେମ୍ବରେ' ବାଜେ,
ମୁହିଁ ହିଟଲର୍‌ 'ଗେଷ୍ଟାପୋ' ସେନା
ଅସ୍ତ୍ର-ରବର ସମ ମୋ ସତ୍ତା
ଏଇ ଦୁନିଆରୁ ହଜେ।

ମାଲୟ ବଣର ରକ୍ତପାୟୀ ମୁଁ, କ୍ଷିପ୍ର-ଗରଲ-ଚଞ୍ଚୁ,
ମୁହିଁ ଦବା-ନଗି ରକ୍ତ ନିଗାଡ଼େ
ଉପନିବେଶିକ ପରାଧୀନତାର ବନ୍ଧୁ।

ତେଲେଙ୍ଗାନାର ମୁଁ ବନ-ବଥିକା,
ମୁହିଁ ହତାସ ରକ୍ତ-ଗୀତିକା, ସୁର —,
ମଇ ପହ୍ଲର ଇସ୍ତାହାର ମୁଁ,
ଅଗ୍ନିର ତଲୁଓ୍ୱାର।

ଆଲ୍‌ଜେରିଆର ଧୂର୍ଜ୍ଜଟି-କଳିକା
ବଦ୍ରୋହିଣୀ ମୁଁ 'ଜାମିଲ' ବାଳିକା,

Digitized by srujanika@gmail.com

ଇସ୍ପାତ୍-କାୟ ଲୌହ-ଛେଦକ--ଛେଣି,
ମୁହିଁ ଷ୍ଟାଲିନ୍‌ର ସାମ୍ୟ-ଶପଥ,
ପୁଞ୍ଜିବାଦର ମୃତ୍ୟୁର ପଥ,
ଗୋଆ-ଗହ୍ୱରେ ମୁକ୍ତି-ହାତୁଡ଼ି,
'ଗୋମଂତକ'* ମୁଁ-ସଦା ଜାଗ୍ରତ-ଫଣୀ ।

ନିତି ନବ-ରୂପେ ଜୀବନ-ଗ୍ରନ୍ଥ-ମଲାଟେ ମୁଁ ଦିଏ ଦେଖା,
ମୁହିଁ ଧରଣୀର ପ୍ରତିଟି ପ୍ରାନ୍ତେ ପୀଡ଼ିତ-ଜନର ସଖା ।
ଶୂନ୍ୟ-ପୋତରେ ମୁହିଁ ଗାଗାରିନ୍ ବିଶ୍ୱ-ବିଜୟୀ ଯାତ୍ରୀ,
ପୁଞ୍ଜିବାଦର ଭ୍ରୂଣ କାହିଁ କାହିଁ,
ଊର୍ଦ୍ଧ୍ୱ ଆକାଶେ ଖୋଜେ ବୁଲି ମୁହିଁ;
ଚିକାଗୋ-ଚକ୍ରରେ ଡଲାରସାମ୍ରାଜ୍ୟର ଅବସାନମୁଖୀ ରାତ୍ରି ।

ହେମ୍‌ଲିନ୍-କୋଳେ ମହା-ଲେନିନ୍ ର ବଜ୍ର-ଘୋଷଣା ତଳେ —
ମୃତ୍ୟୁହୀନ ମୁଁ, ସାମ୍ୟର ଶିଶୁ, ଖେଳେ ।
ମୁହିଁ ପରମାଣୁ ଶୀତଳଯୁଦ୍ଧ-ତୁଷାର-ତାଡ଼କ ପୋତ,
ରଣ-ମରଣର ତୁଷାର ଫଟାଇ
ବଦ୍ଧ-ମୁଠା ମୋ ଊର୍ଦ୍ଧ୍ୱେ ଉଠାଇ,
ପ୍ରତି ପଦପାତେ ଉପନିବେଶୀକ ତରଳ-ଗରଳ
କରେ ମୁଁ ଆତ୍ମସାତ ।

ନର-ଶକୁନିର ଲଲାଟେ ଆଜ ମୁଁ ଏଇ ଆଙ୍କିଲି
ଧ୍ୱଂସ-ବାରୁଦ-ଟିକା,
ଧନତନ୍ତ୍ରର-ଗ୍ରନ୍ଥ-ମଲାଟେ
ଏଇ ଲେଖିଦେଲି
ପୀଡ଼ିତ-ପ୍ରାଣର ଗାଥା !

---

* ଗୋମନ୍ତକ—ଗୋଆର ଆତ୍ମଗୋପନକାରୀ ବିପ୍ଳବୀ ଆଜାଦ୍-ଗୋମଂତକ ଦଳ ।

Digitized by srujanika@gmail.com

ପୂର୍ବାଶା-କୋଳେ ଏଇ ମୁଁ ଉଠିଲି
ଉଦୟ-ପାଗଳ-ସୂର୍ଯ୍ୟ,
କରି ଅଭ୍ୟୁଦୟର ବାର୍ତ୍ତା-ବହନ,
ଆଲୋକାଚ୍ଛନ୍ନ ଧରା,
ଦେଖ ଭାଙ୍ଗିଲି ଏଇ ଅନ୍ଧକାରର କାରା !!
ପୃଥିବୀର ପ୍ରତି-ପ୍ରାନ୍ତରେ ମୋର,
ବୁଲିଗଲା କର
ରଣ-ଉତ୍ସବ ଚଳେ ଚଳେ ଘୋର
ଏଇ ବାଜିଲରେ ଶାନ୍ତିର ମହା-ତୂର୍ଯ୍ୟ !
ଏଇ ମୁଁ ଉଠିଲି ଉଦୟ-ପାଗଳ-ସୂର୍ଯ୍ୟ !!

ଭଃଭ
ତା ୨୯।୪।୬୯

॥ ବିସ୍ଫୋରଣ ॥

—ପ୍ରଥମ ଝଲକ—

ଦିନେ ଜଳୁଥିଲା ପରାଧୀନତାର କାଳ-ସନ୍ଧ୍ୟାରେ
ଘନ-ଅଂଧାରେ
ଶତ-ଶିଖାୟିତ ମୁକ୍ତି-ଆକୁଳ-ବହ୍ନି,
ଦିନେ ଉଠିଥିଲା
ଲୋଲୁପୀ-ଲକ୍ଷ୍ୟ-ଲୋଭୀ ଦାନବର ସଂହାର ପାଇଁ
ଭୀମ ବେଗାନଳ, ଘୂର୍ଣ୍ଣି ।

ଫାଶୀମଂଞ୍ଚର ରକ୍ତ-ଗଗନେ
ଦିନେ ଫୁଟିଥିଲା ଶହୀଦର ତାରା-ଫୁଲ,
ଆଜି ଈପ୍ସିତ ସେହି ସ୍ୱାଧୀନତା-ସ୍ୱର୍ଣ୍ଣ-ଲଗନେ
କିଏ ଦେଲା ତାର ମୂଲ୍ ?

ଦିନଥିଲା, ଯେବେ ଅନାଇଁ ଥିଲି ମୁଁ ସ୍ୱରାଜ-ସୂର୍ଯ୍ୟୋ
ଦିଗ୍‌ବଳୟର ଭାଲେ,
ପାତିଥିଲି କାନ ଶୁଣିବାକୁ ସେବେ ପ୍ରଭାତୀ-ପକ୍ଷୀର ଗାନ୍
ମୁକ୍ତି-ଆକୁଳ ମହା-ଜନତାର କଂଠ ଐକ୍ୟତାନ୍,
ତାହେଲେ ମୁଁ କ'ଣ ଥିଲି କବଳିତ ସେବେଳେ ଇନ୍ଦ୍ରଜାଲେ ?

ସେ ବେଳର ସେହି ମୁକ୍ତି-ପିପାସା
ସେ ବେଳର ସେହି ସ୍ୱାଧୀନତା-ଆଶା
ଲକ୍ଷ୍ମଣ ପୁଣି ଉଚ୍ଛବ କିବା ବାଜିରାଉତର ହତ୍ୟା,
ଜାଲିଆନାବାଗେ ରକ୍ତର ନଦୀ ସବୁକି ବନ୍ଧୁ ମିଥ୍ୟା ?

Digitized by srujanika@gmail.com

ବାଘାଯତୀନ୍‌ର ବାଘ-ଗର୍ଜନ
କୋଟି ଶହୀଦର ପ୍ରାଣ-ବର୍ଜନ
ସବୁ କି ଛଳନା, ସବୁ ପ୍ରତାରଣା ?
ଗାନ୍ଧି କି ଚେତବେ ଷବ୍ୟନ୍ତ ଗୋଟାଏ ଫନ୍ଦି ?
'ସ୍ୱାଧୀନତା' ନାମେ ପୁଣି କରିଗଲା
ଏ ମହା-ଜାତିକୁ
ପରାଧୀନତାର ଶୃଂଖଳ-ବୁକେ ବନ୍ଦୀ ?

ମନେ ପଡ଼େ ସବୁ, ସବୁ ମନେପଡ଼େ
ଯେ ଦିନ ଆସିଲି ଜନନୀ ଜଠର ମନ୍ଥି,
ସେଦିନ ଥିଲା ମୋ' ଦେଶ-ମାତୃକା
ହାତେ ପରାଧୀନ-ଗ୍ରନ୍ଥି ।
ବୁକେ ଫାଟୁଥିଲା କମାଣର ଗୋଳା
ଜଳିଯାଉଥିଲା କେତେ ଖେତ-ଖଳା
ଖେଳ-ତୋଟା ତଳେ ସୈନ୍ୟ-ଛାଉଣି, ହତ୍ୟାର ମନ୍ତ୍ରଣା···
ଶହୀଦର ହୃତ୍‌ପିଣ୍ଡେ ସେବେଳେ ମୃତ୍ୟୁର ଯନ୍ତ୍ରଣା ।

ସେହି ଦୁର୍ଦ୍ଦିନର ଗରଭେ ଜନ୍ମି କରିଥିଲି ମନେ ଆଶା—
ଶୁଣିବି ନିଶ୍ଚେ ଶୋଷଣ-ବିହୀନ ରାଷ୍ଟ୍ର-ମଣିଷ-ଭାଷା !
ରକ୍ତ-ପ୍ରଭାତେ ଜନ୍ମ ଅରୁଣ
ଜୀବନଟା ତା'ର ନୁହଇ କରୁଣ
ଏ ସକାଳେ ଯେବେ ଜନ୍ମ ତାହାର ନାହିଁ ସମ୍ଭବ ହୁଏ,
ପୁଣି କେଉଁ ଏକ ଅଜଣା-ସକାଳେ ଜନ୍ମ ଲଭିବ ସିଏ !

ସେହି ସେ ସୂର୍ଯ୍ୟ ହସି, ହସିଲାନି
କନ୍ଦୁ ସ୍ୱରାଜ ଆସି, ଆସିଲାନି
ଦର୍ଶନ ନାହିଁ ପ୍ରଭାତୀ-ପକ୍ଷୀର
ପେଚକ ଡାକୁଛି ବସି;
ଭ୍ରଷ୍ଟ-ଜନ୍ମା, କପଟ ଛଦ୍ମବେଶୀ ।

Digitized by srujanika@gmail.com

—ଦ୍ୱିତୀୟ ଖଣ୍ଡ—

ତମେ କି ଦେଖିଛ କି ନିଆଁ ଜଳୁଛି
ପ୍ରାଣ-ମଂଦିର ଭେତର ?
ଆହତ-କଂଠ କି ବାଣୀ ପଢ଼ୁଛି ଝର ?
ହେ ମହା-ଜୀବନ, ନୁହେଁ ସେ ଆହତ-ଝର !
ଅସନ୍ତୋଷର ମହା-କ୍ରନ୍ଦନ-ଧାର ।

କେଉଁ ଦିଗେ ତବ ଚରଣର ଗତି,
ବୁଝି ତ ପାରେନା, ସଖା !
ନୀରବରେ ଦେଖେ ତମରି କ୍ଷୁବ୍ଧ ଯୁଗ୍ମ-ପଦର ରେଖା ।
କେଉଁ ଦିଗେ ଯାଅ, ଅଛି କେଉଁଠାରେ
ମାନ-ସମ୍ମାନ ଆଶା ?
ଦରଦୀ କଂଠ-ଭାଷା ?
ଏ ଯେ ହୁତାଶନ, ଭେଦି ଆସ୍‌ମାନ
ଅଯୁତ ଶିଖାରେ ଜଳେ,
ମରଣର ଶିଶୁ ସା-ବାଳକ ହୁଏ
ଶକୁନିର ଡେଣା ତଳେ ।
ନୈତିକତାର ବୀଣା-ତନ୍ତ୍ରୀରେ ଲଗେ ଯନ୍ତ୍ରର ଘୁଣ,
ପ୍ରାଣର ପ୍ରାଚୀରେ ଗର୍ଜନ କରେ
ନଇଗାଂର ଜୀର୍ଣ୍ଣ-ଧନୁବାଣ ।
ପ୍ରଖର ସୂର୍ଯ୍ୟ ଆଲୋକର ତଳେ
କେତେ କୃତ୍ରିମ ପୀନ-ପୟୋଧର ହସେ,
ନୀତି-ଗଣିକାର ବକ୍ଷ-ବସନ ଖସେ ।

ମାନବିକତାର ଲୋଚନ ଯୁଗଳ ଅଶ୍ରୁରେ ଛଳ ଛଳ
ମହାକାଳ କୋଳେ ଝରି ଝରି ପଡ଼େ ପ୍ରାଣ-ପୁଷ୍ପର ଦଳ ।
ପ୍ରତିଟି ଗଂଠି, କଟିଟିରେ ଆଜି ଲୁପ୍ତ-ବେଦନା, ଗୁହେଁ,
ଦିଗ୍‌ବଳୟର କୂଳେ କୂଳେ ଆଜି
ଆଶା-ଚନ୍ଦ୍ରର ହତ୍ୟା-ଶବକୁ ଗାହୁ ତଳେ ତଳେ ଖାଏ ।

Digitized by srujanika@gmail.com

ଧର୍ମରାଜର ଦଣ୍ଡ ଶିଥିଳ; କେତେବେଳେ ପୁଣି
ତାଣ୍ଡବ ରଚେ, ସଖା !
ନିତି-ନିତି ଆଙ୍କେ ଈଶ୍ୱର ଆୟୁରେଖା ।

ଅର୍ଦ୍ଧ-ଗୋଲେକେ ଲୋଲୁପୀ ଗୃଧ୍ର
ଶାସକ ବୋଲାଏ ବସି,
ପାତିବ୍ରତ୍ୟର ପରଦା ଉପରେ ବାରନାରୀ ଦିଏ ହସି,
ଦିବା-ନିଶି ଭରି ଗୁଣ୍ଡାମୀ ପଶେ
ଅଯୁତ ଶାନ୍ତ-ପ୍ରାଣ-ସମ୍ପଦ-ପୁରେ,
ଏଇ ବାଜେ ଶୁଣ, କେତେ ଅନାଗତ-ଜୀବନ-ଶଂଖ
ଯମ-ଜୟନାଦ-ସୁରେ !

ହେଲେ ବି ବନ୍ଧୁ, କରନାହିଁ ଅଭିମାନ !
ତମେ ତ ସତ୍ୟ, ତମ ଠାରୁ କିଏ ଅଛି କହ ମହୀୟାନ୍ ?
ନାହିଁ, କେହିନାହିଁ ତମଠାରୁ ସଖା,
ସୃଷ୍ଟି-ମଥାନେ ତବ ପଦ-ରେଖା
ଅଛି ଅଂକିତ
ନୁହଁ ଶଂକିତ; ରାତିଶେଷର ସାକ୍ଷୀ !
ପାହିବ ପାହିବ ଏଇ ବଲ୍ଲାମି-ଦୁଃଶାସନର
ହୀନ, ଯାନ୍ତ୍ରିକ-ରାତି ।

ହେ ମହା-ଜୀବନ,
ଯୁଗେ ଯୁଗେ ତମେ କେତେ ନ ପାଇଛ ଭୁଲି;
କହ, କେ ଦେଇଛି ଏଇ ସୃଷ୍ଟିରେ
ଭୁଲ ପାଇବାର ମୂଲ ?
ମୃତ୍ୟୁକୁ ତମେ ଡରି ନାହିଁ କେବେଁ,
କରିଅଛ ସଖା, ମୃତ୍ୟୁକ ଉପହାସ !
ମୃତ୍ୟୁ-ମୁଖର-ପଥେ ଗତିକର
ପରକଳ୍ପରେ ଶୁଣାଇଁଛ ନବ ଅଭିନବ-ସମ୍ଭାଷ ।

Digitized by srujanika@gmail.com

ଆଜି ଏତେବେଳେ ନବ-ବଧୂ ସମ
କିଆଁ ଅଭିମାନ କର ?
ଧର ହେ ମୃତ୍ୟୁ-ବିଜୟୀ ବନ୍ଧୁ, ନିପାତ-ଖଡ୍‌ଗ ଧର !
ଏଇ ଯେ ଅଦୂରେ ବିଜୟ-ବାହିନୀ,
ରକ୍ତ-ଫଉଜ, ଠିଆ
ସମ୍ମୁଖେ ତା'ର ମୁକ୍ତ-ପବନ
ହାତେ ହାତେ ତା'ର ଲୋଳ-ଲେଲିହାନ
(ମଶାଲେ ମଶାଲେ) ଦିଗ୍‌ବିଜୟର ନିଆଁ !

—ତୃତୀୟ ଖଣ୍ଡ—

ସୃଷ୍ଟି-ପିତାର ଗାତ୍ରେ ମାତିଛି ଗଳିତ କୁଷ୍ଠବ୍ୟାଧି,
ଧ୍ୱଂସର ଛଡ଼ା ତାହାପାଇଁ ଆଉ
ନାହିଁ କିଛି ଔଷଧି !
ପ୍ରଳୟ-ପାଗଳ, ଧ୍ୱଂସ-ଆକୁଳ
ହେ ମହା-ଜୀବନ ! ଏ ଯୁଗର ଅନାହାରୀ !!
ଶେଷଥର ପାଇଁ ଊର୍ଦ୍ଧ୍ୱେ ଉଠାଅ ଦୁର୍ବାର-ତରବାରି !
ଜାଗ ନିଃସ୍ୱର ମହା-କ୍ରନ୍ଦନ
ମହା-ବିଶ୍ୱର ନନ୍ଦନ-ବନ-ମଥି !
ମାନବାତ୍ମାର ହାହାକାର ଜାଗ, କମ୍ପାଇ ବସୁମତୀ !
ଜାଗ ମହାମାରୀ, ମହା-ଆନନ୍ଦେ,
ଆଗୁସା'ର ହୁଅ ଝଡ଼ର ଛଂଦେ
ଆଜିର ଜାରଜ-ଜାତୀୟତା-ମୋହେ ହୁଅନାହିଁ ଉଦ୍‌ବୁଦ୍ଧ !
ଜାଗ ଆଜି ତମେ ରକ୍ତ-ଘୋଷଣା,
ଅରାଜକତାର ବଦ୍ଧ-ପାଗଳ-ବୁଦ୍ଧି !
ଚଂଡ ଗଳାରେ ରକ୍ତ-ଜବାର ଦଳ—
ନାଚଉଠ,—ଆଜି କାପାଳିକ-କରେ ଶୋଣିତ-ଖଡ୍‌ଗ-ଧାର !
ଜୀବନ ହେ, ଆଜି ଦୁର୍ବାର କଳାପାହାଡ଼ର ଇଂଗିତେ,
ଜନପଦ, ପୁର-ପଲ୍ଲୀ ନଗର

Digitized by srujanika@gmail.com

ମୁଖରିତ କର
ଧ୍ୱଂସର ସଂଗୀତେ!

ମଂଦିର ଆଁଉ ମସ୍‌ଜିଦ୍‌-ଚୂଡ଼ା
ଧୂଳିସାତ୍‌ କର ଗୀର୍ଜ୍ଜା,- ପାଗୋଡ଼ା
ବାଇବେଲ୍‌, ବେଦ, କୋରାନ୍‌-ପରେ
ସଂଯୋଗ କର ବହ୍ନି;
ଚୃର୍ବାକ୍‌-ପ୍ରେତ-ଆତ୍ମା ଜାଗରେ, ନାସ୍ତିକତାର ଦୃଷ୍ଟି !
ଚଂଡ-ଅଧରେ ଚୁମ୍ବନ ଦେଇ
ଚୂର୍ଣ୍ଣ କରରେ, ଆଜି ଭଗବଦ୍‌ଗୀତା;
ଜାଗ ମହାକାଳ, କରେ ଧେନି ଶୂଳ,
ଧ୍ୱଂସର ସଂହନ୍ତା !
ସବୁଜ ଶସ୍ୟ-ହିଲ୍ଲୋଳ ପରେ ବନ୍ଧୁ !
ଫଳି ଉଠ ଆଜି ଲୋହିତ-ଊର୍ମ୍ମି,
ସଦ୍ୟ-ଶୋଣିତ- ସିନ୍ଧୁ!

ସୃଷ୍ଟି-ସୁଖର ବନ୍ଧନ-ମୋହ ଆଖିର ନିଆଁରେ ଜାଳି,
ଜାଗ, ଆଜି ଜାଗ ଯୁଗ-ସଂନ୍ୟାସୀ ଯୁଗଳ-ଲୋଚନ ମେଲି !
ମୁଠାରେ ମୁଠାଇ ମହା-ମୃତ୍ୟୁର ଶାଣିତ-କୁଠାର
ଜାଗରେ ଟକୋଟିଏ ଯୁଗର ରକ୍ତ-ତୃଷ୍ଣା !
ଜାଗ୍ରତ ହୁଅ, ଘନୀଭୂତ ହୁଅ,
ପ୍ରହର ବହ୍ନିର ଘନ-ବରିବର୍ଷା-କୃଷ୍ଣା !
ଜାଗ ହେ ଜୀବନ, ଦୁର୍ବାର-ଶିଶୁ, ଚଂଡ !
ଫିଙ୍ଗରେ ଯେତେ ପିନାଲକୋର୍ଡ଼,
ଶାସକ, ଶାସନ-ଦଂଡ ! !
ଗୁରୁ-ଗର୍ଜ୍ଜନେ ମାଡ଼ିଗଲ ଆଜି, ସର୍ବନାଶର ମେଲ୍‌ !
ବଜ୍ର-ବାହୁରେ ତୋଳିନିଅ ସଖା,
ସର୍ବନାଶର ଦୁର୍ଜ୍ଜୟ-ରାଇଫେଲ୍‌ ! !
ଛୁଟରେ ଛୁଟରେ ଶାସକ-କୁଳର
ଜୀବନ-ବିମାନ-ଧ୍ୱଂସୀ କମାଣ-ଗୋଳା,

Digitized by srujanika@gmail.com

ଫାଟଟର ଫାଟରେ ମହା-ପ୍ରଳୟର ପୁଞ୍ଜିତ-ବୋମା,
ଧରି ଭଗବାନ ଗଳା ! !

ସରଣୀ-ପ୍ରାନ୍ତେ ଡାକି ଡାକି ଯାଏ ଉନ୍ମାଦିନୀ ଏ ଧରା,
ସ୍ରଷ୍ଟାର ଶିରେ ବାଜିଲା ବାଜିଲା ,
ବିସ୍ଫୋରଣର ଧ୍ୱଂସାଶ୍ୱର ଖୁରା ।

କଟକ
ତା ୨୬ । ୩ । ୭୧

Digitized by srujanika@gmail.com

॥ ତଫାତ୍ ହୁଅରେ, ହୁଅ ! ॥

ଘାଂଗିଛୁ ତପ
ଫିଟି ଯାଇଛୁ ମୋ' ତୃତୀୟ ଲୋଚନ,
ମନର କମାଣ ମୁହଁ;
ସମ୍ମୁଖୁ ମୋର
ତଫାତ୍ ହୁଅରେ, ହୁଅ !

ତମେ ଯେ ଆସିଛ ଛଦ୍ମ-ବେଶରେ
ମୋର ମାନସର ପଦ୍ମ-କେଶରେ
ସାବଧାନ !
ଆଉ ଚାଲନା ମୋ' ପାଇଁ
ବିଶ୍ୱାସ-ଘାତୀ-ଲୋଚନ-ଗୁହାରୁ ଲୁହ,
ତଫାତ୍ ହୁଅରେ, ହୁଅ !!

ନିଜକୁ ଉଜାଡ଼ି ଦେଇଛୁ ମୁଁ କେତେ
ଅକାତେ ଆଲୋକ ଢାଳି,
ଅନ୍ୟରେ ଦେଇ ଶାନ୍ତିର ନୀଡ଼
ନେଇଛୁ ସାହାରା ବରି ।
ଜଟାରୁ ବୁହାଇ ଜାହ୍ନବୀ-ଧାର
ତୃଷାରେ କଂଠ ଆର୍ତ୍ତ-ଆତୁର
ଅନ୍ୟରେ ଦେଇ ବସନ-ଭୂଷଣ
ବରି ନେଇଛୁ ମୁଁ ଅସୀମ-କଷଣ
ଶେଷେ ମୁଁ ପିନ୍ଧିଛୁ
ଭୁଜରେ ଭୁଜଗ-ମାଳା,
ଭାଲପଟ୍ଟ-ପଟେ ବନ୍ଧି ଶଶଧର
ଧମନୀରେ ଖେଳେ
ବିକଟ-ଗରଳ ଜାଳା !

Digitized by srujanika@gmail.com

କରି କଳୁଷିତ ଦାକ୍ଷପକ୍ଷ
ହେଲି ଉନ୍ମାଦ,
ହେଲି ମୁଁ ଅନ୍ଧ
ଉଦର ଭରାଇ
ଯେବେ କରିଗଲେ
ଥୋକେ ଅମୃତ-ପାନ;
ଅକାତରେ ଶେଷେ କଲି ମୁଁ ବରଣ
ନୀଳ-ହଳାହଳ ଦାନ !
ସବୁ ଦେଖି ଦେଖି
ମୁଦ୍ରି ଦେଲି ଆଖି
କରୁଥିଲି ମୋର
ସାତ୍ତ୍ୱିକ-ଉପାସନା,
ରଚିଥିଲି ଘୋର-
ରୁକ୍ଷ-କଠୋର
ଆତ୍ମିକ-ତପ ସିନା !

ତମେ ସିଏ ଆସି ଭୀରୁ-ମନ୍ମଥ,
ଭଗ୍ନ କରିଲ ମୋର ମନୋରଥ
ସେଥିପାଇଁ ଆଜ ଫିଟିଲରେ ମୋର
ତୃତୀୟ ଲୋଚନ
ମନର କମାଣ ମୁଖ,
ଫୁଟିଲରେ ଗୋଳା,
ଫାଟିଲରେ ଶିଳା,
ସଚଳ ସରଳ ସଉଁଦର୍ଯ୍ୟର
ସବୁ ଲୀଳା-ଖେଳା
ପଦ୍ମ କଏ ଅଛ
ମନ୍ମଥ ଗୁଡ଼
ମହା-ମନ୍ମଥ
ଆସ !

Digitized by srujanika@gmail.com

ଶୁଣିଯାଅ ପୁଣି
ଆସି ଆଉ ଥରେ
ଧ୍ୱଂସର ମହା-
ସାଗ୍ନିକ ସଂଭାଷ !!

ସମ୍ମୁଖୁ ମୋର ଉଠାଅ, ହଟାଅ
ଯେତେ ଧୂପ-ଦୀପ,
ନଇବେଦ୍ୟର ଥାଳ !
ନୟନାଗ୍ନିରେ
ନହେଲେ ଜାଳିବ
ଏଇ ସୃଷ୍ଟିର
ପୁଷ୍ପ-ପାଖୁଡ଼ା,
ଫଟାଇ ଉଠିବ ନିଜ ମନ୍ଦର -
ଆସ୍ଥାନ, ଚୂଡ଼ା
ବୃଷ୍ଟି କରିବ ସୃଷ୍ଟିର ବୁକେ
ମହା-ପ୍ରଳୟର ଭୀଷଣ-ଛୁରୀକା
ଗଳିତ-ଉଲ୍‌କା ଭଳି !

ଅବମାନନାରେ କ୍ଷୁବ୍‌ଧ-ପରାଣ
ଏଇ ଯେ ଟେକିଲି ଶିଖା,
ଉତ୍‌ପାଟିବାକୁ ସୃଷ୍ଟିର ମୂଳ
ବାଜିଲା ଡମରୁ
ଉଠିଲାରେ ଶୂଳ,
ଥରିଲା ପିନାକ
ଗର୍ଜିଲା ଅହି
ଧୂର୍ଜଟି ଆଜି
ହୋଇଲା ଧ୍ୱଂସ-ମୁଖା ।

ଜାଗ୍ରତ ଆଜି
ଉନ୍ମାଦ ଆଜି

Digitized by srujanika@gmail.com

ନିଜେ ମହାକାଳ,
ଖର-ବିଦ୍ୟୁତ୍‌ଜିହ୍ୱ,
ଯହିଁ ଯିଏ ଅଛି
ସମ୍ମୁଖୁ ତାର
ଚଫାଡ୍ ହୁଅରେ, ହୁଅ !!

ଭୁ: ଭ
ତା ୧୩ | ୩ | ୬୨

॥ ଆମେ ଦୁହେଁ ॥

•

ଆମେ ଦୁଇ ଯୌବନର ଇସ୍ପାତ୍-ଘୋଟକ
କ୍ଷୁରୁ ଆମେ ବାର୍ଦ୍ଧକ୍ୟର ବକ୍ଷେ ହାଣି
ଆପଣାର ଶୋଣିତ-କର୍ଦ୍ଦମ୍,
ଆମେ ଦୁହେଁ ଅବିନାଶୀ, ବେଗଗାମୀ
ପ୍ରଚଣ୍ଡ-ଝଟିକା·····
ଆମ ଜନ୍ମ-ଜାତକରେ ନାହିଁ ମୋଟେ
ଟିକିଏ 'ବେଦମ୍' !

ପ୍ରଚଳିତ ସୃଷ୍ଟିର କୁଟୀରେ
ଆମେ ମହା-ଅଭିଶାପ-ଶିଶୁ,
ଆମେ ଖେଳୁ, ଆମେ ହସୁ, ଆମେ କାନ୍ଦୁ
ଦିବସର ମୁଖେ ଟାଣି ରାତ୍ରିର ଓଢ଼ଣା,
ନିଶୀଥ-ଚକ୍ଷୁରେ ଖଚି ତାରକାର ଫୁଲ ।
ଏ ସୃଷ୍ଟିର ବଡ଼ଦାଣ୍ଡେ
ଦିବା-ନିଶି ଭରି ଶୁଭେ ଆମ କଂଠ-ବେଣୁ ·····
ଅଗ୍ରସର ହେଉ ଆମେ
ଶତ୍ରୁର ଧମନୀ ମଧ୍ୟେ ଭରିଦେଇ
ଭୀରୁତା ଓ କ୍ଲାନ୍ତିର ଜୀବାଣୁ ।

ଧରଣୀର ଉପକଣ୍ଠେ
ଆମେ ଦୁଇ ଯୌବନର ଇସ୍‌ପାତ୍-ଘୋଟକ,
କଂଠେ ଆମ ବିଜୟର ହ୍ରେଷା,
ନିଜ- ବଳେ ଆମେ ବଳୀୟାନ୍,
ଆମେ ଦୁଇ କୋଷ-ମୁକ୍ତ ଶାଣିତ-କୃପାଣ

କଟକ
୨୦ ନଭେମ୍ବର ୧୯୬୦

Digitized by srujanika@gmail.com

॥ ଆଗମନୀ ॥

—ଏକ—

ତମେ ଯିଏ ଆସ ପାନ୍ଥ, ଅନାଗତ ହେ ମହା-ଜୀବନ !
ମୋ ପ୍ରିୟାର ତନୁ-ଲତା ଭାରାକ୍ରାନ୍ତ କରି,
ଆଶା ଆଉ ଆଶଂକାର ଜଗାଇ କମ୍ପନ ।

ତବ ଆଗମନ-ବାର୍ତ୍ତା ଶୁଣି ମୁହୂର୍ତ୍ତେ
ପୀଡ଼ିତ ମୋ' ଅତୀତର ମୁଖୁଁ……ଶୁଣେ ବାର ବାର
ତମ ମାତା ବକ୍ଷେ କାନ ପାତି,
ହେ ଶାୟିତ-ସୂର୍ଯ୍ୟ, ତବ ନିଶ୍ୱାସ-ପ୍ରଶ୍ୱାସ !
ତବ କମ୍ପ, ଅନାବିଳ-ହୃତ୍‌ପିଣ୍ଡର ଶବ୍ଦ ଧୁକୁ ଧୁକୁ ।
ମନେ ହୁଏ, କେଉଁଠାରେ ଦୂରେ……ବହୁଦୂରେ
ରଣାଙ୍ଗନ ଅଭିମୁଖେ, ସାମରିକ ଶୋଭାଯାତ୍ରା କାଳେ
ମିଲ୍‌ଟାରିଡ୍ରମ୍‌-ବୁକେ ଶୃଙ୍ଖଳିତ ବା ନିର୍ମମ ଓ ନିଷ୍ଠୁର ପ୍ରହାର !
ରୁଦ୍ର-ତାଳେ ଭାସିଆସେ ତାହାରି ସେ ଗମ୍ଭୀର-ନିନାଦ…
ହୃତ୍‌ପିଣ୍ଡର ସଞ୍ଚାଳନ ମାଧ୍ୟମେ ତମରି,
ପ୍ରକମ୍ପାଇ ବାୟୁସ୍ତର, ଘନାୟିତ କୃଷ୍ଣ-ବିଭାବରୀ ।

ଲେଖନୀ ମୁନେ ମୋ' ଜାଗେ,
ଜାଗେ ଆଜି ପ୍ରବଳ ସୂଚନା—ତମ ଆସିବାର,
ତବ ରଥ ଘର୍ଘର ଧ୍ୱନିରେ
ପୁଣି
ତମରି ସେ ଇପ୍ସିତର କାର୍ମୁକ-ଟଙ୍କାରେ
କଂପି ଉଠେ ମୋ' ଜୀବନ-ସାମ୍ରାଜ୍ୟର ଦୁର୍ଭେଦ୍ୟ-ପ୍ରାଚୀର ।

Digitized by srujanika@gmail.com

— ଦୁଇ —

ତମେ ଯିଏ ଆସୁଅଛ ଆସ,
ନାହିଁ ମୋର ଆପତ୍ତି କଦାପି;
ତମେ ଯିଏ ହସୁଅଛ ହସ,
ମୋ' ପ୍ରିୟାର ଜଠରେ ଅଦ୍ୟାପି !
ଉଦୟର ପଥଖୋଜା ଆହେ ନବାରୁଣ,
କରାଘାତ କର ଯିଏ ମୋ ସନ୍ତାନ-ଜନନୀର ଜଠର-ପ୍ରାଚୀରେ,
ତମେ ଯିଏ ଆସ ଧୀରେ ଆଲୋକର ପୋତ,
ମୋ' ସାଗ୍ନିକ ଜୀବନର ଗ୍ରନ୍ଥ-ସୂଚୀ-ତୀରେ !

ଜୀବନର ମେଘାଚ୍ଛନ୍ନ-ବ୍ୟୋମ-ବୁକେ
ଆସ ବନ୍ଧୁ, ବିଦ୍ୟୁତ୍‌ର ତରବାରି ସମ !
ନାଚିଯାଅ, ଜଳିଉଠ, ଅନ୍ଧକାର ପ୍ରାଣ-ପ୍ରାନ୍ତେ
ଅବିନାଶୀ ଜ୍ୱଳନ୍ତ-ପାବକ !!

ସ୍ୱପ୍ନର ବାସ୍ତବ ଫଳ ହେ ସନ୍ତାନ ମମ,
ଅତୀତର ବିଦ୍ରୋହୀ ମୁଁ, ବର୍ତ୍ତମାନ ବିଶ୍ୱସ୍ତ ଜନକ,
ମୋତେ କିନ୍ତୁ ଦୁର୍ଦ୍ଦିନର ଦଣ୍ଡ କେବେ କରିନାହିଁ କ୍ଷମା,
ବାଜିଅଛି, ବାଜୁଅଛି ଆଜି ମଧ୍ୟ କାନେ…
ଦୁଃଶ୍ୟ, ହୀନ-ମରଣର ବିଭତ୍ସ-ଦାମାମା ।
ଉର୍ଦ୍ଧ୍ୱେ ମୋର ଦବା-ଗ୍ରତ୍ର ଥରିଛି ଆକାଶ,
ଦୈନ୍ୟ-ଗ୍ରେଟେ ଝରିଛି ପ୍ରଭିଭା,
ତିଳେ ତିଳେ ଜଳି ମ୍ଳାନ ହୋଇଅଛି
ଜୀବନର ଆଭା ।

ଶାନ୍ତ ମୋ କୁଟୀର-ଦ୍ୱାରେ
ବାରଂବାର ଠିଆ କରି ଅଛି ନିଜ ରଥ
ନିର୍ଲ୍ଲଜ ସେ ମୃତ୍ୟୁର ସାରଥି,

Digitized by srujanika@gmail.com

ବନ୍ଧୁ !
ଧ୍ୱାନ୍ତ ମମ ଜୀବନ-ମନ୍ଦିରେ
ହୋଇ ନାହିଁ ଦିନେ ହେଲେ ପ୍ରଦୀପେ ଆରତି !

ଝଂକାର ଉଦାତ୍ତ-କଣ୍ଠେ
ବାରଂବାର କଂଠ ମୋ' ମିଳାଇ,
ସହସ୍ର ସହସ୍ରବାର ନିଜେ ମୂର୍ଦ୍ଧ କରିଛି ଘୋଷଣା,
ମୃତ୍ୟୁ-ସ୍ୱରେ ଜୀବନର ସୁମହାନ୍ ଗାଥା,
ସର୍ବଶେଷେ ସଂଗ୍ରାମର ରୂପ ଆଜି ନେଇଅଛି
ମୋ' ଆତ୍ମାର ପୁଞ୍ଜୀଭୂତ ବ୍ୟଥା ।

ଗନ୍ଧହୀନ, ବର୍ଣ୍ଣହୀନ ଜୀବନ ମୋ,
ହେ ସନ୍ତାନ, ହେ ପଥିକ ଅନାଗତ-ରବି !
ଜୀବନର ପଥ ମମ ବିପଦ-ସଂକୁଳ
ହଠାତ୍ ଅତୃଣୀ ହୁଏ ସେ ପଥରେ ମଣିଷର ଛବି !!

ତମେ ଯେବେ ଆସୁଥାଅ ସେହିପଥ ଧାରେ,
ଜାଣିରଖ, ନୁହେଁ ସିଏ ସାଧନାର ଉଜ୍ଜ୍ୱଳ-ସରଣୀ;
ଯୌବନର ସ୍ୱର୍ଣ୍ଣଦିନ ସରିଯାଏ ସେ ପଥରେ
ଖାଲି ମୁଠେ ଭାତର ସନ୍ଧାନେ,
ଅ-ଦିନରେ ବାର୍ଦ୍ଧକ୍ୟର ଝଡ଼ ଆସେ
ଜୀବନର ମଥାପରେ ନଇଁ,
ସେ ପଥଟା କାନ୍ଦେ ନିତି ମାନବର ଆତ୍ମାର କ୍ରନ୍ଦନେ...
ତୁହାଇ ତୁହାଇ ।

ସୂଚୀହୀନ-ଗ୍ରନ୍ଥ-କାବ୍ୟ ହେ ସନ୍ତାନ ମମ,
ତମେ ଆସି ପୋଛିଦିଅ ସେ ପଥରୁ,
ଜୀବନ ଓ ଯୁଗର କ୍ରନ୍ଦନ !!

କଟକ
ମଲ୍ଲ ପହଲ୍ଲ
୧୯୬୧

Digitized by srujanika@gmail.com

॥ ସ୍ୱପ୍ନ ଓ ସ୍ୱାଧୀନତା ॥

*

ଅଣ୍ଡା ଭିତରେ ଥାଇ ଦିନେ ଭ୍ରୂଣ
ଦେଖିଲା ସପନ
ମୁକ୍ତ-ନଭରେ ପକ୍ଷ ପିଟି,
ଦିଗ୍‌ବଳୟର
ଅସୀମ-ପଥରେ
ମହାନ୍-ଇଥରେ
ଲୋଟାଇ ନିଜକୁ
ଛୁଟାଇ ନିଜକୁ
ଯିବାର ଉଡ଼ି...
ଉଷୁମ, ନରମ ଯୁଗଳ ଡେଣାରୁ
ପକ୍ଷ ଝାଡ଼ି...
ସୁନୀଳ-ଗଗନ
ଅନୀଳ କାନ୍ତି ।
ଦେଖି ଦେଖି କେତେ ବିଲ-ବନ-ଗିରି
ନଦ-ନଦୀ ପୁର-ଜନପଦ-ଶିରୀ
କୁଟୀର ମାଳା .....
ନଗ୍ର, ସହର, ପ୍ରାସାଦପନ୍ତି †
କର୍ମଶାଳା...
ହର୍ମ୍ୟମାଳା ।

କିନ୍ତୁ କାହିଁ ?—
ସ୍ୱାଧୀନତା ଆଉ ମୁକ୍ତିର ପଥ
ରୁଦ୍ଧ ଏଇ !
ରୁହିଁ ଦେଖେ ଭ୍ରୂଣ
ନିଜ ଅବୟବ କେନ୍ଦ୍ର କରି,

Digitized by srujanika@gmail.com

ଚଉଧାରେ ଖାଲି ଲଳର ଆଗର
ତା’ ଉପରେ ପୁଣି ପର୍ଦ୍ଦା ଏକ,
ତା’ ଉପରେ ପୁଣି
ଧଳା-ଖୋଳସର
ପାର୍ଶ୍ୱ-ପାଚେରି
ରହିଛି ଘେର
ଶକ୍ତ ଘର !
କାହାର ପରଶେ ହଲିଯାଇ ଭ୍ରୁଣ
ହେଲା ସଚେତନ
ଛୁଟିଲା ସପନ
ଟେକିଲା ଲପନ
ଦେଖିଲା ଗୃହଁ,
କେହିତ ନାହିଁ !
ଅନୁଭବିଲା ସେ ମନତଳେ ତା’ର
ହେଉଛି ବେଳେ ··
ସତେ ଅବା ତା’ର ପରାଣ-ବଂଶୀ
ବାଜିବାର ବେଳ ହେଲା କିବା ଆସି
ସ୍ୱାଧୀନତା ଆଉ ମୁକ୍ତି-ସୁରେ ! !

‘ଠକ୍ ! ଠକ୍ !! ଠକ୍ !!!’
ଅଂଡା-ଖୋଳର-ପାଚେରି ଉପରେ
ହଠାତ୍ କିନା··
ଶବ୍ଦ ହେଲା,
ଚକିତେ ଚମକି ଅନାବିଲ-ଭ୍ରୁଣ
ପ୍ରଶ୍ନ କଲା,
“କିଏରେ ତୁ-ଉ ?”
ଜବାବ୍ ଆସିଲା,
“ମଣିଷ ମୁ-ଉଁ !”
!   !   !   !

Digitized by srujanika@gmail.com

"ମାଗିବ ଗୋଟାଏ ଡାକଷ ତୋତେ
ଦେଇ ପାରିବୁ ତୁ
ସ୍ୱାଧୀନତା ଆଉ ମୁକ୍ତି ମୋତେ ?"

ଭ୍ରୂଣ-କଂଠରୁ ସରଲିନ୍ନ କଥା
ଦୋହଲାଇ ମଥା
ହସିଲା ମଣିଷ
ଉଠିଲା କହି—,
"ଏଇ ଛାର କଥା,
ସ୍ୱଭବଛୁ ମୁଁ କ'ଣ
ନପାରେ ଦେଇ ?"
' ଦେବୁ ସତେ ତୁ-ଉ ସ୍ୱାଧୀନତା ମତେ '
ତାହେଲେ ନେଏରେ,
ପ୍ରଥମେ ମୋହର ପ୍ରଣାମ ନେଏ !
ଯାହା ଦେବା କଥା
ଦେବୁ ଯେବେ ମତେ
ଫୁର୍ତ୍ତି ଦେ-ଏ !!"

✳ ✳

ନର-କରାଘାତ ପରଶେ ଅଂଣ୍ଡା-
ଖୋଳପା ଫାଟିଲା
ପାଚେରୀ ତୁଟିଲା
ବିହଗ-ଭ୍ରୂଣର
ଚିତ୍ତ-ଚକୋରୀ
ଉଠିଲା ନାଚି,
"ଧନ୍ୟରେ ନର, କେଡ଼େ ତୁ ଉଦାର
ପରାଧୀନ ଜୀବେ
ଦେଲୁ ସ୍ୱାଧୀନତା
ଦେଲୁରେ ଯାଚି !"

Digitized by srujanika@gmail.com

ଅଣ୍ଡାର ସେଇ ଭିତର-ଅଂଶ
ଯେଉଁଠି ଭ୍ରୂଣର ପରାଣ-ହଂସ
ହୋଇଲା ସେ ଏକ ପାଟେ ଢଳା···
ପାଖେଇ ଆସିଲା
ସ୍ୱାଧୀନତା ଆଉ ମୁକ୍ତି ବେଳା !
ଗୁଲିଲା ଫେଣ୍ଟା
ହୋଇଲା ଫଠା
ମଣିଷ ହାତର
ଗୁମଗୁଣ୍ଠା ସତେ
ଯେପରି କଣ୍ଟା !
ଶତ-ବର୍ଷର ଯନ୍ତ୍ରଣାଘାତ
ଆଣି ଦେଲା ସ୍ୱେତ
ଭ୍ରୂଣର ବୁକେ ··
ଭ୍ରୂଣ ସେତେବେଳ
ଆକୁଳେ ଡାକେ ।—
"ବଞ୍ଚାଅ ମତେ କିଏ ଅଛୁ କାହିଁ,
ସ୍ୱାଧୀନତା ମୋର ନାହିଁ ଲୋଡ଼ା ନାହିଁ
ପୂର୍ବ-ଜୀବନେ ଫେରିଯିବା ପାଇଁ
ଦିଅ ପଥ କାଢ଼ି,
ଲୋଡ଼ା ମୋର ସେହି
ଶଙ୍ଖ-ଖୋଳସ-
କାରା-ପ୍ରାଚୀରର
ଅନ୍ତରାଳ ··
ବେଳ ହୋଇ ନାହିଁ
ଭେଟିବାର ପାଇଁ
ସୁନୀଳ ମୁକ୍ତ
ଗଗନ-ତଳ !"

*

*   *

Digitized by srujanika@gmail.com

କିଏ ବା ଶୁଣିବ ଆକୁଳ-ବିକଳ
ଏହି ନିବେଦନ
ଏହି ଆବେଦନ ?
ଉଠିଲା ମାନବ ଅଟ୍ଟହାସି; —
"ଧର୍ଯ୍ୟ ଧ-ଅ !
ଦେଲ ସ୍ୱାଧୀନତା,
ଦେଲ୍‌ରେ ମୁକ୍ତ
ଟିକିଏ ରହ !!"

? ? ? ? ? ?

ହଠାତ୍ ଲଗିଲା ଭ୍ରୁଣ-ଅଂଗରେ
କୋଟି-ସୂର୍ଯ୍ୟର ରଶ୍ମି ତେଜ,
କୋଟିଏ ତପ୍ତ-ମରୁ-ବାଲୁକାର
ପରଶ ତାକୁ
ଗୃହୁଁ ଗୃହୁଁ ଗଲା ସ୍ପନ୍ଦନ ତୁଟି,
ଅଂଗେ ଉଠିଲା
ମରଣର ନୀଳ ବର୍ଣ୍ଣ ଉକୁଟି
ହୋଇଲା ଅଚଳ
ଅତି ଅନାବିଳ
ନରମ-କୋମଳ
ଦଗ୍‌ଧ-ବୁକୁ ।

ଘଣ୍ଟେ ପରେ
ମଖମଲି-ବାସ ଟେବୁଲ୍ ଉପରେ
ହୋଇଲା ସଜା,
ଥୁଆ ହେଲା ଆସି
ତା'ପରେ ପ୍ଲେଟ୍
ଆମ୍‌ଲେଟ୍ ଆଉ
ପୁଣି କଟ୍‌ଲେଟ୍

Digitized by srujanika@gmail.com

ବଏଲ୍ ହ୍ୱାପ୍;
କୁର୍ମୀ, କାସ୍ମୀ ଓ ହ୍ୱବ୍ୟ ରଫ୍ ।

ଠିକ ଜାସ୍ତିରେ
ପ୍ଲେଟ୍-ବସ୍ତିରେ
ବାଜି ତ ଉଠିଲା
ମଣିଷ-କରେ;
ଭୋଜନ-ଛନ୍ଦେ
ନୂତନ-ବନ୍ଧେ
ସ୍ୱାଧୀନତା ଆଉ ମୁକ୍ତ-ଗନ୍ଧେ
ଅତି ସୁମଧୁର କଂଠ, ଗୃମର୍ ଝଂକାର;
ଗଳାଧକରଣ କାର୍ମୁକ ଭୀମ ଟଂକାର ! !*

କଟକ
ତା ୪ । ୯ । ୫୯

---

*ବଙ୍ଗଳାର ବିଖ୍ୟାତ ଗାଳ୍ପିକ ବନଫୁଲ୍‌ଙ୍କର ଗୋଟିଏ ଗଳ୍ପର ବିଷୟବସ୍ତୁକୁ ଭିତ୍ତି କରି ।

Digitized by srujanika@gmail.com

॥ ପରୀକ୍ଷା ॥

ତମେ ଯେବେ କହ ମହାନ୍ ସ୍ରଷ୍ଟା,
ତମ ସୃଷ୍ଟିର ଶାସନ ଗ୍ଲୁଲଛି ଠିକ୍
ମାନବ-ରକ୍ତେ ଦାନବ ଦଳର ଗ୍ଲୁଲନାହିଁ ପିକ୍‌ନିକ୍ !
ଯୋର୍‌କରି ତମେ ଯେବେ କହ ଭଗବାନ,
ଜଗତର ଜଠରେ କାନ୍ଦୁନି ଯଉବନ !!

ଆଦିପିତା ! ଯେବେ ତମରି ନାମରେ ଗ୍ଲୁଲନାହିଁ ଭଣ୍ଡାମି;
ଜୀବନର ପୁରେ ଗ୍ଲୁଲନାହିଁ ଯେବେ ମରଣର ଗୁଣ୍ଡାମି !
ଯେବେ ତମରି ଚନ୍ଦ
ନହୋଇ ବନ୍ଦ
ଘୂରୁଛି ଠିକଣା କକ୍ଷେ;
ପକ୍ଷାଘାତରେ ତମ ଚଉବାହା
ନହୋଇ ଅଚଳ
ଯେବେ ଧରିଅଛି ଭଗବତ୍-ରାହା,
କ୍ଷମତାର ମହା ମନ୍ତ୍ର-ପଟଳ ମାଡ଼ିନାହିଁ ଯେବେ ଚକ୍ଷେ,
ଗଳିତ-ଦନ୍ତ,
ପଳିତ-ଚର୍ମ
ଯେବେ ହୋଇନାହିଁ ବୃଦ୍ଧ;
ତାହେଲେ କାହିଁକି
ମାନବ ପାଇଁକି
ମନ୍ଦିର ତବ ରୁଦ୍ଧ ?

ସୃଷ୍ଟି-ଶାସନ, ପାଳନ-ପୋଷଣ ଯେବେ ଗ୍ଲୁଲଅଛି ଠିକ୍,
ଯେବେ ଗ୍ଲୁଲନାହିଁ ବୈଲୁନ୍‌ଧର୍ମୀ ଅନାସୃଷ୍ଟିର
ସ୍ୱପ୍ନିଳ-ପିକ୍‌ନିକ୍ ;
ତା'ର ପରୀକ୍ଷା ଦେବାପାଇଁ ହେବ ଭଗବାନ ! ଆଜି ଏଥେ,

Digitized by srujanika@gmail.com

ସେହ୍ନ ପରୀକ୍ଷା ନୁହେଁ କଦାଚତ୍
 ନବ-ଭଗବାନ-ନିର୍ବାଚନର ପଥେ !
ସେ ପଥରେ ତମକୁ ହୋ ମୁକାବଲା,
 କ୍ଷମତାର ଅସି-
 ଧର ହସି ହସି
 ପୁଣିତ ଜଣିବ
 ନିର୍ବାଚନର ପାଲା !

ତମର ସୃଷ୍ଟି ଆହ୍ୱାନ ଦିଏ ତମକୁ ସର୍ବଦା ଆଜ୍ଞ,
ଦିଅ ପରୀକ୍ଷା, ନିର୍ବାଚନର ମାଧ୍ୟମେ ନୁହେଁ,
 ଯୋଦ୍ଧା-ଶାସକ ସାଜ !!
 ଦିଅ ଜନତାରେ ଅସ୍ତ୍ରାଗାରର ଗୃହ,
 କରିବାକୁ ଦିଅ ଅବାଧ-ଅସ୍ତ୍ର-ଶୃଙ୍ଖଳା ବନ୍ଧୁ,
 ଢାଳିବାକୁ ଦିଅ ପ୍ରଳୟ-ଅନଳେ ହବ୍ବ ! !
 ମହା-ଜନତାର ମହା-ଅଞ୍ଜଳି
 ଗୋଳା-ବାରୁଦରେ ଦିଅ ବାରେ ଭରି,
 ମାରଣାସ୍ତ୍ରର ଲାଇସେନ୍‌ସ୍ କର ଫ୍ରି !
 ଠିକ୍ ତାହାପରେ ଯେବେ ରହିଯିବ
 ତମ ଶାସନର ଶ୍ରୀ;
ତାହେଲେ ଜାଣିବ ବସୁଧା-ଶର ମହା ବଶ୍ୱର
 ପ୍ରତିନିଧି ତମେ, ଠିକ୍,
ଶୋଷଣ ମିଥ୍ୟା, ମରଣ ମିଥ୍ୟା, କପଟ ମିଥ୍ୟା
 ମାନବ-ରକ୍ତେ ଦାନବର ଧକ୍‌ଧକ୍ ! ! !

କଟକ
ତା ୧୨ । ୭ । ୭୧

॥ ପ୍ରଶ୍ନ ଓ ପ୍ରତ୍ୟୟ ॥

(୧)

ପକ୍ଷପାତୀ ମୁଁ ନୁହେଁ କରିବାର ତମକୁ ଅନ୍ଧ-ଭକ୍ତ
ଲକ୍ଷ୍ୟ ଟା ମୋର ତମଠାରୁ ମହୀୟାନ୍,
ଭକ୍ତିଟା ମୋର
ଏତେଟା ଶସ୍ତା-
ନୁହଇ, ଅଦେଖା-ଶକ୍ତି !
ତମ ବିନା ବେଟ୍ କରି ମୁଁ ପାରିବ ଜୀବନର ଜୟଗାନ୍ ! !

(୨)

କାହିଁକି ଦେବି ମୁଁ
ତମ ପଦେ କହ,
ଧୂପ, ଦୀପ, ନଇବେଦ୍ୟ ?
କାହିଁକି ଡାକିବି ତମକୁ ମୁଁ 'ଈଶ୍ୱର ?'
ବସ୍ମସ୍ତ-ଚର-ସଂଗ୍ରାମୀ-ପ୍ରାଣ ଅଟଇ ମୋ' ଅନବଦ୍ୟ,
ବନ୍ଦନା-ଗୀତ ଗାଇବାର ନାହିଁ ଫଳ ତମ ବଶ୍ୱର !

(୩)

ଜୀବନ ଆଦ୍ୟ-
ଉଷା ଠାରୁ ଧରି
ବେଳାକରେ ଢେଳା
ବେଳା ତରିବାଯାଏ
କେବଳ 'ବଂଚି-
ରହିବା'ର ପାଇଁ
ସଂଗ୍ରାମ କରି

Digitized by srujanika@gmail.com

ବିତିଗଲା ଯେବେ ଏ ମହା-ଜୀବନ
ସାଧନାର ବେଳ
କେଉଁ ଜନ୍ମରେ ? କହ !
ଜୀବନକୁ ଭଲ-
ପାଇବାର ନିଶା
ପୁଣି କେଉଁ ଦି॰
ପ୍ରାଣ-ସଂପଦେ ମୋହ ??

କଟକ
୩ ସେପ୍ଟେମ୍ବର ୧୯୭୦

Digitized by srujanika@gmail.com

॥ ଅଭିମନ୍ୟୁ ॥

ମହାଭାରତର ଇତିହାସ ତଳେ
ଜୀବନର ଏଇ ସ୍ୱର୍ଣ୍ଣ-ସକାଳେ
ମଧୁମାସ-କୂଳେ
ମରଣର ରଥ ବାହି ରେ,
ଅଭିମନ୍ୟୁ ମୁଁ ଅଭିଯାନ ରଚେ
ସମ୍ମୁଖ ରଣଭୂଇଁ ରେ !

ଉତ୍ତରା, ତୋର ଉତ୍ତରୀୟକୁ ସଞ୍ଚିତ କର,
ବାହୁ-ବନ୍ଧନ ଫିଟାଅ !
ଏଇ ଜନ୍ମର ସକଳ ମମତା
ଛୁଟାଅ ସଜନୀ, ଛୁଟାଅ !!
ଅନ୍ୟାୟ-ରଣ-ସଂଗୀତ ସିନା
ଇଂଗିତ ଦିଏ ଆଜି ରେ,
ଅଂତର ତଳେ
ପୀରତି ବଦଳେ
ଖାଲି ତରବାରି-ଛଂଦ ଉଠିଛି ବାଜି ରେ !

ଉଚ୍ଛୁର ହେଲାଣି
ଦିଅ ଗୋ ମେଲାଣି,
ମନେ ଆସେ ସଖୀ,
ସମ୍ମୁଖେ ଦେଖି
ଅସରି-ସରଣୀ
ମର-ଜନମର ପରପାରେ ପୁଣି
ପର-ଜନ୍ମରେ
ହଜିଥିବା ଆମ ପ୍ରୀତି-ଫାଲ୍‌ଗୁନ
ଯାଉଁଛି ଆଣିବା ଖୋଜି ରେ···

Digitized by srujanika@gmail.com

ପୀରତି ବଦଳେ ଖାଲି ତରବାରି-
ଛନ୍ଦ ଉଠିଛୁ ବାଜି ରେ !!

ମାନବ-ଜୀବନେ 'ଦିନ'ର ସଂଖ୍ୟା
ବେଶୀ ନୁହେଁ ପ୍ରାଣପ୍ରିୟା ଗୋ,
ବେଦନା ଜାଗଇ
ଦୁଃଖ ଲାଗଇ
ସେହି ମଧୁମୟ-ଦିବସ କେତୋଟି
କାଟି ପାରିଲେନି
ଯାହା ଗୋ !
ଭଲ ବସିଲେ ତ ମରମ ପୋଡ଼ଇ,
ବଖାଣିଲେ ତୋର
ପ୍ରୀତି-ଛଳ ଛଳ
ଲୋଚନ ଯୁଗଳୁ
ଲୋତକ ନୁହେଁ ଲୋ,
ରୁଧିର ଗଡ଼ଇ
ଖସିଲଣି ମୋର ଫୁଲ-ଶରସନୁ
ଅଗ୍ନିର ଝୁଲି, ଭମିନୀ;
କିପରି କାଟିବା କହ ଏତେବେଳେ
ପୀରତିର ମଧୁ-ଯାମିନୀ ?

ଗୁଟି ଦେଇ ଗଲି
ଯେଉଁ ବୀଜ ତୋର
ଜଠର-କେଦାରେ
ଉଠିବ ତହିଁରୁ
କାଳ-ବଟତରୁ
ଝଂକୃତ କରି ନବ-ପଲ୍ଲବ ରାଜିଲେ;
ତାହାରି ଶୀତଳ-ଅନାତପ ତଳେ
ନୂଆ-ଭାଗବତ-
ମନ୍ତ୍ର ଉଠିବ ବାଜି ଲୋ !!

Digitized by srujanika@gmail.com

ଜାଣେ, ମୋ' ବିଜୟ-ତାମ୍ର-ଫଳକ
ହାତେ ମୋର ନାହିଁ,
ସପ୍ତ-ଶତ୍ରୁର ଅନ୍ୟାୟ-ରଣ
ଜାଣେ, ମୋ' ପରଣ
ପାରିବନି ନେଇ
ଲକ୍ଷ୍ୟମୟୀ ଗୋ, ଗୁଡ଼ି, ମୁଁ-
ସମରେ ପଶିବ!
ମୃତ୍ୟୁର ସାଥେ ମୈତ୍ରୀ କରି ମୁଁ
ଫାଲ୍‌ଗୁନୀ-ସୁତ
ନୀଳ-ଫାଲ୍‌ଗୁନେ ହସିବ ।

ଉତ୍ତରା, କହ ଶାନ୍ତି ଅଛି କି
କୁରୁ-କୀର୍ତ୍ତି ଏ ମହୀରେ ?
ଭୁଜ-ବଲ୍ଲରୀ ଖୋଲିଦିଅ ସଖୀ,
ବାନ୍ଧି ଦିଅ ମୋ' ଭୁଜେ ନିର୍ମମ-
ବିଦାୟର ରାଖୀ,
ସୁନ୍ଦର-ଶିଶୁ-ଆନନ-ଗଣ୍ଡେ
ଶେଷ-ଚୁମ୍ବନ ନିଅ ଗୋ !
ସିନ୍ଦୂର ପୋଛି ଭାଲପଟୁ ତୋର
ପରିଚିତ ଏଇ ଭାଲପଟେ ମୋର
ବାରେ ତୋର କର ଛୁଅଁ ଗୋ !!
ପାଥେୟ ପଥେ ମୋ' ସେତିକି······
ବିଦାୟ-ବେଳାରେ
ମରମୀ-ବାଳା ରେ,
କେବଳ ମାଗୁଣୀ ଏତିକି !

ତୋର ଅଂକିତ
ଶୋଣିତ-ଦୀପ୍ତ-ଦୁର୍ବାର-ଟିକା
ଲଲାଟ-ପଟେ ମୁଁ ନେଇ ରେ,

Digitized by srujanika@gmail.com

ଶତ୍ରୁ-ଶିବିର-କୂଟ-ମଂତ୍ରଣା,
ଶତ୍ରୁ-ଖଡ଼୍‌ଗ-ଘାତ, ଯଂତ୍ରଣା
ସହିବି ସଜନୀ,
ମୋର ଅକ୍ରମ ଶୋଣିତ-ବିନ୍ଦୁ
ଦେଇରେ,
ଅଭିମନ୍ୟୁ ମୁଁ ଅଭିଯାନ ରଚେ
ସମ୍ମୁଖ ରଣ ଭୂଇଁରେ !!

କଟକ
୫ ଜୁଲାଇ ୧୯୬୦

Digitized by srujanika@gmail.com

॥ ତମପାଇଁ ॥

(ଶ୍ରୀଯୁକ୍ତ ରଘୁନାଥ ଦାସଙ୍କୁ)

ଜୀବନର ମଂଜି-ଥିବ ଶୀତାର୍ତ୍ତ-ସନ୍ଧ୍ୟାରେ
ତମେ ଯିଏ ଦେଲ ବନ୍ଧୁ,
କଠୋର ଗୃହା, ଖଣ୍ଡେ ଯିଗାରେଟ୍,
ଥର ଥର-ଗାତେ ଯିଏ ଢାଙ୍କିଦେଲ
ଦାରିଦ ଓ ଦୟାର କମ୍ବଳ,
ପାଖେ ତା'ର
ମୂଲ୍ୟହୀନ, ତୁଚ୍ଛ ଅଟି
ଧନ-ମଦୋନ୍ମତ୍ତ କୋଟି ଆଇରନ୍‌ଚେଷ୍ଟ ।

ବନ୍ଧୁ !
ତମ ଦତ୍ତ ଗୃହାକପ୍‌ଟିର
କରିବ କେ ମୂଲ୍ୟାଙ୍କନ ?
ମଣିଷ ତ ନାହିଁ ଏ ଧରିତୀରେ !
ପଶୁ, ପଶୁ, ଖାଲି ପଶୁ
ଦ୍ୱିପଦ ଜାନ୍ତବ-କ୍ଷୁଧା
ଜୀବନକୁ କେନ୍ଦ୍ର କରି ଘୂରିବୁଲେ
ଆପଣାର ଅସ୍ଥି ଆଉ ଚର୍ମର ଖୁଆରେ !

ବନ୍ଧୁ !
ତମ-ଦତ୍ତ-ଗୃହାକପ୍‌ଟିର
ଉଷ୍ଣତା
ସଜାଗ କରିଛି ମୋର ହୃତ୍‌ପିଣ୍ଡର ବୃହତ୍‌-ଧମନୀ;
ତା'ର ସେହି ଉର୍ଦ୍ଧ୍ୱମୁଖୀ-ବାଂଫର ଉତ୍ତାପେ······
ପୁନଶ୍ଚ ଚଳିଛି ଆଗେ
ମୋ ଦୁର୍ଦ୍ଧର୍ଷ-ଜୀବନର ଦୁର୍ବାର ଇଂଜିନ ।

Digitized by srujanika@gmail.com

ତମ ଗୃହା ବାଷ୍ପ ଆଜ ଘୂରି ଘୂରି ଉଠେ ଉର୍ଦ୍ଧ୍ୱେ
ମନତଳେ ମମ,
ତା' ଉତ୍ତାପ ରକ୍ତେ ରକ୍ତେ ଧରି
ହୋଇଛି ମୁଁ ମହାପ୍ରାଣ୍,
ଏ ସୃଷ୍ଟିର ବ୍ୟତିକ୍ରମ ଏକ,
ସଂନ୍ୟାସୀ, ବିଦ୍ରୋହୀ;
ବନ୍ଧୁ !
ତମ-ଦତ୍ତ-ସିଗାରେଟ୍-ଧୂମ୍ର-ଉପକୂଳେ —
ପୁନର୍ବାର ମୋ' ଜୀବନ-ଅଗ୍ନି-ପୋତ
ଦେଉଛି ଭସାଇ !!

ଅଜର, ଅମର ବନ୍ଧୁ ମୃତ୍ୟୁହୀନ
ତମ-ଦତ୍ତ ସେ ଗୃହାକପ୍ଟି !
ଅନିର୍ବାଣ ତମ-ଦତ୍ତ-ସିଗାରେଟ୍-ନିଆଁ .....
ଲହ ଲହ ହୁଏ ତାହା
ମୁଖରେ ମୋ' ହୋଇ ସପ୍ତ-ଜିହ୍ୱା ।

ଉତ୍ତପ୍ତ କରିବ ଆଜି ସେ ବହ୍ନିରେ
ସପ୍ତ ସିନ୍ଧୁଜଳ,
ବ୍ରହ୍ମାଣ୍ଡର ହୃତ୍‌ପିଣ୍ଡରେ ଆଣିଦେବ
ଅସହ୍ୟ-ଯନ୍ତ୍ରଣା;
ତମ-ଦତ୍ତ-ଦରଦ ଓ ଦୟାର କମ୍ବଳେ—
ଢାଙ୍କିଦେବ ଏ ଜାରଜ ତପନର ମୁଖ......
ଉଦ୍‌ଘାଟିତ କରିଦେଇ ରାତ୍ରିର ମନ୍ତ୍ରଣା ।

ଭଦ୍ରକ
ତା ୨୧।୧।୬୧

Digitized by srujanika@gmail.com

॥ ନବୀନ-ଆଶାର ବନ୍ୟା ॥

(୧)

ସୂର୍ଯ୍ୟର ଜମା ନାହିଁ ମୁଲକାତ୍
ଧରି ସାବଧାନ, ଭରି ସାରାରାତ୍
ଝର ଝର ଅବାରିତ ବାରିପାତ୍
କାନ୍ଦେ କି ମେଘକନ୍ୟା ?
ଏଇ ଆସେ ଏଇ, ପ୍ରଳୟଙ୍କରୀ ବନ୍ୟା !!

ସାଗର-ଦୁଆର ରୁଦ୍ଧ ତ ଏବେ
ଡାକେ ଜଳରାଶି ଭୈରବ-ରବେ
ଅମାବାସ୍ୟାର ଧ୍ୱାନ୍ତ-ଗଗନେ
ପ୍ରଳୟ-ବିଷାଣ ବାଜେ;
ଧାବମାନ୍-ଜଳ ସାଗର-ସରଣୀ ଖୋଜେ ।

ମାତେ ବେଳୁବେଳ ଫେନ ଗମ୍ଭୀର-ଜଳ,
ମଦ୍ୟପ-ସ୍ରୋତ ଧାଏଁ ସମ୍ମୁଖେ
କଳ କଳ କଳ କଳ ।

(୨)

କେଉଁ ଗୁହାଳରେ ଡାକେ ଅସହାୟ-ଧେନୁ,
ଆଉ ତ ଶୁଭୁନି ଗୋରୁ-ଗୋଠ ତଳୁ
ଗୋପାଳ-ପୁଅର ବେଣୁ !
ଆଉ ତ ଉଠୁନି ଘର-ମଥାନରୁ
କେଉଁଠି ଶେଷେଇ-ଧୂଆଁ ;

Digitized by srujanika@gmail.com

ଆଉ ତ ଡାକୁନି
ସଜନା-ଡାହୁରେ
ସଞ୍ଜେ, ସକାଳେ କୁଆ !

ଅଢ ବେଳରେ ଯାଇ
ଗ୍ରାମ୍ୟ-ରମଣୀ
ଆଉ ସାରୁ ନାହିଁ
ପୋଖରୀ-ଘାଟରେ ସ୍ନାନ;
ଆଉ ଚଷାପୁଅ ଯାଉନାହିଁ ହଳେ,
ଧୂଆଁ ପବନ ଓ ଚୁନ ଖାକି କଲେ
ଗାଆଁ କୋଠଘରୁ ମୁହଁ-ଅଂଧାରେ
ଆଉ ତ ଶୁଭୁନି
ଖଞ୍ଜଣୀ, ଭଜନ, ଗାନ !!

ଶିଶୁ-କଲରୋଳେ ମୁଖର ହେଉନି
ଜନପଦ-ପଥ-ଘାଟ,
ପିଣ୍ଡାରେ ବସି
ପିକା ଟାଣୁନାହିଁ
ଆଉ ମଜୁରିଆ
ଜଳି, ନିଭୁନାହିଁ
ଆଉ ପିକା-ନିଆଁ
ଗ୍ରାମ୍ୟ-ଜନତା ଫେରୁନାହିଁ ସାରି ହାଟ !

ଘୂରିଆଡ଼େ ଖାଲି ଜଳ ଆଉ ଜଳ-ରାଶି,
ଜୀବନର ନାବ ମଂଗ ମାନୁନି,
ପ୍ରଳୟର ତାଳେ ଉଠୁଛି ଅଟ୍ଟହାସି ।

(୬)

ଭଗବାନ ! ତମେ କ୍ଷୁବ୍ଧ କି ଆଜି
ଲୁବ୍ଧକ-ବାଣେ,

Digitized by srujanika@gmail.com

ଇଂଗିତ ଦିଅ ପ୍ରଳୟ-କୃପାଣେ
ଧ୍ୱଂସର ମହା-ସଂଗୀତ ଗାନେ, ପିତା !
ପୂଜା-ସମ୍ଭାର ଲୁଟିକଲା କିଏ,
ଅବମାନନାର ଝଂଡା କାହାର
ତବ ଶିରେ ନୁଏଁ,
ସେପାଇଁ କ୍ଷିପ୍ରେ କାଳ କାହାବୁକେ ଚଢା ?!

ମାନବର ଶିର ଭଙ୍ଗ ଯେବେଳେ ମାନବର କରବାଳେ
ଅନାଗ୍ରର ଆଉ ଶୋଷଣ-କଷଣେ
ପଶୁତାର ବାଣେ—
ନସ୍ତ ଯେବେଳେ ନଗ୍ନ-ମାନବ
ପୁଞ୍ଜିର ଜଞ୍ଜାଳେ;
ଯେବେଳେ ଗୃଲେସେ ପୋଛିଦେବା ପାଇଁ
ଧରାର ବୁକୁରୁ
ଜାଲମ୍‌ର ସରକାର,
ନୂଆ-ପ୍ରାଣ ପାଇଁ ଯେତେବେଳେ ନୂଆ —
ଉତ୍‌ଥାନ ଦରକାର,
ସେତେବେଳେ ତବ କରୁଣା କାହିଁକି
ହୁଏ ଦୁଷ୍ଟକୂଳ ? କହ !
ଫୁଲେ କିଆଁ ତବ କ୍ରୋଧ-ଚନ୍ଦନ,
ବୁଢ଼ମରେ ପ୍ରାଣ-ବନ-ନନ୍ଦନ
ବହିଆସେ ଏକ
କା'ର ଅବାରିତ ଲୁହ !

(୯)

ଖୋଲି ଦିଅ ପିତା ସାଗର-ଦୁଆର
ଫେରିଯାଉ ଯେତେ ବାଧାର କୁଆର
ନଦୀ-ଜଳ ଦେଉ ଲଂଫ ସାଗରେ
ଗତାନୁଗତିକ-ନିୟମ-ବାଗରେ

Digitized by srujanika@gmail.com

ତୃଷ୍ଣା ହେଉ ମେଘକନ୍ୟା,
ଜାଗି ଉଠୁ ପୁଣି ନବ-କୋଳାହଳ
ହସିଉଠୁ ପୁଣି କେଦାରେ ଫସଲ
ଖେଳାଇ ଦିଅହେ ନବୀନ-ଆଶାର ବନ୍ୟା !

କଟକ
୧୨ ଜୁଲାଇ ୧୯୬୧

Digitized by srujanika@gmail.com

॥ ପ୍ରଣାମ କରେ କବି ॥

(ରବୀନ୍ଦ୍ର ଶତବାର୍ଷିକୀ ଉପଲକ୍ଷେ)

—ଏକ—

ବ୍ରହ୍ମାର ହେ ବଂଶଧର,
ଈଶ୍ୱରର ଅଂଶଧର,
ସତ୍ୟ-ଶିବ-ସୁନ୍ଦରର
ସନ୍ଧାନୀ ହେ କବି !
ମାନବ-ଆଶା-ନିରାଶା-ଭାଷା ବେଦନା-ବାଣୀ
ତମେତ ମହା-ବିସ୍ଫୋରଣ,
ଅନ୍ଧାରର ଉଦ୍‌ଘାଟକ ରବି ! !

ଏଇ ପଚିଶ ବୈଶାଖର ସ୍ୱର୍ଣ୍ଣ-ଉଷା-କୋଳେ,
ଅନିର୍ବାଣ ସୂର୍ଯ୍ୟ, ତବ ରକ୍ତ-ଶିଖା ଜଳେ !
ଆଜକୁ ଶତବର୍ଷ ତଳେ
ଏପରି ଏକ ଉଷାର ତୀରେ
ଧରଣୀ ପ୍ରାଣ-ପ୍ରାନ୍ତରେ
ହସିଲ ଯେବେ ରଶ୍ମିକର ଗୁଳି;
ଧ୍ୱାନ୍ତଧର ନବୋନ୍ମେଷେ ମାରିଲ ଯେବେ ବିଦ୍ୟୁତର ତାଳି;
ମାନବ ଯେବେ ସଜାଡ଼ିଦେଲା ଅପ୍ନେ ତବ ହୃଦୟ୍ର ଫୁଲଦଳ,
ଭ୍ରମର ଗାନେ ସିନ୍ଧୁ ଯେବେ ହୋଇଲା ଉଦ୍‌ବେଳ;
ସେବେଳେ କବି, ଧରିତ୍ରୀର ବୁକେ---
ଅନାଇଁ ଥିଲ ନିର୍ନିମେଷେ
ଅତୀବ ଉତ୍ସୁକେ ।

ସାମ୍ୟହୀନ-ଧରଣୀ-ବୁକେ,
ବିଶ୍ୱଜନ ପୀଡ଼ିତ-ମୁଖେ ଗୃହ୍ନ ;

Digitized by srujanika@gmail.com

ସତ୍ୟ-ଶିବ-ସୁନ୍ଦରର ସନ୍ଧାନୀ ହେ,
ଖୋଜିଲ ତମେ ଜୀବନ କାହିଁ କାହିଁ ?
ସର୍ବ ଆଗେ ସୂର୍ଯ୍ୟ-ଶିଶୁ
ଉଦ୍‌ଘାଟିତ କରିଲ ଯେଉଁ ପଥ;
ବିଗତ ଶତ-ବର୍ଷପରେ ସେପଥେ ଶୁଭେ
ତମରି ପଦପାତ ।
ସେହି ସେ ପଥ ସୀମିତ ନୁହେଁ,
ବିଶ୍ୱବ୍ୟାପୀ ବ୍ୟାପ୍ତି ସିନା ତା'ର
ଅନନ୍ତ ସେ ଅନ୍ତହୀନ,
ଶାନ୍ତି ମୂଳାଧାର ।

ଶାନ୍ତିର ହେ ମନ୍ତ୍ର-ମହା,
'ଓଁ ସ୍ୱାହା'
ସଙ୍କ୍ରାନଲେ ମୈତ୍ରୀ-ମହା ହବ;
ଦ୍ରଷ୍ଟା ! ତମ ପଶ୍ଚାତରେ ଜାଗିଛି ଆଜି
ଭୂଟୋଲେ ମହାମୃତ୍ୟୁ-ରଣ-ଛବ !

ଦୁଇ—

ଚଉଦିଗେ ଉଡ଼େ ଧ୍ୱଂସ-ନିଶାଣ,
ଧରାର ଜଠରେ ଯୁଦ୍ଧ-ବିଷାଣ,
ଗୁରୁ-ଗମ୍ଭୀରେ ବାଜେ ମିଲ୍‌ଟାରି ଡ୍ରମ୍;
ସୃଷ୍ଟି-ଶିଖରେ ଫିଟି ଫିଟି ପଡ଼େ ଝଡ଼ର କବରୀ,
ଜାଗେ ହାହାକାର ବିଶ୍ୱ-ବୁକୁରେ
ଲୁଂଠିତ ସବୁ ଆଶା-ଆବ୍-ଜମ୍-ଜମ୍ । *

ପ୍ରାଣ-ଉଦଧିର ତଟ-ଭୂମେ ଦାଗେ
ସର୍ବନାଶ ତା' କ୍ଷୁବ୍‌ଧ-କମାଣ,
ନିକ୍ଷେପ କରେ ତପ୍ତ-ଲୁହାର ଗୋଳା,

* ଆବ୍-ଜମ୍-ଜମ୍—ମନ୍ଦାକିନୀ ସୁଧା.

Digitized by srujanika@gmail.com

ଫୁଲି ଫୁଲି ଉଠେ ସପ୍ତ ସାଗର,
ଚଣ୍ଡିକା କରେ ରକ୍ତ-ପାବକ, ହୁଳା

ଘନାଇଁ ଆସୁଛି ପ୍ରଳୟର ବେଳା
କାଳ-ବଇଶାଖୀ ନଚ୍ଚଏ ତା' ଡୋଳା
ଭୂଧର-ଅଧରେ ଜାଗେ ବଜ୍ରର ବ୍ୟଥା;
ଚେବ ସନସନେ ତୋଫାନ୍ କହଇ କଥା ।
କେତେ ଜନପଦ ଲୁଟି କରି ଯାଏ ଦସ୍ୟୁ ଦଳର ଟ୍ରକ୍,
ଜାଳିଯାଏ କେତେ ପୁର-କାମିନୀର ବାସର-ଯାମିନୀ,
କେତେ ଅନୂଢ଼ାର ଫ୍ରକ୍ !
କେତେ ମହାପ୍ରସବୀ ଗର୍ଭବତୀର ସନ୍ତାନ-ପ୍ରେତ
ପୃଥିବୀର ପଥେ ଘୁରେ,
ସଂତାନାତୁରା ପାଗଳିନୀ ମାଆ
ଲୋତକ-ବତୁରା ଗଂଡେ କେଉଁଠି ଝୁରେ !
ଦିଗନ୍ତ-ତଟରେ ଗୋଡ଼ାଇ ଗ୍ରାସୁଛି
ଶାନ୍ତ-ଶୀତଳ-ଚନ୍ଦ୍ରରେ ଆଜ
ମୃତ୍ୟୁର କଳା-ରାହୁ,
ବିଶ୍ୱର ପାଇଁ ଜଗଦୀଶ୍ୱର ଚନ୍ଦ ଅଚଳ
ସ୍ତବ୍ଧ, ନୀରବ ଈଶ୍ୱର ମହା-ବାହୁ ।
ଦିଗେ ଦିଗେ ଆଜ ଜାଗିଛି ଭୀଷଣ ଶଂକା,
ବାଜେ ଚଉଦିଗେ ମାନବର ପ୍ରାଣ-ସଂପଦ ନାଶୀ
ରଣ-ପରମାଣୁ ଡଂକା ।

—ତିନି—

ଧରଣୀର ପ୍ରତିଟି କୋଣୁ
ଏବେଳେ ପୁଣି ଶୁଣାଅଁ ବାରେ
ତମର ସ୍ନେହ ଶାନ୍ତି-ବେଣୁ,
ଭୂଲୋକ ଭରି ଆଲୋକ ଦିଅ ରବି !

Digitized by srujanika@gmail.com

ବ୍ରହ୍ମାର ହେ ବଂଶଧର,
ଈଶ୍ୱରର ଅଂଶଧର
ସତ୍ୟ-ଶିବ-ସୁନ୍ଦରର ଛବି,
ଜନ୍ମ-ଶତବାର୍ଷିକୀରେ ପ୍ରଣାମ କରେ କବି ।*

କଟକ
ତା ୨।୫।୧୯୭୧

* ଆକାଶ ବାଣୀ କଟକ କେନ୍ଦ୍ରଙ୍କ ସୌଜନ୍ୟରୁ

Digitized by srujanika@gmail.com

॥ ଅସଂଲଗ୍ନ ॥

ଯୁଦ୍ଧ କ୍ଷେତ୍ରରୁ ଫେରି ହଠାତ୍ ଦେଖିଲି
ଜୀବନଟା ପଳାଇଛି ନିରୁଦ୍ଦେଶ୍ୟ-ପଥେ !
କାହିଁକି ? !!
ସେ'ତ ସାଧାରଣ-ଜୀବନ ନୁହେଁ !
ତାହେଲେ କ'ଣ ବର୍ତ୍ତମାନ ଧରିନେବାକୁ ପଡ଼ିବ
ବିଭେଦର ସଡ଼ଯନ୍ତ୍ର ସଫଳ ହୋଇଛି ବୋଲି ?
ଆଚ୍ଛା, ଜୀବନକୁ ଛାଡ଼ି କିଏ କ'ଣ ବଂଚି ରହିପାରେ ?
ନାଃ ! ଅସମ୍ଭବ ! ରହିପାରେନା, ରହି ହେବ ନାହିଁ ।
ଓଃ ! କି କ୍ଲାନ୍ତ !
ହସ୍ତ-ପଦ ଅବଶ, ଉନ୍ନତଶିର ଭାରାକ୍ରାନ୍ତ ।

*

ବସାକୁ ଫେରିଲି ।
ସେତେବେଳକୁ ସନ୍ଧ୍ୟାର ପତଳା-ପରଦା ଢାଙ୍କି ଦେଲଣି
ବସା ପଛପଟର ସେହି ଝଂକାଳିଆ ଲେମ୍ବୁଗଛ ଠାକୁ ।
ଆରେ ଯାଃ ! ପାଣ୍ଡୁଲିପିଟା ତ ଛାଡ଼ି ଆସିଲି !
(ସେଇ ମଲାଚଂଡିଆ ମଶାଣୀ ବରଗଛ ସିଅ ଉପରେ !
ଯାଏଁ, ଦେଖେଁ, ସିଏ କ'ଣ ଆଉ ଥିବ ? !

ହଁ, ଅଛି ! ନଥାନ୍ତା କି ?
କିଏବା କାହିଁକି ଖାତାଟାକୁ ନିଅନ୍ତା ସେଠୁ ଯେ ? !

ଇସ୍, କି ଅନ୍ଧକାର !
କୋଉଠି ଲଂଠନ ? କାହିଁ ଡିଆସିଲି ?
ମନେ ପଡ଼ିଲା—
ପ୍ରତିଦିନ ସନ୍ଧ୍ୟାରେ ଜୀବନ-ଯୁଦ୍ଧ-କ୍ଷେତ୍ରରୁ
ଏକ କ୍ଷତ-ବିକ୍ଷତ ରଣ-କ୍ଲାନ୍ତ-ସୈନିକ ପରି ଆସି

Digitized by srujanika@gmail.com

ମୁଁ ଯେତେବେଳେ ପାଦଦିଏ ବସା ଦୁଆର ମୁହଁରେ;
ସେତେବେଳେ ଜୀବନ ମୋତେ ଜଣାଏ ଉଚ୍ଛ୍ୱସିତ-ସମ୍ବର୍ଦ୍ଧନା
କାହୁଁ ଆଜି ?
ତା'ର ବ୍ୟତିକ୍ରମ କାହିଁକି ?
ଜୀବନ କ'ଣ ତାହେଲେ ସେଥିପାଇଁ ଅନୁତପ୍ତ ?
ଆକାଶରେ ନିଶାଚର ପକ୍ଷୀର କଳରବ ।
ସେମାନେ ମୁକ୍ତ-ଗଗନର ସ୍ରୋତରେ
ଡେଣା ପିଟି ପିଟି ଭାସିଯାଉଚନ୍ତି···
ଉଡ଼ିଯାଉଚନ୍ତି ଦୂରରୁ ଦୂରକୁ ।
ଆଚ୍ଛା, ମୁଁ କ'ଣ ସେମିତି ଉଡ଼ିଯାଇ ପାରନ୍ତି ନାହିଁ ?!
ଅଲ୍‌ବତ୍ ପାରନ୍ତି !
ତାହାଲେ····· କିମିତି ?
ଓ-ହୋ, ମୁଁ ଯେ ଚଢ଼େଇ ନୁହେଁ, ମଣିଷ !
ସତେ ! ଖ୍ୟାଲ୍ ନଥିଲା ।
ମଣିଷ ? ସଚେତନ ? ତାହାଲେ···ଜୀବନ ·· ଅଛି ?
ଆରେ, ସତେ ତ ! ନା, ଜୀବନ ନାହିଁ । ପଳେଇଚି ।
ତାହେଲେ କ'ଣ ମୁର୍ଦ୍ଦାର ?
ନା, ତା' ବି ନୁହେଁ !
ତାହେଲେ କି ଜାତୀୟ ପ୍ରାଣୀ ?
ସେଥିରେ ତମର କ'ଣ ଅଛି ? ସେକଥା ମୁଁ ଜାଣେ ।

ସ୍ୱପ୍ନ ଦେଖୁଛି—
ଶିଶୁ-ସନ୍ତାନ ଟିଏ · ଫୁଟନ୍ତ ରକ୍ତ-ପଦ୍ମ ପରି,
ଜନନୀ ତା'ର ବେଶ୍ ରୂପବତୀ !
ଦେଖିବାକୁ କିମିତି ?
କହି ପାରିବିନି !
ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାର ଅଭ୍ୟାସ ମୋର ନାହିଁ, ନଥିଲା ।

'ଠକ୍ ! ଠକ୍ ! ଠକ୍ !'
ଓଃ ! ଚମତ୍କାର ! ନିଦଟା ଭାଂଗିଗଲା !

Digitized by srujanika@gmail.com

କିଏ ?
(ଉଠି ଦରଜା ଖୋଲିଲି)
କିଏ ?
ଆରେ, ଯାଃ ! ତମେ ? ମୃତ୍ୟୁ ? କେତେବେଳେ ?
ଭଲ ଅଛ ତ ? ଅନ୍ୟାନ୍ୟ ହାଲ୍‌ଚାଲ୍ କ'ଣ ?
ସର୍ବନାଶ ! ତମ ମୁହଁରେ ରକ୍ତ ଲାଗିଛି ଯେ ?!
କାହାକୁ ଖାଇଛ ?
ଶିଶୁ ? ବେକାର ? ରିକ୍‌ସାବାଲା ? ଗର୍ଭବତୀ ନାରୀ ?
କବି, ସାହିତ୍ୟିକକୁ ?
ଆରେ ! କଥା କହୁନ ଯେ ?
ତମ ପଛରେ ସେ ଜଣକ କିଏ? — ଗୃଧ୍ର ?
ଆଉ ଜଣକ ?—ବିପତ୍ତି ବୋଧହୁଏ !
ଆରେ ରେ ରେ, ସବା ପଛରେ ସେ ଜଣକ
ଠିଆ ହୋଇଥିଲା, ପଳେଇଲା ଯେ !
ସେ ଜଣକ କିଏ ?— ବିଭେଦ କାମୀ ?
ହାଃ ! ହାଃ ! ହାଃ !!
ଚମତ୍କାର, ସୁନ୍ଦର
ତମମାନଙ୍କର ବକ ଧ୍ୟାନରେ ଠିଆହେବାର ଦୃଶ୍ୟ !
ତାହେଲେ କୋଉଠିକି ଆପଣମାନଙ୍କର ଅଭିସାର ହୋଇଥିଲା,
ଶୁଣେ ଟିକେ !
ନା, ଶୁଣିବା ଦରକାର ନାହିଁ । ଶୁଣିପାରିବି ନାହିଁ ।
ଅପଦାର୍ଥ ପାଗଳ ଘୃଣ୍ୟ କୋଉଠିକାର୍,
ଯାଓ, ଭାଗୋ, ହଟୋ !
ମୁଁ ତୁମମାନଙ୍କୁ ଭୟ କରେନା—ଘୃଣାକରେ ।
ଜୀବନକୁ ତମେମାନେ ବାରଂବାର ଉତ୍ୟକ୍ତ କରି
ପଳାୟନପନ୍ଥୀ କରିଛ
ସାଧନାକୁ ବିପର୍ଯ୍ୟସ୍ତ କରିବା ଉଦ୍ଦେଶ୍ୟରେ ।
ସ୍ୱାର୍ଥପର, କପଟି, ଅଶ୍ଳୀଳ, ଉଲ୍ଲଙ୍ଗ,
/ ଯାଓ, ଭାଗୋ ! ମୁଁ ତୁମମାନଙ୍କ ମୁହଁ ଦେଖିବାକୁ ଚାହେଁନା ।

Digitized by srujanika@gmail.com

ଓଃ କି ମଶା !!
ଆରେ ବାବା ! କାହିଁକି ଆମି ଏ ଦେହଟା ଉପରେ-
ବସୁଚ, କାମୁଡୁଚ ?
ରକ୍ତ ତ ନାହିଁ, ଯୋଉ ଟୋପାକ ଅଛି, ତାହାବି ବଦ୍‌ରକ୍ତ !
ସେ ଗୁଡ଼ାକ ବି ତମକୁ ପିତା ଲଗିବ ।
ଆଚ୍ଛା, ବନ୍ଧୁଗଣ !
ତମେମାନେ କ'ଣ କେବେହେଲେ ଦେଖିନ ?—
ଏଇ ସହର ରାସ୍ତାରେ, ସନ୍ଧ୍ୟାବେଳେ, ମଟରକାର୍‌ରେ,
ରିକ୍‌ସାରେ,
ପାଦରେ ଚାଲି ଚାଲି ସେମାନେ ଯିବା-ଆସିବା କରନ୍ତି
ଠିକ୍ ପାଚିଲା ବିଲାତି ବାଇଗଣ ପରି ଦେହେର,
ସେମାନଙ୍କ ରକ୍ତ କେବେ ଚାଖିଚ ? ଭାରି ମିଠା, ସୁ-ସ୍ୱାଦୁ ।
ଦୈହିକ ଉପଭୋଗ ଠାରୁ ଆହୁରି ସୁ-ସ୍ୱାଦୁ ।
ଯାଃ ! ମୁଁ ଯେବେ ତମମାନଙ୍କ ପରି ମଶା ହୋଇଥାନ୍ତି ନା,
ସେମାନଙ୍କ ଲୋମକୂପରେ ଶୁଣ୍ଢ ଦେଇ
ତେଲ ବୋତଲକୁ ନିଗାଡ଼ିଲା ପରି
ନିଗାଡ଼ି ଦିଅନ୍ତି ସବୁ ରକ୍ତ !

ହଠାତ୍ ଅକସ୍ମାତ୍ ଏକ ଗୁଞ୍ଜରଣ ।
ମଶାପଲ ମୋ' ଦେହରୁ ଉଠି ଉଡ଼ିଗଲେ,
ବୋଧେ ସେମାନେ ଉପଲବ୍ଧି କରିପାରିଲେ
ମୋ' କଥା ଟା !
ଏଁ ! ଉପଲବ୍ଧି ?! ମଶା ! ମଶାମାନେ ମଣିଷର କଥାକୁ
ତାହେଲେ ଉପଲବ୍ଧି କରିପାରନ୍ତି ?
ଆଶ୍ଚର୍ଯ୍ୟ !
ତାହେଲେ "ମଣିଷ" ନାମଧାରୀ ଏ ଜୀବ ଗୁଡ଼ାକ କ'ଣ ?
ଏକପ୍ରକାର ଦ୍ୱିପଦ ଜାତୀୟ ସବୁପ୍ରକାର କ୍ଷୁଧାର ଜାନୁଆର୍ ।

କଟକ
ତା୧୦ । ୪ । ୭୧

Digitized by srujanika@gmail.com

।। ପାର୍ଥକ୍ୟ ।।

ଏଇ ସମାଜର ଦୁର୍ଗ-ଦୁଆରେ
ମୁଁ ଆଜ୍ଞା ଗାଉଛି ଶ୍ୱାନ-ବନ୍ଦନା, ଭାଇ !
ବୁଝି ମୁଁ ନେଇଛି, 'ସର୍ବ ଉପରେ ସତ ସାରମେୟ'
ତା'ଉପରେ କେହି ନାହିଁ !

ଆଉ ଗାଇବନି-ମାନବବାଦର ସଂଗୀତ କେବେ
ହେ ଜୀବନବାଦୀ ଦାର୍ଶନିକର ଦଳ,
ଆଉ କରିବନି କର-ମର୍ଦ୍ଦନ
କେଉଁ ମାନବର ସାଥେ,
ମନ-ଗହନରେ ବାନ୍ଧିଛି ନୀଡ଼
ଯେ ଧାରଣା ମମ ହୋଇଛି ବଦ୍ଧମୂଳ ।—
ସେହି ଧାରଣାକୁ ଧରି ମୁଁ ଚାଲିବ
ପଥେ କରି ମୋର ପୁଞ୍ଜି,
ସୁବିଧା ପାଇଲେ ଗୁଞ୍ଜି ଦେଇଯିବ
ମାନବ ସମାଜ ଲୋମକୂପେ କୂପେ
ସର୍ବନାଶର ମଞ୍ଜି ।

ଆସ, କହିଯାଅ ସୁ-ପୁରୁଷ ଯେବେ—
ଅଛ କିଏ ତମେ କାହିଁ !
କହିଯାଅ ଆସି ହେ ମହା-ଜନତା,
ତମ ଜୟଗାନ୍ ଗାଇବ ମୁଁ କାହିଁପାଇଁ ?

ଜୀବନ ମୋ' ନୁହେଁ ଶସ୍ତା-ସୁଲଭ,
ଜୀବନ ମୋ' ଭାଇ,
ବାସ୍ତବତାର କଠୋର-ନିକଷ ଖଣ୍ଡ !

Digitized by srujanika@gmail.com

ବକ୍ଷରେ ତା'ର ଖଂଗିଛି କେତେ 'ମହା-ମାନବ'ର
ନିଠୁର ଶାସନଦଣ୍ଡ !!
ଗର୍ଜିଛି ଝଡ଼, କେତେ କାଳାଗ୍ନି,
ଝଞ୍ଜା କରିଛି ନାଟ;
ବହିଯାଇ ଅଛି କେତେ ଶୀତବାତ,
ହିମ-କୁଜ୍‌ଝଟି ଥରାଇ ଓଷ୍ଠ-ପୃଷ୍ଠ !

କେତେ ଫଣିମାର ଉଦ୍ଧତ ଫଣ-ଫଣା
ଗର୍ଜିଛି ତା'ର ବୁକେ,
ଭୀମ-ଗର୍ଜନେ କେତେ ପଶୁରାଜ
ଆଙ୍କିଛି ଦାଗ
ଆପଣା ପ୍ରଖର-ନଖେ !

✳

ଯେତେ ମୁଁ ଖୋଜିଲି ଏଇ 'ମଣିଷ'ର
ହୃଦୟର ତୀରେ ତୀରେ—
ମାନବିକତାର ବିନ୍ଦୁ ଏ ଜଳକଣା,
ଯେତେ ମୁଁ ଗୁଣିଲି ଟିକ୍ ବାଟେ ଯାଇ, ଧୀରେ···
ସେତେ ମୁଁ ହୋଇଲି ନିସ୍ଫଳ ବାଟ ବଣା ।
'ବନ୍ଧୁ !' ବୋଲି ମୁଁ ମଣିଷ-ହସ୍ତରେ
ଯେତେ ମିଳାଇଲି ହସ୍ତ,
ପ୍ରତିଟି ହୃଦୟେ କାନ ମୋର ଦେଲି ପାତ—
ଶୁଣିବାକୁ ସଖା, ଜୀବନର ଜୟଗାନ୍,
ବକ୍ଷେ ମୋ' ହେଲା ହଠାତ୍ ବିଦ୍ଧ ଆସି,
ନର-ଘାତକର ବିଶ୍ୱାସଘାତୀ ଅସି···
ଶେଷେ ମୁଁ ଦେଖିଲି

ସମ୍ମୁଖେ ମୋର
ନିଜ ଆତ୍ମାର
ସକରୁଣ କ୍ରନ୍ଦନ !

✳ ✳ ✳

Digitized by srujanika@gmail.com

ଆଜ୍ ମୁଁ ଦେଖୁଛି ବଦ୍ଧ୍ୟତ୍ତଜନ୍ତୁ,
ବାନ୍ଧବହୀନ-କବି,
ପାଶେ ଥିବା ମୋର ପ୍ରିୟ ସାରମେୟ ଛବି ।
ବନ୍ଧୁ-ସେ ମୋର, ସଖା-ସହୋଦର,
ପ୍ରହରୀ ମୋହର ସିଏ,
କୁକୁର ଜାତଟା 'ନମକ୍ ହାରାମ୍'
କିଏ ତମେ କହ, କିଏ ?

ଅଜ୍ଞାତେ ମମ ଊର୍ଦ୍ଧ୍ୱେ ଉଠିଛି
ଯେବେ ଘାତକର ତରବାରୀ-ବାହ୍ୟା-ବାହା,
ନିଜର ଜୀବନ କରି ବିପନ୍ନ
ସେତେବେଳେ ମୋର କୁକୁର ହୋଇଛି ସାହା ।
ମୁଠାଏ ଭାତର ବିନିମୟେ ଆଜ
ଠିକେ ସ୍ନେହମିଶା ଡାକେ,—
କୁକୁର ହୋଇଛି କୁକୁର ପ୍ରହରୀ
ରହିଛି ସେ ମୋର ଗଡ-ପଥ ପାଖେ ପାଖେ !

ବୁଡ଼ାଇ ଦେବାକୁ ଅନାବିଳ ମମ
ପ୍ରାଣ-ସମ୍ପଦ-ନାଆ,
ଛଦ୍ମବେଶରେ ଆସିଛି ଯେବେଳେ
କେତେ ନର-ପଶୁଦଳ
ଶ୍ୱାନ-ବନ୍ଧୁର ହୃଦୟ ସେବେଳେ
ହୋଇଅଛି ଉଦ୍‌ବେଳ,
ଆଖିରେ ତାହାର ଜଳଛି ସେବେଳେ
କ୍ରୋଧର ମାତାଲ୍-ନିଆଁ ।

କୁକୁର କାଟିଛି ବିନିଦ୍ର-ରାତି
କୁଟୀର ଦୁଆରେ ଥାଇ,
ମୁ-ଉଁ ଶୋଇ ଅଛି କୁଟୀର ଭିତରେ

Digitized by srujanika@gmail.com

କ୍ଲାନ୍ତ-ଶତରେ
ଚିନ୍ତା-ରହିତ ହୋଇ ।

ସର୍ବ ପ୍ରଥମେ କୁକୁର ଯାଇଛି ମହା-ଶୂନ୍ୟରେ,
ମଣିଷ ପାଇଛି ଭୟ,
ପଶୁ ହୋଇ ସିଏ ତା'ଠାରେ ହୋଇଛି
ମାନବକଙ୍ଠାର ଲୋହିତ-ସୂର୍ଯ୍ୟୋଦୟ !!

ତେଣୁ ମୁଁ କହୁଛି ମୁକ୍ତ-କଣ୍ଠେ—
କୁକୁର ଜାତହିଁ ବନ୍ଧୁ, ନିମକ୍ ସଚ୍ଚା,
ମଣିଷ ଜାତିଟା ପକ୍କା ଶୟତାନ୍,
ନିମକ୍‌ହାରାମ୍
ସୁବିଧାବାଦର ବଚ୍ଚା ।

କଟକ
ତା ୨ । ୩ । ୭୧

Digitized by srujanika@gmail.com

॥ ନଭେମ୍ବର ସାତ ॥

ତମେ ନୁହଁ ଖାଲି ରୁଷିଆମାଟିର ସ୍ୱାଧୀନତା,
ମହା ବିଶ୍ୱର ତମେ ମୁକ୍ତି;
ତମେ କୁଲି, ମଜଦୁର, ସର୍ବହରାର
ବଜ୍ର-ବାହୁ ହେ,
ପ୍ରତିଟି ଉଷ୍ମ-ଶୋଣିତ-କଣାରେ
ତମେ ଅବିନାଶ-ଶକ୍ତି !

ତମେ ନିପୀଡ଼ିତ-ଜନ-ହୃଦ-ସ୍ପନ୍ଦନ, ବନ୍ଧୁ,
ତମେ ହାସ୍ୟ-ମୁଖର, ଅତି ସୁ-ଗମ୍ଭୀର, ସିନ୍ଧୁ ।
ଶାନ୍ତି-ଦାତାର ବକ୍ଷରେ ତମେ ବର୍ଚ୍ଛା,
ଗ୍ଳାନି ଶେଷର ଆକାଶରେ ତମେ ଫର୍ଚ୍ଛା

ଯୁଦ୍ଧଖୋରର ରାଜଧାନୀ-ପଥେ ମୃତ୍ୟୁର ତମେ ଲାସ୍ୟ,
ତମେ ଭଗ୍ନ ବୀଣାର ନବ-ଝଂକାର, ଭାଷ୍ୟ ।
ତମେ ମହା-ତପୀ, ମହା-ପଥ,
ତୁମେ ଯାତ୍ରୀ,
ତମେ ଗ୍ଳାନି ଶେଷର ପାନ୍ଥ ।
ନିଃସହାୟର 'ସହାୟ' କବଚ,
କ୍ଷୁଧିତ-ଜଠରେ ଖାଦ୍ୟ,
ମଜଦୁର-ଯୋଦ୍ଧା-ନୟନର ଠାଣି,
ପ୍ରୀତି-ଉଜ୍ଜଳ ଆଡ଼ରୁଷା ତମେ
ଉଦୟ ରବିର ସ୍ୱର୍ଣ୍ଣ-କିରଣ,
ଆଦ୍ୟ-ଉଷାର ବାଦ୍ୟ !!

ବିଶ୍ୱପାଃ ! ତମ ଆଦ୍ୟ-କିରଣ
ରୁଷ୍-ଜନଗଣ-ପ୍ରାଣ-ପ୍ରାନ୍ତର
ଛୁଇଁଛି ସିନା ହେ ଛୁଇଁଛି;

Digitized by srujanika@gmail.com

ଅର୍ଦ୍ଧ-ପୃଥିବୀ ଅଂଧାର, ଅନା !
କେତେ ମହାପ୍ରାଣ୍-
କୋକନଦ-ବନ-
ପୁଞ୍ଜି-ବନର ମତ୍ତ-ବାରଣ
ଦଳିଦିଏ ଯିନା,
ସେହି ଅନ୍ଧାରେ ବିପୁଳା-ଧରଣୀ
ତମର ଉଦୟେ ଚାହାଁନ୍ତି ।

କହ, କେଉଁଦିନ ତୁମରି ମୁଠାର କୁଠାର ଆଘାତେ,
ଭୀମ-ଗଦାଘାତେ
ପଡ଼ିବ ହେ ଛିଡ଼ି,
ଶୋଷଣ, କଷଣ ଜାଲ ଆଡି-ବେଢ଼ି,
କହ, କେବେ ପୁଣି ସାମ୍ୟର ଚିର-କାମ୍ୟ-ସକାଳ ଡାକିବ ?
ପୁଞ୍ଜିବାଦର ଅଂଧାର କାଟି
କହ, କେଉଁଦିନ
ବିଶ୍ୱର ଜନ ସାମ୍ୟର ସୁର ଶୁଣିବ ??

[illegible]ନବାଦୀ ଧନ-ସମ୍ରାଟ ଶିରୁ
କେବେ ବା ଖସିବ ସ୍ୱର୍ଣ୍ଣ-ମୁକୁଟ,
ଆପଣା ଶିଶିର-ଭିଜା-ଡେଣା ଝାଡ଼ି,
ଲଂବାଇ ଗଳା, ଚଂଚୁକୁ ଫାଡ଼ି —
କେବେ ବା ଡାକିବ
ରାତ୍ରି ଶେଷର ରକ୍ତ-କୁକୁଟ, ବନ୍ଧୁ
କେବେ ବା ହୋଇବ ଉଦ୍‌ବେଳିତ ହେ
ତମରି ପରଶେ
ମୁକ୍ତିକାମୀ ଏ ମହା-ଭୂଗୋଳର
ଜନତାର ମହା-ସିନ୍ଧୁ ??

କଟକ
ତା ୧, ନଭେଂବର, ୧୯୬୦

Digitized by srujanika@gmail.com

॥ ମହା-ଜାତକ ॥

ଆଜଠାରୁ ବହୁବର୍ଷ, ବହୁଯୁଗ, ବହୁକାଳ ତଳେ
(କେହି ବୋଧେ ଜାଣନାହିଁ !)
ଜନ୍ମିଥିଲା ସୂର୍ଯ୍ୟ-ଶିଶୁ ଏକ,
ରକ୍ତ-ମାତା କୋଳର କୋଠରେ ।

ସିଏ ଯେବେ ଜନ୍ମିଥିଲା
ସ୍ନେହମୟୀ-ଜନନୀର ଶୂନ୍ୟକୋଳ କରି ଆଲୋକିତ,
ସିଏ ଯେବେ ଉଠିଥିଲା ଊର୍ଦ୍ଧ୍ୱାକାଶେ
ନିଜ ରଶ୍ମି କରି ପ୍ରକ୍ଷେପିତ,

ଜରା-ଗ୍ରସ୍ତ-ତନ୍ଦ୍ରା-ବୁକେ ଝଲସାଇ
ଅପଣାର ଜାଗ୍ରତ-କୁଠାର,
ସିଏ ଯେବେ ଜାଗିଥିଲା, ମାଗିଥିଲା ଉଦୟର ପଥ ··
ଦିଗ୍‌ବଳୟ-ସମ୍ରାଟର ମୁଖେ ମାରି ନିଜ ବଜ୍ର-ମୁଠ ।

ଯେତେବେଳେ ସେ ଗଢ଼ିଲା
ନିଜବଳେ ନିଜର ମଂଡଳ,
ଅଂଧାରର ଦରବାର ତଳେ
ଯୁଟିଥିଲେ ଯାଇକେତେ ଅବାଞ୍ଛିତ ନିଶାଚର ପଖୀ
କିନ୍ତୁ ସବୁ ବ୍ୟର୍ଥହେଲା ହାୟ !
ସେ ଶିଶୁର କଣ୍ଠେ ଦେଖି ଲେଲିହାନ ବହ୍ନିର କୁଂଡଳ ।

... ...

ମେଘାଚ୍ଛନ୍ନ ଗଗନର ଘସମାନ ବଉଦ-ପଣତେ
ଆପଣାର ମୁଖଛବି ଛପାଇ ଛପାଇ
ଯାତ୍ରା-ପଥୁଁ ବାଧାର ଦିଆଲେ —
ଚୂର୍ଣ୍ଣିଭୂତ କରି କରି ରଶ୍ମିର ଧୂମ୍ରୁକ୍ଷେ

Digitized by srujanika@gmail.com

ଅନିର୍ବାଣ ଦୁର୍ବାର-ଜ୍ୱଳନେ
ଜାଳି ଜାଳି ନିଜ ତନୁ ଅଯୁତ-ଶିଖାରେ
ଆଜିଠାରୁ ଅନାଗତ ବହୁକୋଟି ବର୍ଷ, ଯୁଗ ଧରି
ଜ୍ୱଳିଛି, ଜ୍ୱଳିବ ପୁଣି ଏ ମହାନ୍ ସୂର୍ଯ୍ୟର ସନ୍ତାନ
କ୍ଷିପ୍ର-ପଦେ, ଉଦାତ୍ତ-ଖିଆଲେ ।

ସେ କେବେଁ ମାନିନି ମନା, ମାନିବନି,
ମାନିପାରେ ନାହିଁ,
ସେ ଶିଶୁ ଦୁରନ୍ତ ଅତି, ଜୀବନର ଦୁର୍ବାର-ଗୀତିକା
ବ୍ରହ୍ମାଣ୍ଡର ଅକଳନ ବିଶାଳ ଲଲାଟେ
ସେହୁ ଶିଶୁ ଦାର୍ଦ୍ଦ ଏକ ଶୋଣିତର ଟିକା,
ଅବାଧ ବାଟୋଇ ।

ସେ କେବେଁ ଗତାୟୁ ନୁହେଁ,
ଚିରଞ୍ଜିବୀ, ମୃତ୍ୟୁଞ୍ଜୟୀ ଯୁବା
ତେଜସ୍ୱାନ୍-ଜୀବନେ ତା' ନାହିଁ କେବେଁ
କ୍ଷୟଚ୍ୟୁତ ଯୋଗ;
ଆତ୍ମା ତା'ର ବିଷୁବର କୁମାରୀ ରେଖାରେ
ହୋଇଛି ସଂଯୋଗ ।

ପ୍ରତିଟି ପ୍ରଭାତେ ତେଣୁ ନିତି ନିତି ନବ-ସୂର୍ଯ୍ୟୋଦୟ-
ଦେଖିବ, ଅପେକ୍ଷାକର
ଉଷା-ପ୍ରେମୀ ହେ ମାନବ କୁଳ,
ନିତି ନବ-ଜାତକର ନବ-ଅଭ୍ୟୁଦୟ !

କଟକ
ତା।୨୩ । ୩ । ୬୧

Digitized by srujanika@gmail.com

॥ ନବ-ସୃଷ୍ଟିର ପତଅ ॥

ସଫା କରଇ ମୁଁ ନବ-ସୃଷ୍ଟିର ବାଟ
ପଥରୋଧ ମୋର କର ନାହିଁ ଭଗବାନ !
ମଳୟ ନୁହେଁ ମୁଁ, ପ୍ରଳୟ-ବାତ୍ୟା,
ସବୁଠାରୁ ବେଗବାନ୍ ।
ଉଠିଯାଅ, ମତେ ଲୁଟିବାକୁ ଦିଅ
ଭ୍ରଷ୍ଟ-ଜନ୍ମା-ସୃଷ୍ଟିର ପରମାୟୁ !
ଟାଣିବାକୁ ଦିଅ ନୂଆ-ଦୁନିଆର ନୂତନ-ଆଲୋକ ରେଖା
ଫୁଲୁଚି ପେଶଳ ବଜ୍ର-ବାହୁ ମୋ' ଲୌହ-ମୁଷଳ ସମ,
ପ୍ରସାରନ୍ତି ମୁଖ ଗ୍ରାସିବ ସୃଷ୍ଟି, ରାହୁ
କ୍ଷୁଧିତ ଆଜି ମୁଁ,
ଜଠରେ ଜଳେ ମୋ' କ୍ଷୁଧା-ବହ୍ନିର ଶିଖା ।

କରନାହିଁ ମୋର ଗତିପଥ ଅବରୋଧ,
ବିଶ୍ୱ-ବନେ ମୁଁ ନର-ଶକୁନିର ସନ୍ଧାନ କରେ
ନିର୍ମମ ମୁହିଁ, ଅତି ନିର୍ମମ-ବ୍ୟାଧ !

ଛଡ଼ିଦିଅ ମତେ ବାଟ !
ଦୁଃସହ ମତେ ଦୁଃସହ ଅତି
'ସୃଷ୍ଟି' ନାମରେ ଜାରଜ-ସୃଷ୍ଟି
'ମାନବ' ନାମରେ ଦାନବ-ଦଳର ନାଟ ।

ତମେ ଭାବନାହିଁ ସର୍ବହରା ମୁଁ, ହରାଇ ଦେଇଛି ସବୁ !
ତମର ଏ ଯେଉଁ ବିଶ୍ଳେଷଣଟା ଭୁଲ୍,
ତମେ ଜାଣିରଖ, ମୃତ୍ୟୁହୀନ ମୁଁ ବଜ୍ରଠୁଁ କଠିନ
ଇସ୍ପାତୀ-ବୁଲ୍ ବୁଲ୍ !
ନୁହେଁ ମୁଁ ସର୍ବହରା,
ହରାଇ ତ ନାହିଁ ମୁକ୍ତି-ମଦର ଉଦ୍ଦାମ-ନିଶା,

Digitized by srujanika@gmail.com

ଲଭିନ୍ନ କଂଠୁ-ପ୍ରଳୟ-ପୂରବୀ,
ଦାମ୍ଭିକ-ଭାଷା,
ଭ୍ରମ-ଜିଜ୍ଞାସା
କନ୍ଦୁକ ସମ ନେଇ ମୁଁ ଖେଳିବ ବିଶ୍ୱ;
ନୁହେଁରେ ନୁହେଁ ମୁଁ ନିଃସ୍ୱ !
କଳ-କଲ୍ଲୋଳେ ବହିବ ସ୍ୱଚ୍ଛ-
ଶୋଷଣ-ବିହୀନ-ନବ-ସୃଷ୍ଟିର ଧାରା;
ନୁହେଁ ମୁଁ ସର୍ବହରା !

ଆବିର୍ଭାବ ମୋ' ନୁହଇ ଅକସ୍ମାତ୍,
ଏଇ ମୁଁ ହାଣିଲି ଏଇ ସୃଷ୍ଟିର ତୋରଣ ଚୂଡ଼ାରେ
ଲୌହ-ପଦେ ମୋ'
ଧ୍ୱଂସର ପଦାଘାତ !

ଭଗବାନ ଗୁଣ୍ଡ଼ ମହା-ଭଗବାନ କାର୍ଯ୍ୟେ ଦେଲେ ମୋ ବାଧା
ଉଠିବ ଊର୍ଦ୍ଧ୍ୱେ କ୍ଷୁବ୍ଧ-କୁଠାର
ବସିବ ପୃଷ୍ଠେ ବଜ୍ର-ମୁଠାର ବାଧା,
ବିଶ୍ୱ-ଆକାଶୁ ବିଶ୍ୱପା ଯିବ ଖସି;
ପୂର୍ବ-ଗଗନ-ଗର୍ଭରେ ନବୀନ ଲୋହିତ-ଆଭାରେ —
କୋଟିଏ ସୂର୍ଯ୍ୟ
ସେଦିନ ଉଠିବ ହସି ।
ସାର ହେବସିନା ଗଡ଼ବାଟା ପଥେ
ଭଗବାନ ସାଥେ
ଦୀନତା, ହୀନତା, ନିଷ୍ପେଷଣର ଶବ,
କଂଠେ ଗୁଡ଼ାଇ ଅନ୍ତ-ନାଡ଼ୀ ତା' ହସିଦେବ ଧୀରେ
ସେଦିନ କଂଠୀରବ !

କଟକ
ତା ୫।୭।୧୯୬୦

Digitized by srujanika@gmail.com

॥ ପିପାସା ॥

(୧)

ଭୀଷଣ ଶୋଷରେ ଫାଟୁଛି ଅଠା ଗୋ,
ଧରା-ଅଂଗନ-କଳସୀରୁ ଆଜ ଜଳତକ ସବୁ ସରିଛି;
ବାନ୍ଧବୀ କହ ! ତୃଷା ନିବାରିବା କାହିଁରେ ?
ତୃଷାତୁରେ ଆମ ଯୁଗଳ-ଜୀବନ ବଞ୍ଚିବ କି ସଖୀ
ମରୀଚିକା ପଛେ ଧାଇଁରେ ?

ଆମେ କି ଦେଖିବା ଆମରି ଆଗରେ ଜୀବନ ଆମରି
ତିଳ ତିଳ କରି ପଡ଼ୁଥିବ ଝରି
ନାଚୁଥିବ ଆଗେ ବହ୍ନିରୂପ-ଘନ—
ଦାବାନଳ-ଦାହ-ସରଣୀ ?
ଶାନ୍ତ-ନୀରବ-ପଞ୍ଚବଟୀର—
କୁଟୀର-ଦୁଆରେ
ଯେବେ ବାରବାର
ଦେଉଥିବ ଆସି ଦର୍ଶନ ଡାକ
ଛଳନାର ହେମ-ହରିଣୀ ! ..

ସେବେଳେ ଆମର ବଞ୍ଚିବା-ତରୁଣୀରେ-
ଆଉ କି ନାହିଁଚ ନାହିଁ ରେ ?
କହ କେତେଦିନ ପ୍ରବଞ୍ଚନାର କାହାଳି ଜୀବନେ-
ବାଜୁଥିବ ରହି ରହି ରେ ? ?

(୨)

ଜଳଭରେ ନତ ହୋଇଲେ ଜଳଦ,
ଫଳଭରେ ନତ ବୃକ୍ଷ,

Digitized by srujanika@gmail.com

ପ୍ରତିଘାତ ଘାତରେ ନତ ହୋଇ ଯେବେ
                    ମିଳଇ କେବଳ
                    ବ୍ୟବହାର ଅତି ରୁକ୍ଷ,
ତୁମେ କି ଶୁଣିନ ଆଗୋ ହେମ-ଗୋଷ୍ଠି,
                    ଚନ୍ଦ୍ର-ଚକୋର !
                    ଚନ୍ଦ୍ରିକାରେ ରହୁ ରହୁ ରେ,
'ସହନଶୀଳତା'-ବର୍ମ-ବହନ
ଆଉ କେତେଦିନ ପାଇଁ ରେ ?

*   *   *

ଆମେ ସିନା ଆଜି ଅନ୍ୟଙ୍କୁ ଦିଶୁ
                    ତରଳ-ପାରଦ-ରୁପାଥାଳପଠ-ଜହ୍ନ !
ଆମର ଲଲାଟ-ନଥିରେ ନଥିରେ
ଆମ ଇତିହାସ-ଜୀର୍ଣ୍ଣ-ପୋଥିରେ
କଳଙ୍କ-ଘନ-କାଳିମା ଅଛି ରେ,
'କାଳିମା' ନୁହେଁ ସେ ଶୁଷ୍କ-ସାଗର,
               ସିକତା-ମରୁ ଗୋ,
               ଯୁଗଳ-ହୃଦୟ-ଛିନ୍ନ-କବାର
               ଉଲ୍‌କା-ପୀଡ଼ିତ
               ବେଦନା-ଜଡ଼ିତ-
ସାନ୍ଦ୍ର-ନିବିଡ଼-ଭଗ୍ନ-ଭୂରୁର ଚିହ୍ନ ..
ଆମେ ସିନା ଆଜି ଅନ୍ୟଙ୍କୁ ଦିଶୁ
ତରଳ-ପାରଦ-ରୁପାଥାଳପଠ ଜହ୍ନ ! !

କହ କେତେଦିନ ଅନ୍ୟ-ଆଲୋକେ ଆଲୋକ-ବିତର
ବୁକେ ବହୁ ମାଳ-ଆଗ୍ନେୟଗିରି,
ଲହର ତଟିନୀ, ସହିବାରେ......
'ସହନଶୀଳତା'-ବର୍ମ-ବହନ
                    ମର୍ମ-ଦହନ
                    ଆଉ କେତେଦିନ ପାଇଁ ରେ ?

Digitized by srujanika@gmail.com

(ଗ)

କୁନ୍ତଳୀ ଗୋ !
ଘର ଅଙ୍ଗନ-କଳସୀରୁ ଆଜି ଜଳତକ ସବୁ ସରିଛି,
(ଆମ)   ଯୁଗଳ-ଜୀବନ ତୃଷାତୁର-ସୁରେ ଭରିଛି ।
ସେବେଳେ ପ୍ରେୟସୀ, ହୋଇବା ଉଦାର କାହିଁକି ?...
ଅନୁଦାର ହେବା ଅଧିକାର ଆମ ନାହିଁ କି ?

ସେହି 'ଅଧିକାର' 'ଦାନ' ନୁହେଁ କା'ର
ନୁହେଁ ତ କରୁଣା !
ଆସ ପିବା ଜଳ ସନ୍ଧାନେ ଗୋରି !
ଏଇ ଧ୍ୱାନ୍ତାଗ୍ନି-ଧମନୀ ଓଁଠାରି
ପିନ୍ଧି ସଜନୀ, ଅବଗୁଣ୍ଠନ
କରିବା ଗୋ ଆଜି ଆମେ ଲୁଣ୍ଠନ
ଧର୍ମରାଜର ଦଣ୍ଡ;
ମାନ ଗୋଟିଏ ଗ୍ରାମ୍ୟ-ଢୋକରେ
ସାରିଦେବା ତା'ର ତପ୍ତ-ତଇଳ-କୁଣ୍ଡ !

ପଡ଼ୁ ପଡ଼ୁଛି ଆମ ଯୁଗଳ-ଜୀବନେ
ମହା-ମରଣର ଘନ-ଘୋର କଳା-ଛାଇରେ;
'ସହନଶୀଳତା'-ବର୍ମ-ବହନ
ଆଉ କେତେଦିନ ପାଇଁରେ ?

କଟକ
ତା ୨ । ୩ । ୬୦

Digitized by srujanika@gmail.com

॥ ଦୀପାବଳୀ ॥

(୧)

କି ଗୀତ ଲେଖିବ କହ, ପୁଣି ଏତେବେଳେ ?
କହ ତମେ ଆଜି, ହେ ପ୍ରିୟ ପାଠକେ ମୋର !
କ୍ଷୁବ୍‌ଧ-କଲମ ଚାଲିବାକୁ ନାହିଁ କରେ
ସମ୍ମୁଖେ ତା'ର ଘନ-ଘୋର-ଅଂଧାର ।

ଅଂଧାର ଭାଇ, ଏ ଜାତି ଜୀବନ-ସଖା
ଧ୍ୱାନ୍ତ-ଜନମା କ୍ଳାନ୍ତ-ଓଡ଼ିଆ ଜାତି,
ଓଡ଼ିଶାର ନଭ ଚିର-ଅଂଧାର ମଖା
ଶୋଣିତପୂର୍ଣ୍ଣ-ପ୍ରଦୀପେ ଜଳୁଛି ବତୀ ।

ବଞ୍ଚିବା ପାଇଁ ରକ୍ତ କେ କରେ ପାଣି,
ତାଳଚେର କଳା କୋଇଲା ଖାଦାନ୍ ତଳେ;
ଉଠେ ଯେବେ କିଏ ଦୈବାତ୍ ଦାବୀ ଘେନି
ବକ୍ଷ ଦେଶେ ତା' ଇସ୍ପାତ୍ ଗୁଳି ଗଳେ !

ଅଶ୍ରୁ-ସାଗରେ ପ୍ରାଣ ହୁଏ ଜରଜର
ଊର୍ଦ୍ଧ୍ୱେ ଉଠଇ ନରମେଧ-ହୋମ-ଶିଖା,
ଯେତେ ଯେତେ ବଢ଼େ ଯାନ୍ତ୍ରିକ ଦରବାର
ସେତିକି ମୂର୍ଚ୍ଛି ହୁଅଇ ରକ୍ତ-ମୁଖା ।

ଲାଠି, ଗୁଳି ଆଉ ବୋମା, ବନ୍ଧୁକ-ଦାମା—
ଶୁଭେ ରନ୍ଧ୍ରରନ୍ଧ୍ର ପ୍ରାଣ-ମଂଦିର ଧାମେ,
ତଥାପି ଆନତ ହୋଇନି ଜୀବନ-ବାନା
ଅମାବାସ୍ୟାର ଧ୍ୱାନ୍ତ-ଗଗନ ଚୁମେ !

Digitized by srujanika@gmail.com

(୨)

କାଟିବାକୁ ହେବ ନିପୀଡ଼ନ ଘୃଣ୍ୟ ଗ୍ରନ୍ଥି
ଉଠିବାକୁ ହେବ ବିଦ୍ରୋହ ମାଧ୍ୟମେ,
ଧର୍ମଣୀରେ ଭରି ନୂଆ-ଶୋଣିତର ଗ୍ରନ୍ଥି
ଗୃଲିବାକୁ ହେବ ପଥ, ଜନପଦ, ଗ୍ରାମେ ।

ଅଧର୍ମର କଳାରାତି ତଳେ ଦିଶେ ବାଟ
ଆଗେଇ ଆସରେ ଚଂଡାଶୋକର ଗୁରୁ !
ଭଂଜ ଶାସନେ ଦିଅ ଅନ୍ତିମ-ରେଖ୍,
ଉଠ ଧୂର୍ଜଟି, ତାଣ୍ଡବ କର ଶୁରୁ ! !

ଡିବ ଡିବ ଡିବ ଡମ୍ବରୁ ନାଦ ଉଠୁ
ଚଉଦିଗେ ଶୁଭୁ ଖାଲି ପ୍ରଳୟର ରଡ଼ି,
ଧରାତଳେ ଆଜ ରକ୍ତର ସୁଅ ଛୁଟୁ
ଡାକ, 'ଚଂଡିକା, ମୁଂଡ ଖାଇଯା ମୋଡ଼ି !

ଭୈରବ-ରବ ଭରୁ ଅମ୍ବର ତଳେ
ଜଳିଉଠୁ ଆଜ ଯେତେକ ନିଭିଲା-ଚୁଲ୍ଲୀ,
ଦୀନ-ଓଡ଼ିଶାର ଭଂଗା-କୁଟୀର ମାଳେ—
ଆଖିର ନିଆଁରେ ଜଳିଉଠୁ ଦୀପାବଳୀ !

ଉଟକ
ଦୀପାବଳୀ ଅମାବାସ୍ୟା
୧୯୪୮

Digitized by srujanika@gmail.com

॥ ସ୍ୱାଗତକା ॥

(୧)

ଏ ଦେଶେ କନ୍ଦି ରକ୍ତ ଆଜ ମୁଁ

ତକ୍ତ ଆଜ ମୋ' ପରାଣ···

ତମେ କାହିଁ ଅଛ ଆସ ମରଣ !

ଗଲେ ମୋ' କଡ଼ାଅ

ତମ କାଲଫାଶ,

ଜୀବନରେ ଆଉ ନାହିଁ ତ

ମୁହଁାସ,

କରିବାକୁ ଦିଅ ତମପଥ

ଅନୁସରଣ

ତମେ କାହିଁ ଅଛ ଆସ ମରଣ !

(୨)

ଜନନୀ-ଜଠର-ମମତା ଭୁଲାଇ

ଛୁଇଁଲି ଯେଦିନ ଧରଣୀ,

ଅନାବିଳ ମୋର ନୟନ-ପଥରେ

ଭସି ଉଠିଥିଲା

ଆଜିର ଏ ହୀନ-ସରଣୀ ।

ଜାଣିତ ନଥିଲି, ନୁହେଁ ବୋଲି 'ପଥ',

ଭୁଲେ ମୁଁ ଆସିଲି, ବାହି ମୋର ରଥ

ଅଙ୍କିତ ଥିଲା, ପଡ଼େନାହିଁ ବୋଲି

ଏପଥେ ଅରୁଣ-କିରଣ,

ହେ ମୋର ବନ୍ଧୁ ମରଣ !"

Digitized by srujanika@gmail.com

(୩)

ଆଜିର ଏ ପଥ ମାନ୍ଦାକୋକୁ ଦେଖି
କୁତୁକୁ ଥିଲି ମୁଁ ହସରେ,
ପାଶେ ଆସି ତା'ର
ଦେଖେ ବାର୍ ବାର
ମୃଗତୃଷ୍ଣାର ବସ ରେ !
ଖାଲି ଶକୁନିର ଶମଶାନୀ-ନୀଡ଼
ଅଯୁତ-ପେଚକ ପକ୍ଷ-ଉହାଡ଼
କାପାଳିକ-କର-ତରବାରି-ଦାଢ଼
କରୁଛି ଦେଖାରେ ସ୍ମରଣ···
କେବେଁ ଜାଣିତ ନଥିଲି ମରଣ !

(୪)

ଜୀବନବାଦୀ ମୁଁ କରିଥିଲି ଆଶା
ଜୀବନକୁ ଭଲ ପାଇବି,
ତମକୁ ନିନ୍ଦ; ଜୀବନ-ଦିଅଁର
ବନ୍ଦନା-ଗୀତ ଗାଇବି ।
ପ୍ରୀତି-ବଇଁଶୀ ବଜାଇ ବଜାଇ
ତାନେ ତା' ନିଜକୁ ଦେବି ମୁଁ ହଜାଇ
ଦେଖିବି ପ୍ରଚୁର ଲୋହିତ-ବିଭବ-
ଉଦୟ-ଉଷାର ଅରୁଣ···
କେତେ ଇନ୍ଦ୍ରଧନୁର ତୋରଣ !

(୫)

କିନ୍ତୁ ଦେଖୁଛି
ଚଉଦିଗେ ଖାଲି
ଦଗଦଗା-ବାଲି,
ଜୀବନ୍ତୁ ଗଲଣି

Digitized by srujanika@gmail.com

ସବୁଜମା ଗୃହ
ଫଣିମାର ଖର-ଶୁଆସେ;
ବନ୍ଦୀ ମୁଁ ଆଜ
ସମାଜର କାରା-ଉଆସେ ।

(୬)

ନାହିଁ ଦେଖେ ଏଠି ମାନବ ଗୋଟିଏ
'ନର' ନାମଧାରୀ ଦାନବ କୋଟିଏ
ଦେଖେ ନିତିଦିନ
କେତେ ସତୀତ୍ୱ-
ରଜନୀଗନ୍ଧା ହରଣ...
ବାରେ ମୁକ୍ତି ଦିଅ ହେ ମରଣ !

(୭)

ମୃତ୍ୟୁ ହେ ! ସବୁ ବୁଝିତ ନେଲଣି
ପାହିବନି ଆଉ
ପ୍ରହରହୀନ ଏ ରାତି,
'ଆଶା'-ମରୀଚିକା ପଛେ ଧାଇଁ ଧାଇଁ
ବୃଥାରେ କାହିଁକି
ଢାଳିବ ଆପଣା
ବୁକୁର ରୁଧିର-ପାଣି ?

(୮)

ଇସ୍ପାତ-ସଖା, ବନ୍ଧୁ ମରଣ,
ଅଟି ଶ୍ରାନ୍ତ ମୁଁ
ରଣ-କ୍ଳାନ୍ତ ମୁଁ
ସେନାପତି, ଗୃହେଁ ଟିକେ ବିଶ୍ରାମ
ଖୋଲିଦିଅ ତବ ନୀଳ-ଆଶ୍ରମ !

Digitized by srujanika@gmail.com

ଏଇ ମହାରଥୀ ପାଇଁକି,
ନିଜଠାରେ ମୋର ସତ୍ତ୍ୱ ମିଳାଅ,
ଭ୍ରମ-ବନ୍ଧମେ
ତମ 'କର୍ମ'ର ଅନଳ ଜଳାଅ,
ହତ୍ୟାର ଅଭିନବ-ଅଭିଯାନ ପାଇଁକି ।

(୯)

ପ୍ରତିହିଂସାର ଅଲିଭା-ମଶାଲ
ତମହାତେ ନେଇ
ଛୁଟିବ ସେଦିନ, ଛୁଟିବ
ତମର ରୂପରେ ଏଇ ସମାଜକୁ
ପୁନର୍ବାର ମୁଁ ଭେଟିବ ।

ହେବ ସେଇଦିନ ଶାନ୍ତ ମୁଁ, ସଖା !
ଯେଦିନ ବାଜିବ ସୃଷ୍ଟିର ଭାଲେ
ତମ ଜୟ ଢକା
ଥର ଥର ଥର ଧ୍ୱଂସର ପୁନାଦୀ ଥରିବ···
ଶବ-ଶବାଧାରେ ଶମଶାନ ଭୂଇଁ ପୂରିବ !

ସ୍ୱାଗତ-ଗୀତିକା ଗାଇ ମୁଁ ତମରେ
କରୁଛି ବନ୍ଧୁ ବରଣ,
ତମେ କାହିଁ ଅଛ ଆସ ମରଣ !!

କଟକ
୨୮ । ୪ । ୬୦

Digitized by srujanika@gmail.com

॥ ମୃତ୍ୟୁର ସପକ୍ଷେ ॥

'ମୃତ୍ୟୁ'ର ସନ୍ତାନେ ମୁହିଁ ଟିଉସନ୍ କରେ
ପ୍ରାଣ-ବାୟୁ-ଲୁଂଠନର ବିଦ୍ୟାଭ୍ୟାସ କରାଏ ମୁଁ ତାଙ୍କୁ
ଦୁରନ୍ତ ଅବାଞ୍ଛିତ, 'ଜୀବନ'ର ଧର୍ମଧ୍ୱଜୀ ଦଳ !
ବନ୍ଧକର ସୁତୀକ୍ଷ୍ଣ-ଶତ୍ରୁକାର ତମ,
ତୀବ୍ର-କଂଠ-ରୋଳ !!

'ମରଣ'ଟା କ୍ଳାନ୍ତ ଆଜି, ଅତୀବ ପୀଡ଼ିତ,
ନିଃସ୍ୱ, ଧନହୀନ,
ସେଥିପାଇଁ ଆଜି ସିଏ ଖୋଜୁନି 'ଜୀବନ' !
ସେଥିପାଇଁ ଆଜି ସିଏ ବିଶ୍ରାମ ନେଇଛି,
ଏଇ ତା'ର କଳାଗୁଡ଼ାଇ ଶୋଇଛି ସେ ଅଂଧକାର-କୋଣେ !
ଏଇ ଦେଖ, ଏଇ !...
ଭାବନାହିଁ ଭୁଲ୍‌ରେ କଦାପି—
ଅନ୍ନ-କ୍ଳିଷ୍ଟ, ପଙ୍ଗୁ ଏକ, ବାରବୁଲା ଜଣେ...
ବାରଦ୍ୱାର ବୁଲି ବୁଲି ଏଠି ଆସି ପଡ଼ିଛି ଘୁମାଇଁ !

ନୁହେଁ ନୁହେଁ ବାରବୁଲା
ଅବା ପଙ୍ଗୁ, ଖାଦ୍ୟାନ୍ୱେଷୀ, ନୁହେଁ ସେ ଭିକ୍ଷୁକ,
ବିଶ୍ରମଇ —
ଜୀବନର ସାର୍ଥକତା
ଏ ସୃଷ୍ଟିର ଆହତ-ରକ୍ଷକ ।

ତା' ଶିଶୁର ନିଦ୍ରାପନ୍ନ, ଶିକ୍ଷାଗର ପଡ଼ିଛି ମୋ' ପରେ
ନିଃଶଂକ-ମାନସେ ବନ୍ଧୁ,
ତୁଲାଇବି ସେ ଗୁରୁ-ଦାୟିତ୍ୱ,
ହେବାପାଇଁ ସା-ବାଳକ 'ମରଣ'ର ଶିଶୁ,

Digitized by srujanika@gmail.com

ପ୍ରତି ରକ୍ତବିନ୍ଦୁ ଦେଇ ସାଜିବି ମୁଁ ଦେହରକ୍ଷୀ ତା'ର,
ଯେ ଯାଏଁ ସେ ଚଳାଇ ଶିଖିନି,
ଆପଣାର ତୀକ୍ଷ୍ଣ-ତଲୱାର୍ !

'ମୃତ୍ୟୁ'ର ମରଣ ନାହିଁ ଯଦିଓ ମୁଁ ଜାଣେ,
ତଥାପି ସେ ଦୀର୍ଘଦିନ ରହିବ ପୀଡ଼ିତ ।
କାରଣ,
ଅନାହାରୀ, ଦରପେଟା, ମେହେନତୀ, ବଂଚିତ-ଜନର –
ସ୍ୱାଦହୀନ, ରକ୍ତହୀନ ମାଂସ ଆଉ ପରମାୟୁ ଲୁଟି,
ଦେହେ ତା'ର ଖାଦ୍ୟସାର ହୋଇଛୁ ଅଭାବ
ସେଥିପାଇଁ —
ଦର୍କାର ତା' ଉପଯୁକ୍ତ ପରିଚର୍ଯ୍ୟା, ପାନୀୟ, ଆହାର,
ନିରୋଳ-ବିଶ୍ରାମ;
କୁଟୀର ମୋ' ହୋଇଛି, ହୋଇବ······
ସେଥିପାଇଁ ତାହାରି ଆଶ୍ରମ ।

କେହି କେହି ପ୍ରଶ୍ନ କରିପାରି—
ହଠାତ୍ ଏ 'ମୃତ୍ୟୁ'-ପ୍ରୀତି ଚିତ୍ତେ ମୋର ଜାଗିଲା କାହିଁକି ?
କାରଣ ତା' ଅତି ସ୍ପଷ୍ଟ, ତମେ କି ଜାଣନା ?
ଆ-ଜନ୍ମରୁ ଏପର୍ଯ୍ୟନ୍ତ 'ଜୀବନ'-ସନ୍ଧାନେ—
ଧାଇଁ ଧାଇଁ 'ଜୀବନ'ତ ଦେଲାନାହିଁ ଧରା;
ଯୌବନ ମୋ' ପୂରିଲା କ୍ରନ୍ଦନେ ।
ସବଶେଷେ ବୁଝି ମୁଁ ପାରିଲି
'ମୃତ୍ୟୁ'ଠାରୁ 'ଜୀବନ'ଟା ଅତୀବ ଭୀଷଣ,
ମାରାତ୍ମକ ସିଏ;
'ଜୀବନ'ଟା ---
ଖାଲି ଏକ ସ୍ୱର୍ଣ୍ଣମୃଗ
କେବେ ଧରା ଦିଏ ?

Digitized by srujanika@gmail.com

'ମୃତ୍ୟୁ'ର ଶିବରେ ଅଛି ଅପାର-ଆନନ୍ଦ
ଜାଣେ ମୁହିଁ, ଜାଣେ;
ପୀଡ଼ିତ-'ମୃତ୍ୟୁ'ର ଶିଶୁ-କନ୍ଦର ତୂଣୀର...
ସେଥିପାଇଁ ସଜାଏ ମୁଁ—
ପ୍ରାଣବାୟୁ-ଲୁଂଠନର ବାଣେ ।

ମୁଁ ଆଜି କରୁଛି ବଂଧୁ
'ମୃତ୍ୟୁ'-ଶିଶୁ ଲାଳନ-ପାଳନ !
ଯେଉଁଦିନ ହେବ ସିଏ, ହେବ ସାବାଳକ,
ପିତା ତାଂର ସୁପ୍ତ ହୋଇ ଉଠିବ ହଠାତ୍,
ପ୍ରସାରବ ନିଜ ନୀଳହାତ—
ନର-ଗୃଧ୍ର ଟେଲା ଚଉପାଶେ,
ଅନ୍ୟାୟ ଓ ଶୋଷଣର ଶିବରେ ଶିବରେ
ହାତେ ତା'ର ଉଠିବ ଝଲସି...
କଳୁଷିତ-ଜୀବନର ଲୁଂଠନ-ବଲମ,
ସେ ଦିନ ହୋଇବ ଶାନ୍ତ
ପ୍ରତିହିଂସା-ଜର୍ଜ୍ଜରିତ-ଜୀବନ ମୋ'
ବିଦ୍ରୋହୀ-କଲମ ।

କଟକ
ତା ୨।୭।୧୯୬୦

Digitized by srujanika@gmail.com

॥ ପ୍ରଶ୍ନ ॥

ମନ-ରାଜପଥେ ଚିନ୍ତାର ଟ୍ରକ୍ ଛୁଟେ
ହୃଦୟ-ଦୁଆରେ ବେଦନାର କରାଘାତ,
ଏତେବେଳେ ତୋର ବେଣୀ ମୋ' ବକ୍ଷେ ଲୋଟେ
ସମ୍ମୁଖେ ସଖୀ, ମୃତ୍ୟୁର ଇଂଗିତ !

ଆଖିର ଆକାଶେ ଅନ୍ଧାର ମାରେ ଧାଇ,
ଚନ୍ଦ୍ରକୁ ମାରି ମନ୍ଦ୍ରେ ଡାକଇ ମେଘ;
ତାରକା-ଟଖତରେ ମାତିଛି ମରୁଡ଼ି, ଧୋଇ
ପ୍ରାଣ-ଉପବନେ ମାତିଛି ମଣିଷ-ବାଘ !

ଏତେବେଳେ କିବା କବିତା ଲେଖିବି ଗୋଟି ?
ଗୁଆ, ଧୂଆଁ ତଳେ ଛନ୍ଦ ତୋଳିବ କିବା !
କଣ୍ଟି-ଗଛରୁ କରିବ କି ଫୁଲ ଚୋରି,
ଶ୍ୱେତ-ଗୋଲାପ ମୋ' ଆଗରେ ରକ୍ତ-ଜବା !

ମୁଁ ଆଜି ହୋଇଛି ପଥ-ପ୍ରାନ୍ତରେ ଛିଡ଼ା
ନିର୍ଜୀବ ଏକ ଦାର୍ଶନିକର ଛବି,
ସରିଯାଇଛି ମୋ' ପୀରତିର ମଦଘଡ଼ା
କିବା ଦେବି ତୋତେ ? କହ ପ୍ରିୟ-ବାନ୍ଧବୀ !

ଭଦ୍ରକ.
ତା୨୦ । ୨ । ୬୧

Digitized by srujanika@gmail.com

॥ ପରିଚୟ ॥

ମୁଁ ଶୋଇଛି ମୋର ନିଜ ଜୀବନର ସିଂହ-ଦୁଆରେ ଆଜି
ତମେ ଯେଉଁମାନେ ମୋ' ବିନାଶ ପାଇଁ
ଅଯଥା ଜାଗିଛ,
ମରତ ଲଗିଛ
ମୁଁ ନୁହେଁ ତମର କ୍ରିଡ଼ା-କନ୍ଦୁକ
ପାରୁଛ ମୋ' କଥା ହେଜି ?

ଚୂନ-ସିମେଣ୍ଟ୍‌ରେ ଗଢ଼ାନୁହେଁ ମୋର
ନୁହେଁ ଗଢ଼ା ଅବୟବ,
ତମେ ଯିଏ ଆସି କର କୋଳାହଳ—
ଏଇ ମୋ' ଜୀବନ-ସିଂହ-ଦୁଆରେ
ଶୃଗାଳ ହୁଆରେ,
ତମେ କି ଜାଣନା
ତେଣେ ଚାଲିଛି ମୋ' ଜୀବନ-ଦାଣ୍ଡର
ନୂତନ ମହୋତ୍ସବ !

ଏ ନଖେ କେତେ ମୁଁ ଦୀର୍ଣ୍ଣ କରିଛି
ଧନତନ୍ତ୍ରର ବନ-ବାରଣର ମଥା,
ଏଇ ଲଲାଟରେ ଘେନିଛି କେତେ ମୁଁ
ଧନ-ଦରବାରୀ-ଧମନୀ-ରୁଧିର-ଛଟା !
ତମେ କି ଶୁଣିନ କେଶରୀ-ସ୍ୱରର
ଭୁବନ-ଚହଲ
ଜୀବନ-ଦୋହଲ,
ଭୀମ-ଭୈରବ ହୁଙ୍କାର ଆହ୍ୱାନ ?

Digitized by srujanika@gmail.com

ତମେ କ ଦେଖିନ ଶାଣିତ-ଦନ୍ତ,
ପ୍ରଖର-ନଖ ମୋ'
ହିଂସ୍ର-ଲୋଚନ ବେନି ?
ତମ୍ଭେ କ ଜାଣିବ ଜୀବନ-ଜଳଧି ଗଭୀର କେତେରେ,
ଜୀବନ-ଦିଅଁର ମହିମା ଯେତେରେ,
ତାଜା-ରକ୍ତର ସ୍ୱାଦ କ ବୁଝିବ
ତମର ରସନା, କହ !
ତମେ ଜାଣିରଖ
ନୁହେଁ ମୁଁ ତମର,
ନୁହେଁ ମୁଁ କାହାର
କ୍ରିଡ଼ା-କନ୍ଦୁକ; ନୁହଁ ! !

ଭଦ୍ରକ
ତା ୧୦ । ୧୨।୫୯

Digitized by srujanika@gmail.com

॥ ମୃତ-ଘୂର୍ଣ୍ଣିର ଆତ୍ମଲିପି ॥

(୧)

ହେ ମୋର ଜୀବନ, ଚିର-ସଂଗ୍ରାମୀ,
ହେ ମୋର ଜୀବନ, କହ !
ତମେ ସିନା ସାଥି ଆଗ୍ରଗାମୀ ହେ,
ଆଗ୍ନେୟ-ଆଶା, ତମେ ଆଗାମୀ ହେ
ତମେ କି ଦେଖିନ ତମପାଇଁ ମୋର
ଚର୍ମ-ଆଖିର ଲୁହ ?
ଜୀବନ ହେ ମୋର ଚିର-ସଂଗ୍ରାମୀ, କହ !!

ଦେହ-କଂଦରେ ବଂଧୁ, ତମକୁ ବାନ୍ଧି ରଖିବା ପାଇଁ,
ଶୈଶବ କାଳୁ ଯୌବନ ଯାଏଁ
ନଗ୍ର, ସହର, ଜନପଦ, ଗାଏଁ
ଘୁରି ମୁଁ ଆସିଲି ମହୀ ।
ତଥାପି ତମର ଏ ଦେହ ଉପରେ ଜନ୍ମିଲା ନାହିଁ ମୋହ !
ଜୀବନ ହେ ମୋର ଚିର-ସଂଗ୍ରାମୀ, କହ !!

କନ୍ଧରେ ବନ୍ଧି ବହ୍ନି-ତୂଣୀର
କଲି ନିଃଶେଷ ମରଣ-ଫଣୀର
ଗରଳ ମୁଣି ମୁଁ
କେବଳ ତମରି ନିରାପତ୍ତାର ପାଇଁ,
କେତେ ଦୁର୍ଦ୍ଦିନ-ଧୂମ୍ର-ଧମନୀ-
ଅନ୍ତ-ନାଡ଼ୀ ମୁଁ
ଆଣିଲି ତ ଟାଣି
ଅପ୍ରୁତ-ଶୋଷଣ-ଦୁର୍ଗ-ତୋରଣେ
ଚରଣ ଥୋଇ......
ଶୁଣାଇଁ ଶୁଣାଇଁ ସିଂହ-ରଡ଼ି ।

Digitized by srujanika@gmail.com

(୨)

ହେ ମହା-ଜୀବନ,
ଯଉବନ ମମ
ତମପାଇଁ ସଖା
ରକ୍ତମୁଖା !
ମୁଁ ଯେ ଶରାସନ
ତମେ ଟଂକାର
ମୁଁ ଯେ ବଲ୍ଲକୀ
ତମେ ଝଂକାର
ମୁଁ ହେଲେ ଅଗ୍ନି, ତମେ ଲେଲିହାନ
ରକ୍ତ-ଶିଖା;
ଶ୍ୱେତ-ପକ୍ଷର ବଳାକା ମୁଁ ଯେ······
ଅତନମିଛି
ତମପାଇଁ ସଖା,
ଘୋର ଘନ-କଳା-ଉଆଁସ ରାତିର ଉପତ୍ୟକା

ହୋଇଛି ସୋପାନ
ତମରି ବାଟେ,
ଯୁଗ-ଜାହ୍ନବୀ
ଲଂଫ ଦେଇଛି
ମୁହିଁ, ଧୂର୍ଜଟି ଧ୍ୱଂସ-ଜଟେ ।

କେତେ ତନ୍ୱୀର ସେନେହ, ପୀରତି-କୁସୁମ-କଳି
ନିର୍ମମ-ପଦେ ଦେଇଛି ଦଳି !

କୁସୁମ-ହାସିନୀ
ଗୋପନ-ଭାଷିଣୀ
ଆଖିର ଲୁହ,
ତେଜି ମାନମୟୀ,
ମରମୀ-ପ୍ରିୟାର

Digitized by srujanika@gmail.com

ନରମୀ-ଦୁଆର
ପ୍ରଶସ୍ତ-ବ୍ୟୂହ ।
ବିଚ୍ଛିନ୍ନ କରି କେତେ ନିର୍ଧନ
ମୁହିଁ ଯଉବନ ଇସ୍ପାତ-ହ୍ରେଷା
ଯାଇଛି ଚାଲି……
ସଂଭୋଗ-ସୁଖ-କଂକର ଶିରେ
ବଜ୍ର-ଖୁରାର
କଦମ୍ ତାଳ ।

ହେଲେ ବି, ଥିଲା ତ ଗର୍ବ ମୋର,
ଭୁଲିଇ ଥିବାରୁ ହେ ମହାନ୍, ତବ
ନିରାପତ୍ତାର ବନ୍ଧନ-ଭାର !
ଆଜି ବି ଶାଣିତ,
ଶୋଣିତ-ଭିଜା ଏ
ନିର୍ମମ ମୋର ଖଡ୍ଗ-ଧାର···
ଦୁର୍ନିବାର ।

(୩)

କାନ୍ତ ଜୀବନ ! ସମ୍ମୁଖେ ମୋର
ଦୁର୍ଦ୍ଦିନେ ଘୋର
ଯେଉଁ ଅଭିନୟ ରଚନା କରି……
ଅବାକ୍ କଲ,
ସତ୍ୟ ନା ସିଏ ଇନ୍ଦ୍ରଜାଲ ?

ସମର-କ୍ଳାନ୍ତ
ମୁ ଅତି ଶ୍ରାନ୍ତ
ପୀଡ଼ିତ ସିନା……
କିଏ ବଜାଇଲା ଏତିକି ବେଳରେ
ତମ ମହାପ୍ରସ୍ଥାନ୍-ମରମ ତଳରେ
ଭ୍ରାନ୍ତି-ବଂଶୀ ?

Digitized by srujanika@gmail.com

କିଏ ଦେଖାଇଲା ସମ୍ମୁଖେ ତବ
ଅଭିନବ-ଘଟ-ପ୍ରଚ୍ଛଦପଟ
ମୃଗତୃଷ୍ଣିକା ସ୍ୱପ୍ନ-ବାନା ? ?
ଜାଣିକି ଆରେ ?
କିଏ ସେ ତମର ଦରଦୀ-ବନ୍ଧୁ ?
ନଇଁ ପଡ଼େ ଆଜ୍ଞ ଦରଦ-ଭରେ !

(୪)

ହେ ମହା ଜୀବନ, ନବୀନ-ତନୁର
ନବ-ଅଭିସାରେ ଯାଉଛ ଯେବେ,
ଶୁଣିଯାଅ ମୋର ଭାଷ୍ୟ, ଏବେ !
ଫେରିବାକୁ ହେବ
ଅତୀତ-ପଥରେ
ଆହତେ-କାତରେ
କ୍ଷୁବ୍ଧେ ସାଥି !
ସମ୍ମୁଖେ ଦେଖି
ଏଇ ଦୁନିଆର
ଅଂଧ-ଗତି ।

ବଜ୍ର-ବାହନେ ନଇଁ ଆସୁଥିବ ପ୍ରଳୟୀ-ମେଘର
ଧୂମ୍ର-ଜଟ,
ଖୋଜି ବସୁଥିବ
ଏଇ ଯେ ମୋହର
ଯୋଢ଼-ଘଟ...
ଘୂର୍ଣ୍ଣନଶୀଳ
ବାତାବର୍ତ୍ତର ତଟପ୍ରଷ୍ଠ ।
ମୁହଁ ଥିବ କେଉଁ ଅଜଣା-ମଶାଣୀ-ଜଠରେ ଛପି,
ପ୍ରତିଧ୍ୱନି ମୋ,
ଅରଉ ଥିବ ଏ

Digitized by srujanika@gmail.com

ଗଗନ-ପବନ
ଅମଂଗଳ ଏ
ସୃଷ୍ଟି-ଲଗନ
ବଦାନ୍ୟ-ଲଗନେ ଜୀବନ ହେ ଦେନ ନମସ୍କାର !
ଗଣ୍ଡ ଭିଜାଇ
ଦିଏ ତମପାଇଁ
ବନ୍ଧୁ ଏ ଖାଲି ଅଶ୍ରୁଧାର ।

ପଡ଼ି ମୁଁ ରହୁଛି ଧନତାନ୍ତ୍ରିକ-
ଶୀତ-ଶୈତ୍ୟର ସଞ୍ଜ-ଭୂମେ,
ଇନ୍ଧନ ହେବି
ଏଇ ସୃଷ୍ଟିର ଧ୍ୱଂସ-ହୋମେ ।

ଭଦ୍ରକ
ତା୨୧ । ୧୨ । ୫୯

Digitized by srujanika@gmail.com

॥ ଆବର୍ତ୍ତନ ॥

(୧)

ସେ ଏକ ପ୍ରାଣହୀନ ନିର୍ଜୀବ-ପ୍ରତିକୃତି ।
ମୁଁ ତାଙ୍କୁ ଦେଖିଛି ବନ୍ଧୁ,
ପ୍ରବାସର ବାସଗୃହ ମଳିନ-ହିଆଲେ;
କେବେ ଅବା ଦେଖିଛି ମୁଁ ତାଙ୍କୁ······
ମୋ' ମନର ବିପର୍ଯ୍ୟସ୍ତ-ସାଧନା-ଚିତ୍ରେ ବୁଲେ !

ମୁଁ ପୁଣି ଦେଖିଛି ତାଙ୍କୁ
ସମୟର ରନ୍ଧ୍ରେ ରନ୍ଧ୍ରେ,
ସ୍ୱଚ୍ଛନ୍ଦେ, ବିଶ୍ରାମ କାଳରେ,
ପ୍ରଭାତେ, ମଧ୍ୟାହ୍ନେ, ଯାତ୍ରା-ପଥ ପ୍ରତି ପଦକ୍ଷେପେ
ଜାଗରଣେ, ଶୟନେ, ସ୍ୱପନେ,
ବୈଶାଖର ରୌଦ୍ର-ଦଗ୍ଧ-ରନ୍ଧ୍ରେ,
ପ୍ରାବୃଟର ଅବାରିତ-ବାରିଧାରେ,
କେବେ ଅବା ଅପରାହ୍ଣ-କୋଳେ !

ଅମାବାସ୍ୟା-ରଜନୀର ଘନ-କୃଷ୍ଣ-ଆସ୍ତରଣ ଭେଦି
ବନ୍ଧୁ, ମୁଁ ଦେଖିଛି ତାଙ୍କୁ ମୋ' ଆଖିର ପ୍ରତିଟି ପଲକେ···
ଘନୀଭୂତ ଅନ୍ଧକାରେ, ଲଂଠନର ସ୍ତିମିତ-ଆଲୋକେ !

(୨)

ନୀରବରେ······
ତା' ଆଗେ କହୁଛି କେତେ,
ବାଡ଼ିଅଛି ଏଇ ମୋର ପୁଞ୍ଜିଭୂତ ହୃଦର ବେଦନା
ଧ୍ୱଂସ'ର ଆତଙ୍କେ ଯଥା

Digitized by srujanika@gmail.com

'ସୃଷ୍ଟି'କୁ ଜାବୁଡ଼ି ଧରି - ସଜୋରେ, ନିବିଡ଼େ
ଯେଉଁପରି କାନ୍ଦିବାକୁ ହୁଏ
କାନ୍ଦୁଛି ମୁଁ ଠିକ୍ ସେହିପରି
ବକ୍ଷେ ଚାପି ତା'ର ସେହି ନିର୍ଜୀବ-ତନୁକୁ ।
ଆଶାନ୍ୱିତ ହୋଇ ବସି ଅପଲକ-ନେତ୍ରେ
ଚାହିଁଛି ମୁଁ ଯୁଗଯୁଗ, କରିଛି ଅପେକ୍ଷା
କେବେ ସେହି ପ୍ରତିକୃତି ହୋଇବ ସଜୀବ !
ନିର୍ଜୀବ-ତନୁରେ ତା'ର ସଂଚରିବ କେବେ ଜୀବନ୍ୟାସ !
କେବେ ବା ପାଇବ ବନ୍ଧୁ,—
ଏ ଜୀବନ ମୁଠେ ସ୍ନେହ, ପ୍ରୀତିର ପରଶ ?

(୩)

ଅକସ୍ମାତ୍,
ସେହି ସ୍ୱପ୍ନ ବାସ୍ତବରେ ଯେବେ ସଖା ହେଲା ପରିଣତ,
ବାସ୍ତବ ଟା ହେଲନାହିଁ ପରିଣତ ବର୍ତ୍ତମାନେ କାହିଁ ?
କହ ବନ୍ଧୁ,
କାଂପାଇଁ ଜଳିଲା ପୁଣି ମନ ତଳେ
ଆକାଙ୍କ୍ଷାର ଶିଖାପ୍ଲୁତି-ନିଆଁ ?
ଚତୁର୍ଦ୍ଦିକର ସାମାଜିକ ବ୍ୟବସ୍ଥାର ଶାଣିତ-ଆୟୁଧ
ଉର୍ଦ୍ଧ୍ୱେ କିଆଁ ଉଠିଲାନି ହାତ ?
ଦମ୍ଭେ ଯେମ ଜୀବନର ସ୍ୱର୍ଣ୍ଣ-ଇନ୍ଦ୍ରାହାର !
କହ କହ ହେ ଦରଦୀ ବନ୍ଧୁ ମୋର,
ରାତ୍ରି ଯେବେ ହୋଇଗଲା ଶେଷ,
ସକାଳର ଆଗମନୀ କଂଠ-ତଟେ ନେଇ
ଡାକିଲାନି ତେବେ କିଆଁ ପ୍ରଭାତର ପକ୍ଷୀ ?
ସଚେତନ ହେଲା ନାହିଁ
ଦିବସର ଆଗମନେ କିଆଁ ......
ଜୀବନର ଅଚେତନ ନବ-ସୂର୍ଯ୍ୟମୁଖୀ ?

କଟକ
୪ ଏପ୍ରିଲ୍, ୧୯୬୧

Digitized by srujanika@gmail.com

॥ ଇସ୍ତାହାର ॥

※

ହେ ମରଣ !
ମୁଁ ତୁମକୁ ମୋର ଠିକଣା ଦେଲି
ତମେ ମୋର ସନ୍ଧାନ ନିଅ !
ଜଟାୟୁ ଯେପରି ସୀତା-ହରଣକାରୀ ରାବଣ-ରଥର
ପଥରୋଧ କରିଥିଲା
ତମେ ଠିକ୍ ସେହିପରି ଆପଣାର ନୀଳ-ଡେଣା ମେଲାଇ
ମୋର ପଥ ଅବରୋଧ କର !

ଯଦ୍ୟପି ମୁଁ ରାବଣ ନୁହେଁ,
ନୁହେଁ ସିଂହଳର ସମ୍ରାଟ୍;
ତଥାପି ଜୀବନକୁ ମୁଁ ତମ କବଳରୁ ଚୋରି କରି ନୁହେଁ,
ଜବର୍‌ଦସ୍ତ୍ ହରଣ କରି ନେଇ ଚାଲିଯାଉଛି !

ମୁଁ ଜାଣେ, ତମେ ଦିନେ ନା ଦିନେ ଆସିବ,
ଆସିବ, ମୋ ଜୀବନାକାଶକୁ ଅନ୍ଧକାର କର !
(ଅବଶ୍ୟ, ସେ'ଟା ମୋର ଏ ଜନ୍ମର ଅନ୍ତିମ-ପ୍ରାନ୍ତରେ !
ସ୍ଥା ବୋଲି କ'ଣ ତା ପର୍ବରୁ
ଜୀବନକୁ ମୁଁ ତମ ଦାୟିତ୍ୱରେ ଛାଡ଼ି ଦେଇ ପାରେ ?

※ ※

ହେ ମରଣ !
ଯେତେଦିନ ଯାଏଁ ତମ ବେଳରେ ତମେ ନ ଆସି
ସେତେଦିନ, ସେ ସମସ୍ତ ପର୍ଯ୍ୟନ୍ତ
ଜୀବନକୁ ମୁଁ ଆକଂଠ ଉପଭୋଗ କରିଯିବ
ଆଖିର ଆକାଙ୍କ୍ଷେ ଧରି ଆକାଶର ବ୍ୟାପ୍ତି-

Digitized by srujanika@gmail.com

ଉଭୟ ବାହୁରେ ଧରି ଅଦ୍ଭୁତ-ବଜ୍ରର କଠୋରତା,
ଝଡ଼ର ଉଲ୍ଲାସ ଆଜି ଘୂର୍ଣ୍ଣିର ଆବର୍ତ୍ତ ନେଇ
ନିଶ୍ୱାସ-ପ୍ରଶ୍ୱାସେ
ସମସ୍ତ ଶକ୍ତି ସଞ୍ଚୟ କରି ଜୀବନକୁ ମୁଁ ଭଲ ପାଇବି ।

ସେହି ଭଲ ପାଇବା ଭିତରେ ଯଦି ମୁଁ ତମକୁ ଭେଟେଁ
ମୋର ବଜ୍ର-ବିଶ୍ୱାସ,
ମୁଁ ତମକୁ ନିଶ୍ଚୟ ପରାଜିତର
ଗୌରବ ଦେଇ ସମ୍ମାନିତ କରିବି—
ମୋ ଜୀବନ-ଅଙ୍କର ଅନ୍ତିମ-ଯବନିକା ଉଠିବାର
ପୂର୍ବ-ମୁହୂର୍ତ୍ତ ପର୍ଯ୍ୟନ୍ତ !

କଟକ
ତା୨୫।୫।୭୨

॥ ଆବିଷ୍କାର ॥

ଜୀବନର ଅର୍ଦ୍ଧ-ପଥେ
ହଠାତ୍ ମୁଁ ଠିଆ ହୋଇ ଚାହିଁଲେ ପଛକୁ
ଶୁଭେ ମୋର ଯୌବନର କରୁଣ-କ୍ରନ୍ଦନ;
ସମ୍ମୁଖେ ଚାହିଁଲେ ଦେଖେଁ
ନରମେଧ-ଯଜ୍ଞବେଦୀ — ନିଜ ଚଉପାଶେ...
...ତହିଁ ମଧ୍ୟେ ତିଳେ ତିଳେ ହୁଏ ମୁଁ ଇନ୍ଧନ ।

ବହୁବାର ଏକାନ୍ତରେ ନିଜକୁ ନିଜେ ମୁଁ
କରିଛି ଜିଜ୍ଞାସା---
"କି'ବା ମୋର ଅପରାଧ ?
କେଉଁ ମହା-ପାତକର ପ୍ରାୟଶ୍ଚିତ୍ତ ଏହି ?"
କିନ୍ତୁ କିଛି ପାଇନି ଉତ୍ତର
ପଦେହେଲେ, ଭାଷା ଶୁଣିନାହିଁ !

ତେବେ...
କେଉଁ ଏକ ଶୋଣିତାକ୍ତ-ବିଶ୍ଳେଷଣ ଫଳେ—
ତଥ୍ୟ ଏକ କରିଅଛି ନିଜେ ଆବିଷ୍କାର,
ଯେ ତଥ୍ୟର ସାରମର୍ମ ନିଜେ ମୁହିଁ ନିଜକୁ ଶୁଣାଏଁ
ଦୃଢ଼-ହସ୍ତେ ଧରି ତା'ର ମର୍ମ ଥରି-ନଥି
ବଜ୍ର-କଂଠେ ପାଠକରେ ତାହା
ଉଲ୍ଲିଂଗ ଏ ଶାସନର ନାସ୍ନ-ତୋରଣେ;
କରେ ଦୃଷ୍ଟି ଆକର୍ଷଣ
ଜୀବନର ଚରମ-ସାର୍ଥକ, ସଖା,
ଅନାବିଲ ବନ୍ଧୁ ମମ ସେ ମହା-ମରଣେ ।

Digitized by srujanika@gmail.com

ମୋ' ତଥ୍ୟର ସାରମର୍ମ
ପୁଣି ମୁଁ ଶୁଣାଏଁ ପଢ଼ି
ସହଧର୍ମୀ, ସହୋଦର, ଦରଦୀ ସମୀପେ,
ପ୍ରେମିକାର ସଲଜ୍ଜ-ସମ୍ମୁଖେ ଆଉ
ଫର୍ମ୍ମିଲ-ଲପନେ ପଢ଼େ
ନାସ୍ପେଷିତ ମାନବର ପ୍ରତିଟି ଅନ୍ତରେ;
ତଥ୍ୟ ମୋର ପଢ଼ି ମୁଁ ଶୁଣାଏଁ···
ଜୀବନର ଏ ମଧ୍ୟ-ପ୍ରାନ୍ତରେ ।

କରିନି ମୁଁ ନରହତ୍ୟା, ଦରେଟିର ଗୃହ ଉତ୍ପାଟନ,
ଅବା କେଉଁ ଜୀବନର ପୁଷ୍ପେ ବୃନ୍ତଚ୍ୟୁତ
ଅନଂଗ୍ରାସ ନାହିଁ କେବେଁ ଗ୍ରାସୀ···
ଅନ୍ୟର ଦୁର୍ଦ୍ଦିନେ କେବେଁ ଉଠିନି ମୁଁ ହସି !

ସେଥିପାଇଁ —
ଆଇନର ଜଟିଳ-ଜାଲ ତଳେ
ଗରହିତ-ଅପରାଧେ ଅଭିଯୁକ୍ତ ମୁଁ ଏକ ଆସାମୀ,
ହାଇମାରେ ସମ୍ମୁଖେ ମୋ' ଫାଶୀମଂଚ, ନର-ବଧଭୂମି ।
ତଥାପି ମୁଁ ବଜ୍ରକଂଠେ, ଘାତକର ତରବାରି ଆଗେ
ବନ୍ଧୁକର ନଳି ଆଉ
ବୁରେଜାସୀ-ବାୟୋନେଟ୍, ଗୁଳି ସାମ୍ନାରେ
ଉଦ୍ଧତ-ମସ୍ତକ ଟେକି, ବୀରଦର୍ପେ କରୁଛି ଘୋଷଣା
ଅନ୍ତରର ସ୍ପଷ୍ଟ, ପ୍ରିୟ-ଅଭିବ୍ୟକ୍ତ ମୋର···
ନୁହେ ଏହା କଦାପି ଛଳନା ! —

ଅନ୍ୟାୟ ଟା ଆପାତତଃ
କଣ୍ଟୁବନ କଣ୍ଟୁ ଯୁଗପାଇଁ, 'ନ୍ୟାୟ' ହୋଇପାରେ ;
କିନ୍ତୁ ତା'ର ମୁଖା ଦିନେ ନଗ୍ନ ଭାବେ ହେବ ଉଦ୍‌ଘାଟିତ ।
ଲୌହଗର୍ଭା ଧରଣୀର ହୃତ୍‌ପିଣ୍ଡ,
ଧମନୀର ସ୍ପନ୍ଦନେ ସ୍ପନ୍ଦନେ

Digitized by srujanika@gmail.com

ଦିନ ଆଉ ବେଶି ନାହିଁ
ଶୁଭିବ ଶୁଭିବ ଦିନେ ନ୍ୟାୟର ହୁଂକାର;
. ପଣ୍ଡ ହେବ
ବିଶ୍ବ-ବନେ ବଳାତ୍କାର, ଅନ୍ୟାୟ-ପାରଧି;
ଅଶାନ୍ତ ହୋଇବ ଦିନେ ମାନବ-ମନର
ପ୍ରଶାନ୍ତ-ବାରିଧି,
ସହସା ବାଜିବ ଦିନେ ପ୍ରାଣପୂର୍ଣ୍ଣ,
ଅଭିନବ ନୂତନ-ଓଁକାର ।

କଟକ
୨୩, ନଭେମ୍ବର, ୧୯୬୦

Digitized by srujanika@gmail.com

॥ ଗୋଟିଏ ରାତ ॥

ଦିବାବସାନର ଆସମାନ୍ ବୁକେ,
ଭାସମାନ ମେଘ-ସଉଧ ତଳେ
ନୀଡ଼ ଅଭିମୁଖୀ ବିହଂଗମର-
କୂଜନ, ମନେ ମୋ' ଅଗ୍ନି ଜାଳେ ।

ସନ୍ଧ୍ୟାର ଧୀର ପରଶ ସମୀର
ପ୍ରତି ଲୋମକୂପେ ବର୍ଚ୍ଛି ମାରେ,
ନିଦ୍ରାହୀନ ମୋ' ନୟନ-ପତାକୁ
ଭରି ବିଷାବିଷ୍ଟ ଶୋଚନା ଧାରେ ।

ଗନ୍ଧମୂଷିକ କାଗଜ ଖେଳାଏ,
କେତେଥର ପୁଣି ପଳାଏ, ଆସେ,
ଭେଦି ବାତାୟନ ଆକାଶ ଚେନାଏଁ
ବିଦ୍ରୂପୀ ସତେ ମୋ' ଆଡ଼େ ହସେ !

ବସା ସମୀପର ନିମତରୁ ଶାଖେ
ପେଚକର ରବ ଉଠଇ ମାତି—
'ସେନାପତି ଆରେ, ପାହିବନି ଆଉ
ପାହିବନି ଏଇ ଲୌହ-ରାତି !'

'ଦେଖିବା କିପରି ପାହିବନି !' କହି
କଂପି ଉଠେ ମୁଁ ପ୍ରଳୟ-ବେଗେ,
ସ୍ମରଣ କରି ମୁଁ ମୋର ଅତୀତର
ମରଣ-ବିଜୟୀ-ଚନ୍ଦ୍ରହାସେ ।

Digitized by srujanika@gmail.com

ଶିଶୁ-କଂଠର କ୍ରଂଦନ ଶୁଣି-
ପ୍ରତିବେଶୀ ଘରୁ-କ୍ଷଣକ ପାଇଁ,
ଉଠି ବସେ ମୋର ଅଙ୍କାତେ ମୁହିଁ
ବିଦ୍ୟୁତ୍-ଘରେ ଲୌହ-ଦେହୀ ।

ଖୋଜିବସେ ମୋର ଖର-ଅସିଧାର,
ଅ-ସରା-ତୂଣୀର, ବଜ୍ର-ଧନୁ,
ହଠାତ୍ ଦେଖେ ମୁଁ ପ୍ରାଚୀ-ନଭ-ଶିଖେ
ଲୋହିତ-ବିଭବ ଉଦୟ-ଭାନୁ !

କଟକ
ତା ୧୨।୮।୬୦

Digitized by srujanika@gmail.com

॥ କଥନ ॥

(୧)

କହ କେତେଦିନ ବାନ୍ଧିବସିବା ଶାସ୍ତ୍ରୀ-ଆଚାର ନିଗଡ଼ ?
ପ୍ରତିଭାର ମରୁଭୂମିରେ କେ ଦେବ ବାଣୀ-ପୂଜକର କାମ୍ନତ୍ ??
କେତେଦିନ ଆଉ ନାଦେ ଶୁଣିବା
ଅନ୍ୟ ପାଇଁ କି ଭବିଷ୍ୟତର ପଥ ?
ସର୍ବନାଶର ସରଣୀ-ପ୍ରାନ୍ତେ ଛୁଟାଇ ଆପଣା ରଥ ??

ସୃଷ୍ଟି-ସାଧନା ଶହୀଦତ୍ୱରେ ପର୍ଯ୍ୟବସିତ ଆଜି
ପ୍ରାଣ-ପ୍ରାନ୍ତରେ ଖାଲି ଲାଞ୍ଛନା-କରତାଳି ଉଠେ ବାଜି !
ଗାନ୍ଧୀ-ଦେଶରେ ସ୍ୱରାଜୀ-ବନ୍ଦୀ ଭାବନାର ବିପ୍ଳବ
ବନ୍ଧୁ ହେ, ଆଜି ସ୍ରଷ୍ଟାର ଘରେ ମୃତ୍ୟୁର ନୀଳ-ରବ !
ଜୀବଦ୍ଦଶାରେ ମିଳିବନି କିଛି ସାଧନାର ମୂଲ୍ୟ ଏଠି !
ସୃଷ୍ଟି-ପାପର ଅଭିଶାପ ନେଇ ଖଟିବାକୁ ହେବ ବେଟି !!

(୨)

ତମେ ନୀରବରେ ରଂଗ ଗୋଳାଅ, ତୂଳୀରେ ଜଗାଅ ଛନ୍ଦ,
ରଂଗରେ ଆଣ ସମାଧାନ କେତେ
ଠିଆକର ପୁଣି ଦ୍ୱନ୍ଦ୍ୱ !
ସୀମିତ-ଥାନରେ ତମେତ ଆଙ୍କ ସିନ୍ଧୁର ସ୍ପନ୍ଦନ,
ହଠାତ୍ ଜଗାଅ ବିଶାଳ ମରୁରେ ଓଏସିସ୍-ସ୍ପନ୍ଦନ !
ତମେ କଳାକାର, ସୌନ୍ଦର୍ଯ୍ୟର ବଳାକା ଆଙ୍କ ନଭେ,
ଆନ ସୃଷ୍ଟିର ପୃଷ୍ଠପଟେ ତମ ତୂଳୀ-ତାନ ଶୁଭେ !
ତମେ ତ ନୀରବ-କାବ୍ୟ-ସାଧକ, କାବ୍ୟ କହେ କଥା
କିନ୍ତୁ ତମର ତୂଳୀକା ବୁଝଇ ଜୀବ-ଜଗତର ବ୍ୟଥା !

Digitized by srujanika@gmail.com

ମୁଁ-ତୁଁ କବି ପ୍ରତି ବାଣୀ-ଆରାଧକ ମସୀଗାରେ ତୋଳେ ଅସି,
ଧ୍ୱଂସ ଭିତରେ ସୃଷ୍ଟି ମୋ' ହସେ,
ସୃଷ୍ଟି ଭିତରେ ସଂହାର ରାଶିରାଶି ।

କି ହେବ, କି ହେବ ବନ୍ଧୁ ହେ କହ ! ସୃଷ୍ଟିର ଏଇ ସାଧନା,
ଟିକେ ବୁଝିବ କହ କବି-କଳାକାର ଜାତିର ମରମ ବେଦନା ?
ଜୀବନରେ ଯହିଁ ନାହିଁ ସତ୍ୟତା
ସତ୍ୟ କେବଳ ମୃତ୍ୟୁର ଘନ-ନୀଳ-ମଉନତା, ବନ୍ଧୁ !
ସୁନ୍ଦର-ଚିର-ଶାଶ୍ୱତ ନୁହେଁ;
ସୃଜିବାକୁ ହେବ ଅପସୃଷ୍ଟିର ବନ୍ଧୁ ! ?

(୩)

ସନ୍ଧ୍ୟା-ଜୀବନର ନିନ୍ଦୁକ, ଏଇ ଅର୍ଦ୍ଧ-ଦୁନିଆ ପଥେ—
ଯୌବନ-ଧୂଳି-ଦଳ ମୁଁ ଦଳିଲି
ବେଦନା ନିଆଁରେ ଖାଲି ତ ଜଳିଲି
ତଥାପି ହେ ସଖା, ପାଇଲିନି ଦେଖା, 'ବନ୍ଧୁ' ଗୋଟିଏ କାହିଁ !
ପ୍ରଳୟୀ-ମେଘର ଧୂମ୍ର-ଜଟ ସମ
ସୃଷ୍ଟି ଶିଖରେ ନଇଁ ମୁଁ ଆସିଲି, ନଇଁ;
ଯଉବନ ଭରି ଜୀବନ-ରଥରେ
ଦୃଷ୍ଟି-କେତନ
ଉଡ଼ାଇ ଆସିଲି
ହୋଇ ଅଚେତନ
ଏ ମୋର ଯାତ୍ରାପଥେ ।
ସେଥିପାଇଁ ତିଳେ ଦୁଃଖ ନାହିଁ ମୋ, ସଖା !
ଦୁଃଖ କେବଳ, ଧାବିତ ହେଲିଯା ଅର୍ଦ୍ଧ-ଜୀବନ ଧରି,
ସମ୍ମୁଖେ ଦେଖି ଜୀବନ-ସ୍ୱପ୍ନ; ଆକାଶ-କୁସୁମ-ରେଖା !!
ତେଣୁ ଆଜିଠାରୁ ତୁଳୀ ଓ କଲମେ
ଧ୍ୱଂସର ଗୀତ ଗାଇବା କି ?
କଳା ଛଡ଼ା ସବୁ ରଙ୍ଗ ଜୀବନୁ ଧୋଇବା କି ? ?

Digitized by srujanika@gmail.com

ଦର୍ଜାର ଆଜି ଅନ୍ଧାର ଖାଲି
କଳା ଘନ-କଳା,
ନୃତ୍ୟହିଁ ନିଆଁ ନୁଳା
ଆଙ୍କି ଦିବାକି ସୃଷ୍ଟି-କିତାବ-ପ୍ରଚ୍ଛଦେ ଏବେ
ଗାରଦ-ତମସାଚ୍ଛନ୍ନ ?
ଜୀବନ-ଗର୍ଭ କରିଦେବା କି ହେ
ଖାଲି ବାରୁଦରେ ପୂର୍ଣ୍ଣ ?

କଟକ
ତା ୩।୭।୭୧

Digitized by srujanika@gmail.com

॥ ନଷ୍ଟ-ସୃଷ୍ଟିର କବିତା ॥

ଜୀବନର ପ୍ରଥମ-ଏକାନ୍ତ—
ଏପର୍ଯ୍ୟନ୍ତ, ଲଢ଼ି ମୃତ୍ୟୁ ସାଥେ;
‘ଶାନ୍ତି’ ‘ମୁକ୍ତି’ ‘ସ୍ୱାଧୀନତା’ ପାଇଁ,
‘ଯୁଦ୍ଧ’ ଆଉ ‘ପରାଧୀନତା’ର—
ଦ୍ୱାରଦେଶେ ହୋଇ ଅବତୀର୍ଣ୍ଣ…
କୋଶ-ମୁକ୍ତ-ତରବାରୀ ହାତେ ।
‘ମୈତ୍ରୀ’ ଲାଗି
‘ବିଭେଦ’ର ଜାଗ୍ରତ-ପ୍ରହରୀ ସଙ୍ଗେ ରକ୍ତାକ୍ତ-ସମର,
‘ଆଲୋକ’ର ନିରାପତ୍ତା ପାଇଁ
ବାରଂବାର ‘ଅଂଧକାର’ ଅସ୍ତିତ୍ୱକୁ କରି ଅସ୍ୱୀକାର ।—
ଭାବିଥିଲି,—ହେବି ଏକ ‘ସାମାଜିକ ପ୍ରାଣୀ’
ଶିଖିବି ମୁଁ କରି ଆପଣାର—
ବିଶ୍ୱର ଏ ମାନବ-ସମାଜେ
‘ବାର୍ଦ୍ଧକ୍ୟ’-ରେ କରି ଉପହାସ
ପାଳିବି ମୁଁ ‘ଯୌବନ’ର ସୁନେଲି-ପାର୍ବଣ,
ଆଣିବି ସାଉଁଟି……
ବିପର୍ଯ୍ୟସ୍ତ-ଜୀବନର ଯେତେ କୁଟା-କାଠି ।
ଲଜ୍ଜିତାରେ ବରିନେବି ‘ପ୍ରଣୟିନୀ’ ରୂପେ
ସଞ୍ଚିତ ମୋ’ ସ୍ନେହ ତା’ରେ ଉପହାର ଦେବି;
ମ୍ଳାନ ଗଂଡେ ଜ୍ୱଳନ୍ତ, ପ୍ରଗାଢ଼ ଚୁମ୍ବନ—
ଦେବି ଆଂକି ଅନାଗତ-ଜୀବନର ଛବି ।
ନତ-ଶିରେ ମାନିନେବି
ସ୍ୱଜନର ଆଇନ୍-କାନୁନ୍
ଉଦ୍ଦାମ ଏ ଯୌବନକୁ ନ କରିବି ଜଡ଼,
ହୃଦୟର ସ୍ପନ୍ଦନ ଓ ଧମନୀର ରକ୍ତ-ବିନିମୟେ

Digitized by srujanika@gmail.com

ତୋଳି ନେଇ ଭରିବ ଗୁଂଗୁଡ଼ି .....
ଅଦିନର 'ସଂଧ୍ୟା'ଗମେ ଝଡ଼ିଥିବା 'ଦିବସ'ର କଡ଼ ।

*　　　*　　　*

କିନ୍ତୁ ଏବେ ଠିକ୍‌ଭାବେ ବୁଝି ମୁଁ ପାରୁଛି,
ଏ ସବୁ ମୋ' ମାନସିକ-ବିକୃତିର ଫଳ,
ଖାଲି ଗୋଟେ ମସ୍ତବଡ଼ି,
ଭୟଙ୍କର, ବିହ୍ୱଳ-ଦୁଃସ୍ୱପ୍ନ
ଗାଢ଼-ତଂଦ୍ରା-ତୁଟିଛି ହଠାତ୍,
କଟିଛି ମୋ' ନେତ୍ର-ପଥୁ
ମୋହ ଆଉ ମମତାର ଦୀର୍ଘ-ଆସ୍ତରଣ ।
ତେଣୁ···ଯେବେ
ପୁଣି କେଉଁ ଅଭିନବ-ପନ୍ଥା ନେବ ବରି ?!
ଅର୍ଜନ କରିବ କେଉଁ ବିଭ୍ରମ ଓ ଭୀଷଣ-ପାଥେୟ ?
ବନ୍ଧୁ ମମ ! ସ୍ୱପ୍ନାହତ-ହୃଦ-ସିନ୍ଧୁ !!
ଆଜିଠାରୁ ନ ହୁଅ କା'ପାଇଁ
ବେଦନାରେ ଉଦ୍‌ବେଳିତ; ନହୁଅ ଅଥୟ !

'ସାହାଯ୍ୟ'ଟା ଏଠି ଖାଲି ଦୁର୍ବଳର କାମ୍ୟ
ଅପରର 'ମଂଗଳ-କାମନା' 'ମୂର୍ଖତା'ର ପରିଚୟ ଦିଏ
ଲଂପଟର ଭୂମିକାରେ ନ ହୋଇଲେ ଅଭିନୟ-କ୍ଷମ,
ବାଜେ ନାମେ କୁତ୍ସାର ଡିଣ୍ଡିମ-'ହୀନବୀର୍ଯ୍ୟ ସିଏ ।'

ମର୍ମ-ନଭେ-ଆଚ୍ଛାଦଇ ତେଣୁ
ଯଂତ୍ରଣାର ଘନ-କୁଜ୍‌ଝଟିକା,
ବାରଂବାର ଉଠେ ଖାଲି
ସୀମାହୀନ-ଭାବନାର ବିଶାଳ-ଡାକୋଠା,
ଜାଗେ ପ୍ରଶ୍ନ ଆଜି ଏଇ ଶୀତାର୍ତ୍ତ-ଦିନାନ୍ତେ—
କେଉଁ ଆଡ଼େ ? କାହିଁ ? ପଥ କାହିଁ ???
ଯେଉଁ ପଥେ ଆପଣାର ଆତ୍ମରକ୍ଷା ରଥ ନେବ ବାହି

Digitized by srujanika@gmail.com

ତେଣୁ ଆଜ୍ଞା କ୍ଷମାକର ହେ ଧରିତ୍ରୀ,
ରବି, ଶଶି, ନକ୍ଷତ୍ରାଦି, ଗ୍ରହ-ଉପଗ୍ରହ !
କ୍ଷମାଦିଅ ପିତା, ପୁତ୍ର, ଜନନୀ, ଭଗିନୀ,
ପୃଥିବୀର ହେ ଶାସକ କୁଳ !
କ୍ଷମାଦିଅ ବୃକ୍ଷ, ସୁବା, ଜଳ ଓ ଅନଳ !!
ମାତାକୋଳେ ଅମାନଅାଁ ଶିଶୁର କ୍ରନ୍ଦନ,
ପ୍ରେମିକ, ପ୍ରେମିକା ହେ ଗର୍ଭସ୍ଥ-ଅନାବିଳ-ଭ୍ରୂଣ !
ଆଧୁନିକା ଷୋଡ଼ଶୀର ହେ ଚିବୁକ, ସୌନ୍ଦର୍ଯ୍ୟର ବିନ୍ଦୁ !
ଛନ୍ଦାୟିତ ପୃଷ୍ଠଦେଶେ ହେ ଲମ୍ବିତ କୃଷ୍ଣ-କେଶ-ବେଣୀ,
କୁମାରୀର ଛନ୍ଦଭରା ଗତି,
ସୁଡ଼ୋଲ ନିତମ୍ବ ଆଉ ନିତମ୍ବିନୀ, ଶକ୍ତ-ପୟୋଧର,
ବସନ୍ତର ଆହେ ନବ-ମନ୍ଦ-ସମୀରଣ !

ସହରର ଅଟ୍ଟାଳିକା, ରାଜପଥ ଆହେ !
ସଚେତନ, ନିୟମିତ ଯେତେ ରବିବାର,
ଅର୍ଦ୍ଧାହାରୀ, ଅନାହାରୀ, ପଙ୍ଗୁ, ଅନ୍ଧ, ଯାଯାବର
ହେ ଅଶ୍ଳୀଳ କୃଷ୍ଣକାୟ-ରିକ୍‌ସାର ଚାଳକ !
ସିନେମା ସଙ୍ଗୀତ ଆହେ !
ସିନେମାର ହେ ନର୍ତ୍ତକୀ, ଝଲମଲ ରୂପେଲି-ପରଦା,
କାନ୍ଥେ-ବାଡ଼େ ବର୍ଷା ମାଡ଼େ ଶତଛିନ୍ନ-ସଫେଦ୍ ପୋଷ୍ଟର,
କାରାଗାର ଗମ୍ବୁଜର ତୀବ୍ର-ଘଣ୍ଟା-ଧ୍ୱନି,
ପଥ ପ୍ରାନ୍ତେ-ଶ୍ରାନ୍ତ-କ୍ଳାନ୍ତ-ବତୀଖମ୍ବ,
ହେ ଟ୍ରାଫିକ୍‌ର ସତର୍କ-ହୁଇସିଲ୍ !
କର୍ମ-ଅନ୍ୱେଷଣରତ ହେ ବେକାର ଜୀବନ୍ତ-କଙ୍କାଳ !

ଗ୍ରାମ ଆହେ ଜନପଦ-ପଥ !
ଲଜ୍ଜାଶୀଳା-ପଲ୍ଲୀବଧୂ, ଜଳପୂର୍ଣ୍ଣ କାଖର କଳସୀ,
ବସ୍ତ୍ର-ଭେଦି ତନୁ ଜଳଛବି
ଓଢ଼ଣୀର ତଳେ ତଳେ ଉଚ୍ଛଳା-ସରମ,

Digitized by srujanika@gmail.com

ଦେହଳିର ସଜବତୀ, ହେ ସଂଧ୍ୟାର ପାତଳ-ଅଂଧାର !
ଗାଆଁ ଦାଣ୍ଡେ ହେ ନଗ୍ନ-ଶିଶୁ-କଲରୋଳ,
ଦେବାଳୟେ ସାନ୍ଧ୍ୟ-ଶଂଖ-ଧ୍ୱନି,
କୁଟୀରର ଛପର ମଥାନୁଁ—
ଊର୍ଦ୍ଧ୍ୱଗାମୀ ହେ ରୋଷେଇ ଧୂଆଁ !
ଖେତ-ଫେରା କର୍ମକ୍ଳାନ୍ତ କୃଷକର ଦୀର୍ଘଶ୍ୱାସ
ପିକାଟଣା ନିଆଁ ···
ପଲ୍ଲୀ-ପ୍ରାନ୍ତ-ତଡ଼ାଗରେ ଆହେ ତମେ ଫୁଟନ୍ତ କମଳ !!

ଶ୍ରମିକର ହେ ଦୁର୍ଗନ୍ଧ ସ୍ୱେଦ-ବିନ୍ଦୁ,
ପେଶୀ-ଦୀପ୍ତ-ବଜ୍ର ଭୁଜ-ବଳ !
ହେ ବିକଟ-ଖଣିଗର୍ତ୍ତ-ମୁଖ,
ଲୌହପିଣ୍ଡ-ବିଚୂର୍ଣ୍ଣକ ହେ ଶାଣିତ-ଉତ୍ତପ୍ତ ମୂଷଳ !!
ଫ୍ୟାକ୍ଟରୀର ଊର୍ଦ୍ଧ୍ୱମୁଖୀ ଚିମିନୀର ଧୂଆଁ,
ମେସିନ୍‌ର ଘର୍ଘର ଘୂର୍ଣ୍ଣନ,
ହେ ଦୁର୍ଗନ୍ଧ-କୁଲିବସ୍ତି, ଟିଣର ଛପର··
କ୍ଷମାଦିଅ ! ଦିଅ କ୍ଷମା ବନ୍ଧୁ ! ମାଫ୍‌କର !!
ଆଜିଠାରୁ ଭୁଲିଲି ମୁଁ ଆପଣାର ସତ୍ତା,
ମୂର୍ଚ୍ଛାକୁ ମୁଁ କଲି ବଳୀୟାନ୍
ଏଇ ମୋର ମାଳ ଏବଂ ଅକ୍ଟୋପାଶ୍-ବାହୁ—
କଲି ବିସ୍ତାରିତ,
ପୋଛିବାକୁ ଆଗାମୀର ଆଦ୍ୟ-ରଶ୍ମିପାତ ।
'ଶାନ୍ତି', 'ମୁକ୍ତି', 'ସ୍ୱାଧୀନତା' ବିଲୁଣ୍ଠିତ କରି—
ଆରମ୍ଭିଲି ଦୀର୍ଘଯାତ୍ରା—
'ଯୁଦ୍ଧ' ଆଉ 'ବନ୍ଧନ' ଓ 'ପରାଧୀନ' ସାଥେ ।
'ଅନ୍ଧକାରେ' ଜଣାଇଁ ସ୍ୱାଗତ;···
ଏଇ ଦେଖ ! ପାନକଲି ସୂର୍ଯ୍ୟର ଶୋଣିତ !
ନଇଁଲି ମୁଁ ପ୍ରାବୃଟର ଧୂମ୍ର-ଜଟ
ଏ ଜାରଜ-ସୃଷ୍ଟିର ଶିଖରେ,

Digitized by srujanika@gmail.com

ଗର୍ଜିଲି ମୁଁ ଝଡ଼-କ୍ଷୁବ୍ଧ-ଘନ,
ଫାଟିଲି ମୁଁ ଉଦ୍‌ଜାନ ଓ ଆଣବିକ-ଗୋଳା,
ଉଡ଼ିଲି ମୁଁ ତେଜସ୍କ୍ରିୟ-ରେଣୁ,
ଭଗବାନ-ପରମାଣୁ କରି ମୁଁ ଲୁଂଠନ,
ଆଁରଂଭିଲି ଅମବାର ଭୂଆସୁଣୀ-ଭୋଜ ।
ଏଇ ମୁଁ ଆଂକିଲି —
ଅଷ୍ଟପାଟମହିଷୀର ଭାଲପଟେ 'ବୈଧବ୍ୟ'-ଲିପିକା,
ପୋଛି ଦେଇ ସୀମନ୍ତ-ସିନ୍ଦୂର
ହସିଲି ମୁଁ ହସିଲି ରେ ଆଜ,
କୃତାନ୍ତର ଓଠେ
ଖାଲି ଏକ ବିକଟ, ବିଭତ୍ସ, ସର୍ବଗ୍ରାସୀ-ସଇତାନୀ-ହସା;
ଜନ୍ମନେଲି ପ୍ରଳୟ-ହୁଂକାରେ
ନଟରାଜ ଶଂକରର ପ୍ରତି ଲୋମକୂପେ,
ତ୍ରିଶୂଳାଗ୍ରେ, ଡମରୁ ମଧ୍ୟମେ —
ଖାଲିଏକ ଧ୍ୱଂସର ଦୁର୍ବାସା ।

ଶିବରାତ୍ରି
୧୯୭୦

ଆକାଶବାଣୀ (କଟକ)ଙ୍କ ସୌଜନ୍ୟରୁ···

Digitized by srujanika@gmail.com

Digitized by srujanika@gmail.com

॥ ଅଂକୁରୋଦ୍‌ଗମ ॥

ଜାଣେନା ମୁଁ କେତେବେଳେ
ଆସିଲୁ ତୁ ଗୋପନେ,
ଆସିଲୁ ତୁ ପ୍ରୀତି-ଗୀତି-ମୂର୍ତ୍ତିରେ !
ଯେଉଁ ଛବି ନିରେଖି ମୁଁ ଦେଖୁଥିଲି ସପନେ
ଅନାଗତ-ଜୀବନର ପାଇଁ ରେ !!

ମୋର ମନ-ଦିଆଲରେ
ପୀରତିର ଖିଆଲରେ
ଝୁଲିଲି କି ଝୁଲିଲି……
ସେହି ଛବି ଝୁଲିଲି,
ଥିରିଥିର ଶିରି ଶିରି ସମୀରର ପରଶେ… ..
ହଲିଲି କି ହଲିଲି ?
ଆକୁଳିତ ପରାଣରେ ବକୁଳର ପାବଣ
ହସିଲି କି ହସିଲାରେ, କାମିନୀ ?
ଆସିଲି କି ଆସିଲାରେ
ବାନ୍ଛିତ-ଚିର-ମଧୁ-ଯାମିନୀ ?

ଯେ ଜୀବନ କେଉଁ ଏକ ଅତୀତର କାଳରୁ,
ବିଦ୍ରୋହ-ମଖା ସଖୀ,
ଅନୁଢ଼ ଶାଳରୁ !
ଯେ ଜୀବନ-ଗଗନଟା ଧ୍ୱାନ୍ତାଶ୍ରି ବିହୀନ……
ଯେ ଜୀବନ ଶ୍ରୀହୀନ;
ହଳାହଳ ସଂବଳ
ଯେ ଜୀବନ ଧ୍ୱଂସର ପାବଣେ ମସ୍ତ……
ବିବ୍ରତ, ବ୍ୟସ୍ତ;—

Digitized by srujanika@gmail.com

ବାଗ୍‌ଦେବୀ ଦେବୀ ଯା'ର
ହୁଏ ନାଇଁ ମାର୍ଜନ..
ଯେ ଜୀବନ ଟେଢ-ପଥ
ଯେ ଜୀବନେ ଅଜଣା;
ସେ ଜୀବନେ କଏ ତୁ-ଉ
ନରମୀ ଗୋ ମରମୀ ?
ସରମର ଚମକ,
ମୃଜର କୂଜନ ତୁ
ଅନାଗତ-ଦରେଷିର କୋଷ୍ଠି......
ଅଗୋ ବନ୍ଧୋଷ୍ଟୀ,
ପ୍ରଣୟର ହେମକ !

ବଧୂବନ-ବଧୂନନ,
ସକାଳର ଚିରାଳ ତୁ
ରଶ୍ମିର ପଙ୍କଜ;
ହସି ଦେଲୁ ମସୀରେ ମୋ'
ଅଳିଅଳୀ କବିତାର ପାଉଁଜ ।

ଏ ଜୀବନ-ରଣଭୂମେ
ତୁ କି ରାଣୀ ଝାନ୍‌ସୀ ?
ବଭେଦର ତଟିନୀରେ
ପ୍ରଣୟର ଫାନ୍‌ସୀ ?—
ବାହୁ ମୋର ଯଷ୍ଟିତେ, ଥାଇ ମୋର ପଷ୍ଟାତେ
ଦେଖିଯାଇ ମନ୍ମଥ-ଅବୟବ ଦହନ,
ରଚିଲୁ କଠିନ-ତପ, ସହ୍ମିରେ !
ସେହୁ ତପେ ଥରିଲ ମୁଁ ପିନାକୀ ..
ଥରିଲ ମୋ' ପିନାକ ..
ଥରାଇଲୁ ଚିତ୍ତ ମୋ'
ଅନାଗତକହ୍ନୀରେ !

Digitized by srujanika@gmail.com

ବାଜିଲଣି ଯେବେ ଆଜ୍ର ବାଜୁ ଗୋ,
ମୋ' ଜୀବନ-ବାଟରେ·····
ତୋ' ଚରଣ-ନୂପୁର,
ଲେଟିଲଣି ଯେବେ ଆଜ ଲେହ୍ନୁ ଗୋ,
ରୁଦ୍ଧ ମୋ' ହୃଦୟର ତଟରେ······
ଛୁଇଲା, ତୋ ଘନ-କଳା ଚିକ୍‌କଣ-ଚିକୁର !!

ଏଟିଲି ମୁଁ ଉଠିଲି···
ଏଇ ମୁଁ ଗୋ ଉଠିଲି,
ପ୍ରଣୟର ରଭସରେ ଏଇ ମୁଁ ଗୋ ଛୁଟିଲି··
ଚୁମ୍ବନ-ଝଟିକା ମୁଁ ଛୁଟିଲି··
ତୋହରି ସେ ରକ୍ତିମ-ଅଧରର ଗଗନେ,
ସୃଜନର ଛନ୍ଦ ମୁଁ ଉଠିଲି ·····
ଆଜିର ଏ ଅଭିନବ-ଲଗନେ ।

କଟକ
ତା।୨୧।୪।୬୦

Digitized by srujanika@gmail.com

॥ ଅଚନ୍ତନୀୟ ॥

•

॰ରୁକ୍ଷ-ଜୀବନ-ହୃଦୟ-କେଦାରେ
ଆଜି କିଆଁ ଉଠେ ପ୍ରୀତି-ପୁଲକର ଏତେ ହିଲ୍ଲୋଳ ?
ଗମ୍ଭୀର-ଚିର-ବାରିଧିର ବୁକେ
ଏକ କଲ୍ଲୋଳ
ଶ୍ଲଥ-ଉଲ୍ଲୋଳ
ଧୂର୍ଜଟି-ଚତେ-ସୃଷ୍ଟି-ସପନ-ମାୟା !
ଲାଞ୍ଛିତ-ଶିରେ ଏକ ଗୌରବ
ପୁରାତନ କରେ ନବ-ଉପହାର
ନିଷ୍ଠୁର ବୁକେ ଏ'କ ମମତାର ଛାୟା !?

କ୍ରନ୍ଦନଶୀଳ-ଗଳେ କା ଜଡ଼ିଲା
ଥର ଥର ଥର
ସାନ୍ତ୍ୱନା-କର-କୁସୁମର ହାର
ମୃତ୍ୟୁର ଚତେ ଏ'କ ଜୀବନର ଭାଷ୍ୟ ?
ନିର୍ଜନ-ପଥେ ଏ'କ ପଦପାତ
ସ୍ଥିର ଚତେ ଏ'କ ଅସ୍ଥିରାଘାତ
ତପ୍ତ-ମରୁରେ ଝରଣାର ଏ'କ ଲାସ୍ୟ ??

ଭଦ୍ରକ
୮।୧୦।୧୦।୭୦

Digitized by srujanika@gmail.com

॥ ଅସ୍ୱୀକାର ॥

କିଏ କହେ ତୁମ୍ଭ 'ଝରାଫୁଲ୍'-ଗୋଷ୍ଠୀ,
କିଏ କହେ 'ଝରାଫୁଲ୍' ?
ତୁମ୍ଭ ଇସ୍ପାତ୍-ପୁଷ୍ପ-କଳିକା
ବଜ୍ର-ବକୁଳ ବହ୍ନି-ବଳାକା
ମରଣର ଖର-ଅସି-ଧାର ଆଗେ ତୁମ୍ଭ ଜୀବନର ଢାଲ ।

ମୋ' ଆଗେ ତୁମ୍ଭଲେ କୁସୁମାୟୁଧର
ଅଧରେ ଚେନାଏଁ ହସ,
ପ୍ରୀତି-ଢଳ ଢଳ, ଗୀତି-କଳ କଳ ,
ମଧୁ-ନିର୍ଝର, ଝରୁ ଝରଝର
ସରଳ ତରଳ ଜଳ-ବେଣୀ ଝର
ସ୍ୱଚ୍ଛ-ସଫେଦ୍ କାଶତଂଢ଼ର ଗସ ।

କସ୍ତୁରୀ ବାସେ ଧାଏଁ ଏଣେ ତେଣେ କୁରଂଗମ ଠା—
ଆପଣାର ନାଭି-ମଂଡଳ ନାହିଁ ଦେଖେ;
ଅନିଶ୍ଚିତର ପଥେ ଧାଉଁ ବରେ
ବ୍ୟାଧ-ଶରାଘାତ, ବୁକେ ।
ତୁମ୍ଭ ସେହିପରି କବିତା ପାଇଁକି
ଅଳକରି ଲେଖୁ ଭାଷା,
ତୁମ୍ଭ ତ ନିଜେ ଲେ କାବ୍ୟ-କବିତା
ଜାଣିକି ନପାରୁ ଯୋଷା ?
ବନ୍ଧୁଲି ଗୋ; ତୋର ଗୋଲାପୀ-ଅଧରେ ବଧୂ-ବନ୍ଦନାର ସୁଅ,
ଯାନୀ, ମୋ' ଆଗେ ସ୍ପଷ୍ଟ ଅଛ ଲୋ,
ତୋର ଚଂପକ ପ୍ରୀତି-ଚନ୍ଦ୍ରର ମୁହଁ !—
ନାଚ ଉଠେ ରହି, ହସି ହସେ ନାହିଁ
ସ୍ୱପ୍ନେ ସଜନୀ ତୋହରି ପରଶ ପାଏ,

Digitized by srujanika@gmail.com

ସେଇ ପରଶର କାରତ-ଗୀତିକା—
ଫୁଟେ ମୋ ଲେଖନୀ ଶାଣିତ-ଅସିରେ
ତରଳ-ମସୀରେ
ଦେବା ପାଇଁ ତା'ର ମୂଲ୍;
କିଏ କହେ 'ସ୍ୱପ୍ନଫୁଲ୍ ?'

'ସବୁରି ଉପରେ ମାନବ ସତ୍ୟ'
ମିଥ୍ୟା ଯଦ୍ୱାଲେ,
ମିଥ୍ୟା ମୋ' ଆଗେ ସିନା,
ତଥାପି ତୁହ୍ୱାଲେ ଚରମ-ସତ୍ୟ, ଦୀନା !
ସତ୍ୟ ତୋହରି ଭୂରୁ-ତରବାରୀ,
ଭୁଜ-ବଲ୍ଲରୀ
ଅଳସ-ମରାଳ ଗତି,
ରୁଣୁଝୁଣୁ କର-କଂକଣ-ଝଙ୍କୃ
ନିର୍ମମ ମମ ହୃଦୟ-ପ୍ରାଚୀର ଟାଳି,—
କହେ ବାରବାର,
'କାହିଁ ଫିଙ୍ଗ ଏ ଧ୍ୱାନ୍ତ-ନୀରାଶ-ଖଡ୍ଗ !'

ଜୀବନ-ପଥେ ମୁଁ ଭେଟିଛି କେତେତଲେ,
ଭେଟିଛି ମାସ୍ୱାଚ ପଲ;
ମରଣ-ବିଜୟୀ ରଥ-ଚକ ତଳେ ଦଳିଛି କେତେ ମୁଁ
ଫାଶୀକାଠ, ଶୂଳୀ,
ବନ୍ଧୁକ ନଳ
କେତେ ଗୁଳା-ଗୁଳି, ଜାରଜ ଫଉଜ,
ତୀର-ତରବାରୀ, ଢାଲ !
ତଥାପି ସୂର୍ଯ୍ୟ ପ୍ରାଚୀ-ଭାଲପଟେ
ଦେଇନି ସଜାଣୀ,
ଦେଇନି ଏ ଯାଏଁ ଦେଖା,
ଆଜି ବି କୁଠୀର ତଡ଼ଧାରେ ଘୂରେ
ମରଣ, ରକ୍ତ-ମୁଖା !

Digitized by srujanika@gmail.com

ଏଇ ପଥେ କେତେ କେତେ ସତୀ-ସୀତା
ସ୍ପଂଦନ-ପ୍ରେରିତ ଧୂରେ;
ପକ୍ଷ-ବିହୀନ ଆହତ-ଜଟାୟୁ
ହେଲେ ବି ଗତାୟୁ
ରାଘବ-ଛବିରେ ଝୁରେ ।
ଚଉଦ୍ଦବଗେ ଖାଲି
ନିନ୍ଦାର ଗାଳି
ଏଠି ମିଳେ ନାହିଁ
ଜୀବନ-ଯୁଦ୍ଧ-ମୂଲ;
ସେପାଇଁ ଅହତ ହୋଇ ସୁକୁମାରୀ
ସ୍ୱାକ୍ଷର ଥାନେ
ଆଂକନ୍ତି ଝରାଫୁଲ । !
ହୁଅ ପଛେ ତୁହି 'ଝରା-କୁସୁମ' ଲୋ,
ମୋ ଆଗେ ଅଛୁ ତୁ
ପ୍ରୀତି-ପରମାଣୁ ବିସ୍ଫୋରଣର ଧୂଆଁ,
ଜୀବନର ଖର-ବଇଶାଖୀ ଢୋର
ଶାଳ ଗୁଇ ମଖା
ଗେରୁଆ ସଡ଼କ ଆ ହା !!

ଭଦ୍ରକ
୬।୪ । ୩ । ୭୦

॥ ଅବ୍ୟକ୍ତ ॥

କେଉଁ ସିନ୍ଧୁର ଦର୍ଶନ ଆଶେ
        ଧାଉଁ ଛୁ ତଟିନୀ , ଧାଉଁ ଲେ
କା'ର ପ୍ରାଣ-ଭରା ଦରଦୀ-ଭାଷାରେ
        ଅକୁହା-ଆଶାରେ
        ପଛକୁ ଫେରି ଛୁ ଗୃହୁଁ ଲେ ?

ପଚ୍ଚାରିବ ତୋତେ ପଚ୍ଚାରିବ ବୋଲି
        କେତେ ବା'ର ମନକରିଛି;
ଜାଣେନା, କାହୁଁ ନୀରବତା କଥା ବରିଛି !!

ଏଇ ମୋ' ପ୍ରବାସ-ଜୀର୍ଣ୍ଣ-କୁଟୀର-ଦୁଆରେ
ଦିନ ଦିନ ଧରି ସ୍ତବ୍‌ଧ ହୋଇଛି ଠିଆ ରେ !
କର୍ମ-ମୁଖର ରାଜପଥ-ବୁକେ
        ଦେଖେ, ତୋ' ଚରଣ ପଡ଼ଇ;
କେବେ କେବେ ତୋର
        ତନୁ-ବଲ୍ଲରୀ ବହନେ;—
ରିକ୍‌ସାର ଚକ ଆଗରୁ ଆଗକୁ ଗଡ଼ଇ ।
        ସବୁ ଦେଖିଛି ଏ ଆଖିଲେ !
କାହୁଁ ମରମି !
ଦିନେ ପାରି ନାହିଁ
        ତୋର ନାମ ଧରି ଡାକିଲେ !!

[illegible]ଠକ
୨୩ ଡିସେମ୍ବର, ୧୯୫୯

Digitized by srujanika@gmail.com

॥ ଅନୁଭବ ॥

କେଉଁ କଳୁଷିତ କଂଠ ସଙ୍ଗୀ
　　ସମ୍ମୁଖେ ମୋର
　　ତୋର ବିଦାୟର
　　ସଙ୍ଗୀତ ଆଜି ଗାଇଲା ?
କେଉଁ ଗଣିକାର ହାର୍ମୋନି କହ
　　ସେହି ବିଦାୟର ମରମ-ଦୋହଲା
　　ସଙ୍ଗୀତ-ସୁର ଧଇଲା ?

ଦ୍ରଷ୍ଟା ମୁଁ, ଆଜି ଦେଖୁଛି ସହସା
ଏଇ ଯେ ତୁଟିଲା ପ୍ରୀତି-ଗୀତି-ଦଶା
କି ଛବି ରେଖିବ ? କି ଗୀତ ଲେଖିବି ?
　　କି ପଦ ଯୋଖିବ, କିଶୋରୀ ?
ମରଣ-ତୋରଣେ ଥୋଇଲେ ଚରଣ
ଦେଇପାରେ ସିନା ତୋହରି ସ୍ମୃତି ପାସୋରି !

ବାଜିଯାଏ କାନେ ତୋହରି କୂଜନ, ଗୀତ-ଗୁଣୁ ଗୁଣୁ
　　କର-କଂକଣ-ତାନ-ରୁଣୁଝୁଣୁ
ଉଦାସୀ ମନ ମୋ' ହୁଏ ଉନ୍ମନ ପ୍ରିୟାରେ !
ବର୍ଷ-ଜର୍ଜର ତନୁତଟେ ବହି—
　　ବିଗତ-କଥାର ମାଳ ଗଣି ଗଣି—
ଚନ୍ଦ୍ରାର ଫଣୀ ମନତଳେ ମୋର—
　　ଯେତେବେଳେ ତା'ର ଫଣା ତୋଳିଲେ ଆସି
　　ବକ୍ଷ ମୋ' ଜଳେ ନିଆଁରେ !!

ମାନସ ପଟେ ମୋ' ନାଚଉଟେ ରହି
　　ଜୀବନର ଚିର ମହାନ୍ ଚିହ୍ନ ଥାନ,

Digitized by srujanika@gmail.com

ଯେଉଁଠି ଝୁରୁଛି ତୋହରି ଅଧର
ଦରଦର ହାସ
ଥର ଥର ଥର କଂପନ-ରସ
କେତେ ଆଡ଼ରୁଷା ବଂକିମ ଗ୍ରୈବ ଗୃହାଣି;
ସେଇ 'ପରିସର' କଂକର ବୁକେ
ଫାଟିଛ ସଖୀ,
କେତେ ଅପାସୋର କାହାଣୀ !

ଅନୁତଶାକ୍ତ ନାହିଁ ଥିଲେ କେହି
ସାହା, ସାଥି, ସଖା ଏ ଜୀବନେ ସହି,
'ଅଂଧାର' ଥିଲା ଜୀବନରେ ମୋର ଆଲୋକ,
ସ୍ୱପ୍ନ ଥିଲା ତୋ ସୃଷ୍ଟି-ସୁଖର
ପ୍ରଣୟ-ମୁଖର ମୁଲକ ।
ସହସା ଦେଖିଲି ଊର୍ଦ୍ଧାକାଶେ ମୋ'
ତୋ' ହେମ-ତନୁର
ପ୍ରଣୟୋଜ୍ଜ୍ୱଳ ବଦ୍ୟୁନତୀର ଝଲକ ।

ତା' ପରେ ନଇଁଲା ରୁକ୍ଷବୁକେ ମୋ'
ଧୀରେ ଧୀରେ ତୋର ବଦନ-ଚରାଳ
ଅଭିନବ ଆଶା ନେଇରେ;
ଭାବିଲି, ଜୀବନେ ଆସିଲା ଶାନ୍ତି
ତୁଟିଲା କ୍ଲାନ୍ତି
ଭୁଲିଲି ଅତୀତ-କ୍ଷତ-ଯଂତ୍ରଣା
ସମାଜ-ରାହୁର ଗ୍ରାସ-ମଂତ୍ରଣା
ଥର ଥର ଥର ତୋହରି ଅଧର —
ମଧୁପାନେ ପ୍ରାଣସହିରେ !

ହଠାତ୍ କଂପା
ପଥବାସୀ-ଗ୍ରଥେ

Digitized by srujanika@gmail.com

ଏ କି ପ୍ରେତାପ୍ରିତ-ଦୁର୍ଯ୍ୟୋଗ-ଗତି
ଉଭା ହେଲ ସାଥୀ ?
ନିର୍ବାପିତ ଏ ଦାବାନଳ ବୁକେ-
କିଏ ଇନ୍ଧନ ଥୋଇଲା;
କେଉଁ ଗଣିକାର ହାର୍ମୋନି ଆଜି
ତୋର ବିଦାୟର ସଂଗୀତ-ସୁର ଧଇଲା ?

କିଏ ସେ ଦୁଷ୍ଟ ଇଂଗିତ ଦେଲା
ଢାଳିବାକୁ ମତେ ପୁନର୍ବାର ମୋ' ଗରଳ ?
କିଏ କାଟିଦେଲା ଏ ମୋର ତରଳ-ମସୀର ଆଖିରୁ
ବାନଚ୍ଛୁତ୍‌-ଶର ପ୍ରୀତି-କବଚାର ପରଳ ?
'ସ୍ୱର୍ଗ' ଟା ତେବେ ହେବ କି ମର୍ତ୍ତ୍ୟ,
ସୃଷ୍ଟି କି ତେବେ ଖୋଜି ବସିଲାଣି ପ୍ରଳୟ ଗର୍ତ୍ତ,
ସଫାକଲାଣି କି
ମନ୍‌ମଥ ନିଜ
ପୌରୁଷହୀନ ସରଣୀ;
ଭୂମିକମ୍ପର ବିକଟ-ସ୍ପର୍ଶ
ଖୋଜିଲାଣିକି ଏ ଧରଣୀ ?
କିଏ ସେ ମୂର୍ଖ,
ଆହତ-ଫଣୀର
ପ୍ରସାରିତ ଫଣା, ବିଦ୍ୟୁତ୍‌-ତନୁ ଛୁଇଁଲା;
କେଉଁ କଳୁଷିତ-କଂଠ ସଜନୀ
ସମ୍ମୁଖେ ମୋର
ତୋର ବିଦାୟର
ସଂଗୀତ ଆଜି ଗାଇଲା ? ?

କଟକ
ତା ୧୪ । ୮ । ୭୦

।। ବ୍ୟତକ୍ରମ ।।

'ଲେଖୁଛି କବିତା ମଳୟ ଦ୍ୱାଳର ଆଜିଏ ପ୍ରଥମ ଦିବସେ
ପ୍ରେୟସୀ ଲୋ, ତାର ପୀରତି-ବିଳାସ-ରଭସେ ।
ମନେ ତ ପଡ଼ୁଛି ସନ୍ଧ୍ୟାରେ;
ଦୁନିଆର ସବୁ ଅଭିଶାପ ଘିରି
ଶିରେ ବହି ଛୁଇଁ ଥିଲି ଯେ ଦିବସେ ଧରଣୀ···
ସେହି ଦିବସ କି ଏହି ରେ ?··

କୁସୁମ-ପୂର୍ଣ୍ଣ-ଜୀବନ-ଡାଲି ମୋ'
ଦୈନ୍ୟ-ଦାନବ ଲୁଟିଛି,
ପ୍ରତିହିଂସାର କ୍ଷତ-ଯନ୍ତ୍ରଣା,
ଏଇ ବିଶ୍ୱର କଟି ତଟେ ତଟେ ଛୁଟିଛି ।
ମୁଁ ନିଜେ ଜାଣେ ନା ବାକିଅଛି କେତେ ଜୀବନର ପଥ,
ବିତିଲି କେତୋଟି ବସନ୍ତ, ଶୀତ—
ପ୍ରାନ୍ତର, ଗିରି, ମରୁ, ଜନପଦ, ସହରେ;
ଗ୍ଳାଳିଛି ଚରଣ ଜାଣେନା କାରଣ—
କେଉଁ ଅଜ୍ଞାତ-ମୋହରେ !!
ଜୀବନରୁ ଅଧେ ବିତାଇ ଆସିଲି
ସାହା-ସାଥିହୀନ ବାଟୋଇ,
ପଛକୁ ଗ୍ରହିଁ ନି, ଲୋ ମନମୋହିନୀ !
ଅଜ୍ଞାତେ ଯାହା ଘଟଇ ।
ସ୍ନେହ ମୁଖଦାନେ ପାଇଛି ଛଳନା
ହେ ମୋର ମାନସୀ, ମରମୀ-ଲଳନା !
ସମ୍ମାନ ଦେଇ ଅସମ୍ମାନିତ ହୋଇଛି;
ଅନ୍ୟେ ଜଣାଇଁ ସମବେଦନା, ମୁଁ—
ବେଦନାର ଝିଙ୍କା ବହିଛି ।

Digitized by srujanika@gmail.com

ଅନାବିଳ ହୋଇ ଆବିଳତା-ବିଷ
ସଞ୍ଚରନ୍ତି ମୋ' ତନୁରେ,
ଦେଖିବାକୁ ଯାଇ ଅନ୍ୟ ଗଗନ କିରଣମାଳୀର ଉଦୟ;
ଅସ୍ତ ଯାଇଛି ଆପଣା ଗଗନ ଭାନୁରେ !
କୁସୁମ ସୁରଭି ମରନ୍ତି;
ପ୍ରିୟତମା ଆଗୋ ! ଜୀବନର ଗୀତ
ମରଣର ସୁରେ ଭରନ୍ତି ।
ତୁଟେ ଯେତେବେଳେ ସୁଖ-ସ୍ୱପ୍ନର ଆଶା ଗୋ !
ଯେବେଳେ ମୁଁ ଭଲେ ପାନ୍ଥବନି ଆଉ
ଦୁର୍ବିପାକର ଘନ-ତମିସ୍ରତ ନିଶା ଗୋ !
ମନ-ଦୁନିଆରୁ ପୋଛିବା ବେଳେ ମୁଁ
ମମତା-ଦୁର୍ଗ-ତୋରଣ;
ସେବେଳେ ଦେଖେ ମୁଁ
ପ୍ରୀତି-ଅଳସିତ, ଭ୍ରୂରୁ-ବିଳସିତ
ତୋହର ମଦିର-ନନ୍ଦନ ।

ଶୟନେ, ସପନେ, ଜାଗରଣେ ସଖି,
ଘନେ ପଡ଼ୁ ଭୁଲି
ମନେ ପଡ଼େ ତୋର
କୋକନଦ ଚଳ-ଚଂଚଳ-ପଦ-ଗୃଳନା;
ଆବିଳତାହୀନ ପୀରତି ମୋର
ହୋଇପାରେ କି ଗୋ ଛଳନା ?

ସେ ଦିନ 'ହଜ' କାଲି ପରି ସିନା ଲାଗଇ,
ତୋର ହେମ-ତନୁ ପରଶ ସଖିରେ
ଆଜି ପୁଣି ମନେ ଜାଗଇ !
ସେହି 'ଜାଗରଣେ' ଧରେ ମୁଁ କଲମ
ରଚିବାକୁ ଗୀତ ପ୍ରିୟାରେ;
ସମୀପେ ମରଣ ପ୍ରେତର ନୃତ୍ୟ
ଚମକାଇ ଦିଏ ହିଆରେ !

Digitized by srujanika@gmail.com

ନଇଁଲଣି ପୁଣି ଦୁର୍ଦ୍ଦିନ-ମେଘ
ଏଇ ମୋ ଜୀବନ-ବାଟରେ;
ପଶିବାକୁ ହେବ ପୁନର୍ବାର ଗୋ
ଜୀବନ-ଯୁଦ୍ଧ-ଜଠରେ !
ଯିବାକୁ ପଡ଼ିବ କାହିଁ କେତେଦୂର
ଚଳାଇ ଅବଶ ଚରଣ,
ଅତିକ୍ରମି ଗୋ ! ଏକ ପରେ ଏକ
ଉଆଁସ ରାତିର ସୋପାନ !
ବ୍ୟତିକ୍ରମର ଅଭିନବ ରେଖା
କାହିଁ ଏତେବେଳେ
ଦେଲୁ ଆସି ଦେଖା ?
ସବୁଲେ ବାଳିକା, ମରୀଚିକା, ମରୁ,
ସବୁ ବୀର ଆଜି କା-ପୁରୁଷ, ଭୀରୁ
ନିରପତ୍ତାର କଂଠ ରୁଦ୍ଧ
ଗୋଟିଏ ଆଖିର ପଲକେ;
ସମାଜ-ରାହୁର ମୁଠାରେ ମୋ' ପାଇଁ
ଦୈନ୍ୟ-କୁଠାର ଝଲକେ ।

କଟକ
୭।୯।୨।୬୦

॥ ପ୍ରତୀକ୍ଷା ॥

ତମ ଜୁଡ଼ା ବନା
ମଣ୍ଡିଲେ ଆଜ ଗୋ
ସୁରଭିତ ସଜ—
ବକୁଳର ହାର
                    ସଜନୀ,
ତମ ବିନା ସିନା
ଚକ୍ଷୁ-ହୀନ ମୁଁ
ଅତୀବ ଦୀନ ମୁଁ
ପଥେ ପଥେ ମୋର
ମାତେ ଘନ-ଘୋର-
ଦୁର୍ବିପାକର
                    ରଜନୀ !

କହ କେତେ ଦିନ
ଆଗୋ ହେମ ଗୋରୀ,
ନିଶି-ଉଜାଗରେ
ରହିବ ତମରି-
ଆଗମନ-ପଥ
              ଗୃହିଁରେ ?
ହୃଦୟ ତ ମୋର
ନେଇଛି ଚୋରାଇ,
ଭଲ ପାଇବା ଠା
ତମଠାରେ ସିନା
ଦେଇଛି ସଁପାଇ
କହ କେତେଦିନ
ବଂଚିବି ପ୍ରିୟେ

Digitized by srujanika@gmail.com

Digitized by srujanika@gmail.com

ସେଦିନ ମୋ' ନିଜ
ନିବିଡ଼ ମୋ' ଭୂଜ-
ବନ୍ଧନେ ତମେ
ଥାଇଟି !

ଥିବାଯାଏ ଜୀବ
ସ୍ମୃତିରେ ଜାଗିବ
ସେହି ମୁହୂର୍ତ୍ତ
ଏ ଜୀବନେ ଆଉ
ସତେ କି ଆସିବ,
ସତେ କେଉଁଦିନ
ନିଗାଡ଼ିବ ପୁଣି
ନିଗାଡ଼ିବ ରାଣୀ,
ସକୋରେ ତମର
ଅଧରର ମଧୁ-
କଳସୀ;
ମନେ ପଡ଼ ତମେ
ଅଳସୀ

ସତେ କେଉଁ ଦିନ
ପ୍ରୀତି-ଫଳଝର,
ତମେ ଥିର ଥିର
ଏଇ ମୋ' କୁଟୀରେ
ଫେରିବ !
ସତେ କି ଉଠିବ
ଦାବାନଳ-ଦାହ-
ଜୀବନ-ଆକାଶେ
ମିଳନର ଝଡ଼-
ବରଷା !

Digitized by srujanika@gmail.com

ସତେ କେଉଁଦିନ
ମୁଖେ ମୋ’ ବାଜିବ
ତମରି ହାତର
ଇପ୍‌ସିତ-ଚିର
ରଙ୍ଗିନାହାର
ପରଷା !!?

ଦିନେ ଅଧେ ନୁହେଁ, କେତେ ଗୋଟିଦିନ ହେଲାଣି,
ଏଇ ମୋ’ କୁଟୀରୁ ତମେ ଟିଗୋ ନେବାର ମେଲାଣି !
କହିଥିବା ଦିନ
ନପାଇ ସଜାଳା,
ତମ ଦରଶନ
ଯାହା ମୁଁ ଭୋଗିଛି
ସେଦିନ କଷଣ,
ଗୃହଁ ଗୃହଁ ଦିବା-
ହେଲା ଅବସାନ
ଗୃହଁରେ...
ଧଇରେ ମୂଷଳ-
ଧାରରେ ବରଷା-
ଛାଡୁଥିଲା ଯୋଷା !
ଗଗନ-ବୁକୁରେ
ଗମ୍ଭୀର-ସ୍ୱରେ
ସ୍ତନିତ-ଡମରୁ
ବାଜୁଥିଲା ପ୍ରାଣ-
ସହରେ !

କର ବା ନକର
ବିଶ୍ୱାସ ତମେ,
ନୟନ ଗଗନୁ
ମୋର ସେହିଦିନୁ

Digitized by srujanika@gmail.com

ଝର ଝର ଝର
ଘନ-ଆଷାଢ଼ର
ଅବାରିତ-ବାରି
ଝରୁଛି...,
ଶୁଣ ଅଛି ପ୍ରିୟେ,
ରୋଧି ନ ହୁଁ ତାକୁ
ଯାଉଛି !

ହୃଦୟର ରାଣୀ'
କହିବ କାହାରେ
ଏ ପୋଡ଼ା-ଜୀବନ-
ଗୋପନ-କାହାଣୀ ?
ଦିନ ପରେ ଦିନ
ମୁଁ କି ବିତାଉନି
ବାହିର ଘନ-
ନିର୍ଜନ-ଯାମ
ତମ ଦରଶନ
ପାଇଁ କି ?
ପୀରତରେ ମୋର
ଆଖି-ଲୁହ-ଧାର
ଶୋଣିତର ଗାର,
ଆନ୍ତରିକତା
ନାହିଁ କି ?

ଜାଗୁନିକି ସଖୀ,
ଜାଗୁନିକି ତମ-
ମାନସେ ମୁଁ ଜମା;
ହେଉନି ଆକୁଳ
ଗଂଡ ତମର
ମୋର ଚୁମ୍ବା ବିନା ?

Digitized by srujanika@gmail.com

ଦେଖୁନକ୍କ ତମେ
ଶପ୍ନେ-ସପନେ,
ବିଭାବରୀ-ଘନ-
ଅବଗୁଣ୍ଠନେ
ତନୁ-ଜଡ଼ାଜଡ଼ି
ଭୁଜ-ଭିଡ଼ାଭିଡ଼ି
ହେ ମୋର ପ୍ରୀତିର
ମାନ ସରୋବର
କୋକନଦ କଢ଼ି !
କାବ୍ୟ-ନାୟିକା,
ବଧୂରେ !
ପାଗଲ ମୁଁ ଆଜି
ତମକୁ ହରାଇ
ସୁଦୂରେ !

ଏଇ ଉଠିଲାଣି
ଶୁକ୍ର ତାରକା,
ଶେଷ ବି ହେଲାଣି
ଏ କବିତା ଲେଖା,
ଶେଷ ହୋଇ ଆସେ
ରଜନୀ,
ତମ ଜୁଡ଼ା ବନା
ମଉଳେ ଆଜି ଗୋ
ସୁରଭିତ ସଜ-
ବଉଳର ହାର
ସଜନୀ !!

କଟକ
ତା ୯ । ୭ । ୭୦